ବର୍ଷ-୨୬, ସଂଖ୍ୟା-୧୯୬
ଭୁବନେଶ୍ୱର
୨୨, ଜୁଲାଇ ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 196
Bhubaneswar
22 July, 2026, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ନୂଆଦିଲ୍ଲୀରେ ଆନ୍ଦୋଳନ ଜୋରଦାର

## ରାହୁଲ ଗାନ୍ଧି ଓ ଅଖିଲେଶଙ୍କୁ ବଳପୂର୍ବକ ଉଠାଇ ନେଲା ପୁଲିସ୍





ନୂଆଦିଲ୍ଲୀ,୨୧।୭; ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭ ଲୋକ କଲ୍ୟାଣ ମାର୍ଗ ବାସଭବନ ବାହାରୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଲେଶ ଯାଦବଙ୍କୁ ବଳପୂର୍ବକ ଉଠାଇ ନେଇଛି ପୁଲିସ। ଉଭୟ ନେତା ଅନ୍ୟ ସଦସ୍ୟମାନଙ୍କ ସହ ଆଜି ଅପରାହ୍ନ ସମୟରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ବାସଭବନ ବାହାରେ ବିକ୍ଷୋଭ କରୁଥିଲେ।

କଂଗ୍ରେସ ତରଫରୁ ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି ଭଦ୍ରା ଓ ଅନ୍ୟ ବରିଷ୍ଠ ନେତାମାନେ ରାତିତମାମ ବିସି ରହିବାକୁ ଯୋଜନା କରିଥିଲେ। ହେଲେ ସନ୍ଧ୍ୟା ସମୟରେ ସେମାନଙ୍କୁ ପୁଲିସ୍ ଘୋଷଡା ଘୋଷଡି କରିବା ସହ ଉଠାଇ ନେଇ ଅଟକ ରଖିଛି।ପୁଲିସ୍ ରାହୁଲ ଗାନ୍ଧିଙ୍କୁ ଉଠାଇବା ବେଳେ ସେ ତଳେ ଶୋଇ ପଡିଥିଲେ। ସେହି ଅବସ୍ଥାରେ ତାଙ୍କୁ ପୁଲିସ୍ ଉଠାଇ ନେଇ ଅଟକ ରଖିଛି। ରାହୁଲଙ୍କ ଉପରେ ପୁଲିସ୍ ବଳ ପ୍ରୟୋଗ କରିଥିବାରୁ ଏହାକୁ ନେଇ ବେଶ ଉତ୍ତେଜନା ମଧ୍ୟ ଦେଖିବାକୁ ମିଳିଥିଲା। ପୁଲିସର ଟଣା ଓଟରା ମଧ୍ୟରେ ବିରୋଧୀ ଦଳ ନେତା ରାହୁଲ ନାକ ଓ ମୁହଁରେ ଆଘାତ ଲାଗିଥିବା କୁହାଯାଉଛି। ନିଟ ପ୍ରଶ୍ନପତ୍ର ଲିକ ଓ କକ୍ରୋଚ ଜନତା ପାର୍ଟିର ସମର୍ଥକଙ୍କ ଉପରେ ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ କଂଗ୍ରେସ ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଲ୍ଲୀର ୭ ଲୋକ କଲ୍ୟାଣ ମାର୍ଗ ସ୍ଥିତ ବାସଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଥିଲା। କଂଗ୍ରେସର ବରିଷ୍ଠ ନେତାମାନେ ବିକ୍ଷୋଭ କରୁଥିବାରୁ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ ନିଜେ ରାହୁଲ ଗାନ୍ଧିଙ୍କ ସହ ଆଲୋଚନା କରିଥିଲେ।ହେଲେ ରାହୁଲ ଗାନ୍ଧି ଓ କଂଗ୍ରେସର ବରିଷ୍ଠ ନେତାମାନେ ବିକ୍ଷୋଭ ସ୍ଥଳରୁ ଇଞ୍ଚେ ମଧ୍ୟ ଘୁଞ୍ଚି ନଥିଲେ। ବରଂ ରାତି ତମାମ ବିକ୍ଷୋଭ ହେବ ବୋଲି ଘୋଷଣା କରିଥିଲେ। କଂଗ୍ରେସର ବିକ୍ଷୋଭ ଦେଖି ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଅଖିଲେଶ ଯାଦବ ସେଠାରେ ପହଞ୍ଚିଥିଲେ।

କିନ୍ତୁ ଏହାର କିଛି ସମୟ ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବାସଭବନ ବାହାରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆରମ୍ଭ ହୋଇଥିଲା। ପୁଲିସ୍ ଜଣଙ୍କ ପରେ ଜଣେ ବିକ୍ଷୋଭ କରୁଥିବା ନେତାଙ୍କୁ ଘୋଷାଡି ଘୋଷାଡି ଭ୍ୟାନରେ ଭର୍ତ୍ତି କରିଛନ୍ତି। ସମସ୍ତଙ୍କୁ ସମ୍ଭବତଃ ସଂସଦ ଥାନକୁ ନେବାକୁ ଯୋଜନା ହୋଇଥିବା ଜଣାପଡିଛି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ନିଟ ପ୍ରଶ୍ନପତ୍ର ଲିକ ଓ ସିଜେପି ସମର୍ଥକଙ୍କ ଉପରେ ଲାଠି ମାଡ ଘଟଣାରେ ଗୃହରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିବୃତି, ଗୃହରେ ବିତର୍କ, ଶିକ୍ଷାର୍ଥୀମାନେ କରୁଥିବା ଦାବିକୁ ଶୁଣିବା ଓ ସୋମବାର ସିଜେପିର ଶୋଭାଯାତ୍ରା ବେଳେ ଘଟିଥିବା ହିଂସାକାଣ୍ଡର ତଦନ୍ତ ଦାବିରେ କଂଗ୍ରେସ ଆଜି ପ୍ରଧାନମନ୍ତ୍ରୀ ମୋଦିଙ୍କ ବାସଭବନ ଘେରାଉ କରିଥିଲା।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିକୁ ରାହୁଲ ଗାନ୍ଧି ଓ କଂଗ୍ରେସର ଅନ୍ୟ ନେତାମାନେ ଆହୁରି ଜୋରଦାର କରିଛନ୍ତି। ଶ୍ରୀ ପ୍ରଧାନଙ୍କ ଇସ୍ତଫା ବ୍ୟତୀତ ନିଟ ପ୍ରଶ୍ନପତ୍ର ଲିକ ଓ ସିଜେପି ସମର୍ଥକଙ୍କ ଉପରେ ଲାଠି ମାଡ ଘଟଣାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଗୃହରେ ବିବୃତି ରଖନ୍ତୁ ବୋଲି ଦଳ ଦାବି କରିଛି।

ଏଥିସହ ପୂରା ଘଟଣାକୁ ନେଇ ଗୃହରେ ବିତର୍କ, ଶିକ୍ଷାର୍ଥୀମାନେ କରୁଥିବା ଦାବିକୁ ଶୁଣିବା ଓ ସୋମବାର ସିଜେପିର ଶୋଭାଯାତ୍ରା ବେଳେ ଘଟିଥିବା ହିଂସାକାଣ୍ଡର ତଦନ୍ତ କରିବାକୁ ମଧ୍ୟ କଂଗ୍ରେସ ସରକାରଙ୍କୁ କହିଛି। ଏହି ୫ ଦାବି ନେଇ ଆଜି କଂଗ୍ରେସ ପ୍ରଧାନମନ୍ତ୍ରୀ ମୋଦିଙ୍କ ବାସଭବନ ବାହାରେ ବିକ୍ଷୋଭ କରୁଛି।

ବିକ୍ଷୋଭ ସମୟରେ ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ନିଜ ସ୍ୱରକୁ ଶାଣିତ କରିଛନ୍ତି। ସେ ସମସ୍ତ ଦେଶଭକ୍ତମାନଙ୍କୁ ମୋଦିଙ୍କ ବାସଭବନ ଆଗରେ ଚାଲିଥିବା ଧାରଣାରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, "ଶିକ୍ଷାର୍ଥୀଙ୍କ ଉପରେ ଆକ୍ରମଣ ପ୍ରତିଟି ଭାରତୀୟ ପରିବାର ଉପରେ ଆକ୍ରମଣ ସହ ସମାନ। ପ୍ରଧାନମନ୍ତ୍ରୀ ମୋଦି ଭାବୁଛନ୍ତି ଯେ ବିନା ଉତ୍ତରରେ ସେ ଖସିଯିବେ ତାଙ୍କୁ କୌଣସି ପରିଣାମ ଭୋଗିବାକୁ ପଡିବ ନାହିଁ କିନ୍ତୁ ସେ ଏଥିରୁ ରକ୍ଷା ପାଇବେ ନାହିଁ।ଏଥର ଆଉ ନୁହେଁ। ଆମ ଶିକ୍ଷାର୍ଥୀମାନେ ନ୍ୟାୟ ପାଆନ୍ତୁ ବୋଲି ଭାବୁଥିବା ପ୍ରତି ଦେଶଭକ୍ତ ଭାରତୀୟଙ୍କୁ ମୁଁ ଆମ ଧାରଣାରେ ସାମିଲ ହେବାକୁ ନିମନ୍ତ୍ରଣ କରୁଛି। ଭାରତୀୟ ଶିକ୍ଷାର୍ଥୀଙ୍କ ସ୍ୱରକୁ କେବେ ହେଲେ ଅଣଦେଖା କରାଯାଇ ପାରିବ ନାହିଁ।" ପ୍ରଧାନମନ୍ତ୍ରୀ ମୋଦିଙ୍କ ବାସଭବନ ବାହାରେ କଂଗ୍ରେସ ବିକ୍ଷୋଭ କରୁଥିବାରୁ ସେଠାରେ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି। ସେହିପରି ବିକ୍ଷୋଭରେ ରାହୁଲ, ପ୍ରିୟଙ୍କା ଓ ମଲ୍ଲିକାର୍ଜୁନ ଖଡଗେଙ୍କ ବ୍ୟତୀତ ନୂଆ କରି ରାଜ୍ୟସଭା ସାଂସଦ ହୋଇଥିବା ପବନ ଖେଡା, ପଞ୍ଜାବ କଂଗ୍ରେସ ମୁଖ୍ୟ ରାଜା ୱାର୍ଣ୍ଣିଂ, ହରିୟାଣା କଂଗ୍ରେସ ନେତା ଦୀପେନ୍ଦର ହୁଡ୍ଡା ଓ କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ଡିକେ ଶିବ କୁମାର ମଧ୍ୟ ସାମିଲ ହୋଇଛନ୍ତି। ସ୍ଥିତିକୁ ଦେଖି କିଛି ବରିଷ୍ଠ କଂଗ୍ରେସ ନେତାଙ୍କୁ ମଧ୍ୟ ପୁଲିସ୍ ଉଠାଇ ନେଇଥିବା ଜଣାପଡିଛି।

## ଜନ୍ତରମନ୍ତରକୁ ପୁଣି ଦଖଲ କଲା ସିଜେପି

ନୂଆଦିଲ୍ଲୀ,୧୨।୭ :ସୋମବାର ଦେଶର ରାଜଧାନୀରେ ଦେଖାଯାଇଥିବା ହାଇଡ୍ରାମା ପରେ ପୁଣିଥରେ ଯନ୍ତରମନ୍ତରରେ ବିକ୍ଷୋଭ ଆରମ୍ଭ କରିଛି କକ୍ରୋଚ ଜନତା ପାର୍ଟି ବା ସିଜେପି। ଦଳର ସଦସ୍ୟମାନେ ଆଜି ଯନ୍ତରମନ୍ତରରେ ଏକାଠି ହୋଇ ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରିଛନ୍ତି। ସୋମବାର ସିଜେପି ପକ୍ଷରୁ ସଂସଦ ଚାଲୋ ଶୋଭାଯାତ୍ରା ବେଳେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ପୁଲିସ୍ ବିକ୍ଷୋଭକାରୀଙ୍କ



ଉପରେ ଲାଠିଚାର୍ଜ କରିବା ସହ ଯନ୍ତରମନ୍ତରରେ ଥିବା ବିକ୍ଷୋଭସ୍ଥଳକୁ ହଟାଇ ଦେଇଥିଲା। ସେଠାରେ ଥିବା ଷ୍ଟେଜ ଓ ଟେଣ୍ଟ ପୁଲିସ୍ ପକ୍ଷରୁ କାଢ଼ି ନିଆଯାଇଥିଲା।କିନ୍ତୁ ଆଜି ସକାଳୁ ସିଜେପି ସଦସ୍ୟମାନେ ଯନ୍ତରମନ୍ତରରେ ପହଞ୍ଚି ପୁଣି ଆନ୍‌ଦୋଳନ ଆରମ୍ଭ କରିଛନ୍ତି। ଆନ୍‌ଦୋଳନ ଜାରି ରଖିବାକୁ ସିଜେପି ଘୋଷଣା କରିଥିବାରୁ ବିପୁଳ ସଂଖ୍ୟାରେ ପୁଲିସ ଓ ଆରଏଏଫ ସଦସ୍ୟମାନଙ୍କୁ ଯନ୍ତରମନ୍ତରରେ ମୁତୟନ କରାଯାଇଛି।

ସୋମବାର ସିଜେପିର ସଂସଦ ଚାଲୋ ଶୋଭାଯାତ୍ରା ସମୟରେ ଭୟଙ୍କର ଘଟଣା ଘଟିଥିଲା। ହଜାର ହଜାର ସିଜେପି ସମର୍ଥକ ସଂସଦ ଅଭିମୁଖେ ଯାଉଥିବା ବେଳେ ପୁଲିସ୍ ସହ ସେମାନଙ୍କର ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ୧୦୦ରୁ ଅଧିକ ପୁଲିସ୍ କର୍ମଚାରୀ ଆହତ ହୋଇଛନ୍ତି। ସେହିପରି ପୁଲିସ୍‌ର ଲାଠିଚାର୍ଜ ଓ ଟିୟର ଗ୍ୟାସ ମାଡ ଯୋଗୁ ୬୦ରୁ ଅଧିକ ସିଜେପି କର୍ମୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପୁଲିସ୍ ୭୦ ଜଣ ବିକ୍ଷୋଭକାରୀଙ୍କୁ ଅଟକ ରଖିଥିବା ବେଳେ ହିଂସାକାଣ୍ଡ ଘଟାଇଥିବା ଅଭିଯୋଗରେ କିଛି ଅଜଣା ବ୍ୟକ୍ତିଙ୍କ ନାଁରେ ପୁଲିସ ଏଫଆଇଆର ରୁଜୁ କରିଛି। ଗୋଟିଏ ବିବୃତିରେ ଦିଲ୍ଲୀ ପୁଲିସ କହିଛି ଯେ ପ୍ରତିବାଦ ସମୟରେ ଆନ୍‌ଦୋଳନକାରୀମାନେ ଅନିୟନ୍ତ୍ରିତ, ଆକ୍ରମଣାତ୍ମକ ଓ ହିଂସାତ୍ମକ ଆଚରଣ ପ୍ରଦର୍ଶନ କରିଥିଲେ। ବାରମ୍ବାର ସତର୍କ କରାଯିବା ଓ ନିର୍ଦ୍ଦେଶ ଦିଆଯିବା ସତ୍ତ୍ୱେ ଆନ୍ଦୋଳନକାରୀମାନେ ପଛକୁ ହଟି ନଥିଲେ। ସେମାନେ ଜାରି ହୋଇଥିବା କଟକଣାକୁ ମଧ୍ୟ ଉଲ୍ଲଂଘନ କରିଥିଲେ ବୋଲି ପୁଲିସ କହିଛି।

ଅନ୍ୟପକ୍ଷରେ ସଂସଦ ଚାଲୋ ମାର୍ଚ୍ଚ ସମୟରେ ଦିଲ୍ଲୀ ପୁଲିସ ଅତ୍ୟଧିକ ବଳ ପ୍ରୟୋଗ କରିଥିବା ଅଭିଯୋଗ କରିଛନ୍ତି ବିକ୍ଷୋଭକାରୀ। ଏହି ଘଟଣାରେ ଅନେକ ଶିକ୍ଷାର୍ଥୀ ଆହତ ହୋଇଛନ୍ତି। ସିଜେପି ପକ୍ଷରୁ ପୁଲିସ୍ କରୁଥିବା ବର୍ବରତାର ଏକାଧିକ ଭିଡିଓ ଜାରି କରାଯାଇଛି। ପୁଲିସ୍ କାର୍ଯ୍ୟାନୁଷ୍ଠାନ ବେଳେ ଆହତ ହୋଇଥିବା ଜଣେ ୨୦ ବର୍ଷୀୟ ଛାତ୍ରୀ ଏବେ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି। ତାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ସେ ସୋମବାର ଠାରୁ ହିଁ ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲର ଆଇସିୟୁରେ ରହିଛନ୍ତି। ତାଙ୍କ ଅବସ୍ଥା ଆଦୌ ଭଲ ନଥିବା କୁହାଯାଉଛି।

## ତିନି ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୨୧।୭(ମହାଭାରତ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଅଗଷ୍ଟ ୩ରୁ ୫ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ଗସ୍ତ ଅବସରରେ ସେ ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁରରେ ଆୟୋଜିତ ବିଭିନ୍ନ ସରକାରୀ, ଶିକ୍ଷାନୁଷ୍ଠାନ ଓ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ପ୍ରସ୍ତୁତ ଖସଡ଼ା କାର୍ଯ୍ୟସୂଚୀ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ଗସ୍ତ ସମୟରେ ସୁରକ୍ଷା, ଯାତାୟାତ, ଆବାସ, ସ୍ୱାସ୍ଥ୍ୟସେବା ଓ କାର୍ଯ୍ୟକ୍ରମ ସ୍ଥଳର ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରି ତାହାର ରିପୋର୍ଟ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ପ୍ରଶାସନ, ପୋଲିସ, ସ୍ଥାନୀୟ ପ୍ରଶାସନ ଓ ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ରାଷ୍ଟ୍ରପତିଙ୍କ ଗସ୍ତକୁ ସଫଳ ଓ ସୁରକ୍ଷିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି। ଖସଡ଼ା କାର୍ଯ୍ୟସୂଚୀ ଅନୁଯାୟୀ ଆବଶ୍ୟକ ପରିବର୍ତ୍ତନ ପରେ ରାଷ୍ଟ୍ରପତିଙ୍କ ଚୂଡ଼ାନ୍ତ କାର୍ଯ୍ୟସୂଚୀ ପ୍ରକାଶ ପାଇବ।

## ୪୫୭୩ କୋଟିର ୨୩ ପ୍ରକଳ୍ପ ମଞ୍ଜୁର ; ନୂଆପଡାରେ ଖାଇବା ତେଲ କାରଖାନା

ଭୁବନେଶ୍ୱର,୨୧।୭(ମହାଭାରତ): ଦେଶର ଅଗ୍ରଣୀ ସୂଚନା ପ୍ରଯୁକ୍ତି (ଆଇଟି) କମ୍ପାନି ଏଚ୍‌ସିଏଲ୍ ଟେକ୍‌ନୋଲୋଜିସ୍ ଲିମିଟେଡ୍ ଖୋର୍ଦ୍ଧାରେ ୭୩୦ କୋଟି ଟଙ୍କା ନିବେଶରେ ଏକ ଗ୍ଲୋବାଲ୍ ଡେଭେଲପମେଣ୍ଟ୍ ସେଣ୍ଟର ସ୍ଥାପନ କରିବ। ଗତବର୍ଷ ଏପ୍ରିଲରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୋଏଡାରେ କମ୍ପାନି କାର୍ଯ୍ୟାଳୟ ପରିଦର୍ଶନ କରି ଓଡିଶାରେ ଏକ କ୍ୟାମ୍ପସ ସ୍ଥାପନ କରିବାକୁ ଏଚ୍‌ସିଏଲ୍‌କୁ କହିଥିଲେ। ଆଜି ୧୪୮ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କମିଟି ବେଠକରେ ଏଚ୍‌ସିଏଲ୍‌ର ପ୍ରକଳ୍ପ ସମେତ ୪୫୭୩.୮୭ କୋଟି ଟଙ୍କା ନିବେଶରେ କାର୍ଯ୍ୟକାରୀ ହେବାକୁ ଥିବା ୨୩ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି।

ପ୍ରକଳ୍ପଗୁଡିକ ପ୍ରତିଷ୍ଠା ହେଲେ ରାଜ୍ୟରେ ୨୨,୮୭୩ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।ବେଠକରେ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡିକ ଅନୁଗୋଳ, ବଲାଙ୍ଗୀର, କଟକ, ଗଞ୍ଜାମ, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ନୂଆପଡା, ପୁରୀ ଓ ସୁନ୍ଦରଗଡ ଜିଲ୍ଲାରେ କାର୍ଯ୍ୟକାରୀ ହେବ। ଗ୍ରୋଇଂ ଟ୍ରି ଅଏଲ୍ ଆଣ୍ଡ୍ ରିଫାଇନାରି ୨୫୦ କୋଟି ଟଙ୍କା ନିବେଶ କରି ନୂଆପଡାରେ ଏକ ଖାଇବା ତେଲ କାରଖାନା ଓ କଟକରେ ଏକ ଡେରି ପ୍ରକଳ୍ପ କରିବ। ପୋଷାକ ଉତ୍ପାଦନ କ୍ଷେତ୍ରରେ ରିଚା ଗ୍ଲୋବାଲ୍ ଏକ୍ସପୋର୍ଟସ୍ ୮୪.୪୫ କୋଟି ଟଙ୍କା, ଆସ୍ଥା କଟ୍‌ସ୍ପିନ୍ ୧୨୪.୫୦ କୋଟି ଟଙ୍କା, ଏସ୍‌ପିଏଲ୍ ଇଣ୍ଡଷ୍ଟ୍ରିଜ୍ ୫୦ କୋଟି ଟଙ୍କା ଓ ଏସ୍‌ଏପିଏଲ୍ ଇଣ୍ଡଷ୍ଟ୍ରିଜ୍ ୨୫୪ କୋଟି ଟଙ୍କା ନିବେଶ କରିବେ। ସେଥିରୁ ତିନିଟି ପ୍ରକଳ୍ପ ପୁରୀରେ ଓ ଗୋଟିଏ ବଲାଙ୍ଗୀରରେ ହେବ। ଏସିଏମ୍‌ଇ କ୍ଲିନ୍‌ଟେକ୍ ସଲ୍ୟୁସନ୍ସ ତରଫରୁ ୭୭୮ କୋଟି ଟଙ୍କା ନିବେଶରେ



ଗଞ୍ଜାମ ଜିଲ୍ଲାରେ ଏକ ଆଲ୍‌କାଲାଇନ୍ ଇଲେକ୍‌ଟ୍ରୋଲାଇଜର୍ କାରଖାନା ମଧ୍ୟ ସ୍ଥାପନ କରାଯିବ।

ଡିଅନ୍ ରିଭରସାଇଡ୍ ଟାଉନ୍‌ସିପ୍‌ର ୨୭୫.୮୯ କୋଟି ଟଙ୍କାର ହସ୍ପିଟାଲ୍ ପ୍ରକଳ୍ପକୁ ମଧ୍ୟ ବେଠକରେ ଅନୁମୋଦନ କରାଯାଇଥିଲା। କଟକରେ ବିଶ୍ୱ ଆଣ୍ଡ୍ ଜିତ୍ ମଲ୍ଟି କମ୍ପ୍ଲେକ୍ସ, ସମ୍ବଲପୁରରେ ଜେଏଏସ୍ ଟାୱାର୍ସ ଏଲ୍‌ଏଲ୍‌ପି ଓ ଖୋର୍ଦ୍ଧାରେ ଶ୍ରୀକ୍ରିଷ୍ଣା ଇଷ୍ଟେଟ୍‌ସ ଆଣ୍ଡ୍ କନଷ୍ଟ୍ରକ୍ସନର ପଞ୍ଚତାରକା ହୋଟେଲ୍ ଓ ରିସୋର୍ଟ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ କରାଯାଇଛି। ଢେଙ୍କାନାଳ ଓ ସୁନ୍ଦରଗଡରେ ଦୁଇଟି ଲଜିଷ୍ଟିକ୍ସ ପାର୍କ କରିବାରେ ଶ୍ରୀ ଜୟବାଲାଜୀ ଏଗ୍ରୋପ୍ରଡକ୍ଟସ୍ ଓ ଲିଙ୍ଗରାଜ ଟ୍ରାନ୍ସଲଜିଷ୍ଟିକ୍ସ ଯଥାକ୍ରମେ ୧୨୦ କୋଟି ଟଙ୍କା ଓ ୧୫୦ କୋଟି ଟଙ୍କା ନିବେଶ କରିବେ। ଟାଟା ଷ୍ଟିଲ୍ ତରଫରୁ କେନ୍ଦୁଝରରେ ଏକ ରେଲୱେ ସାଇଡିଂ ନିର୍ମାଣରେ ୧୬୫.୩୦ କୋଟି ଟଙ୍କା ବିନିଯୋଗ କରାଯିବ।

ଆର୍‌ଏଜି ଇଣ୍ଡଷ୍ଟ୍ରିଜ୍ ଖୋର୍ଦ୍ଧାରେ ୫୨ କୋଟି ଟଙ୍କା ଓ ଶ୍ରୀ ମହାବୀର ଫେରୋ ଆଲୟଜ ସୁନ୍ଦରଗଡରେ ୧୦୫ କୋଟି ଟଙ୍କା ନିବେଶ କରିବେ। ଏନ୍‌ଭିରୋକେୟାର ଇନ୍‌ଫ୍ରାସଲ୍ୟୁସନ୍ ଅନୁଗୋଳରେ ୩୫୧ କୋଟି ଟଙ୍କା ନିବେଶରେ ସୋଲାର ପାୱାର ପ୍ଲାଣ୍ଟ୍ ସ୍ଥାପନ କରିବ। ଇଏଫ୍‌ୱାଇଓଏନ୍‌ଡିଏକ୍ସ ଖୋର୍ଦ୍ଧାରେ ମେଡିକାଲ ଡିଭାଇସ୍ ନିର୍ମାଣ କରିବ। ରସାୟନ କ୍ଷେତ୍ରରେ ଗଞ୍ଜାମରେ ଟ୍ରାନ୍ସପେକ୍ ୩୪୩ କୋଟି ଟଙ୍କା, ଯାଜପୁରରେ ତିରୁପତି ମାଇକ୍‌ରୋଟେକ୍ ୭୦ କୋଟି ଟଙ୍କା ଓ ମୟୂରଭଞ୍ଜରେ କ୍ରେବ୍‌ସ ଇଣ୍ଟରନ୍ୟାସନାଲ୍ ୬୮.୦୧ କୋଟି ଟଙ୍କା ନିବେଶ କରିବେ। ଜିଜିବି ବ୍ୟାଟେରି ଇଣ୍ଡିଆ ତରଫରୁ କଟକରେ ୨୦୨.୫୦ କୋଟି ଟଙ୍କା ନିବେଶରେ ଏକ ଜିଙ୍କ ଆନୋଡ୍ ବ୍ୟାଟେରି କାରଖାନା ନିର୍ମାଣ କରାଯିବ।

## ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି କଲେ ନବୀନ

ନୂଆଦିଲ୍ଲୀ,୨୧।୭(ମହାଭାରତ)। ନିଟ୍ ପ୍ରସଙ୍ଗରେ ଦିଲ୍ଲୀରେ କକ୍ରୋଚ ଜନତା ପାର୍ଟି (ଉଔଚ)ର ଆନ୍‌ଦୋଳନ ଜାରି ରହିଥିବା ବେଳେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଦିଲ୍ଲୀ ଗସ୍ତ ଅବସରରେ ମଙ୍ଗଳବାର ଦଳୀୟ ସାଂସଦ ସହ ଆଲୋଚନା ପରେ ସେ ଏହି ପ୍ରତିକ୍ରିୟା ରଖିଛନ୍ତି।

ନବୀନ ପଟ୍ଟନାୟକ କହିଛନ୍ତି, ଦିଲ୍ଲୀରେ ଘଟୁଥିବା ଗମ୍ଭୀର ପରିସ୍ଥିତିକୁ ନେଇ ମୁଁ ବିଜେଡି ସାଂସଦମାନଙ୍କ ସହ ଏକ ବୈଠକ କରିଛି। ପରିସ୍ଥିତି ଅତ୍ୟନ୍ତ ସଂଘାତିକ। ବହୁ ସଂଖ୍ୟାରେ ଛାତ୍ରଛାତ୍ରୀଙ୍କୁ ଆକ୍ରମଣ କରାଯାଇଛି। ବିଜେଡି ସାଂସଦମାନେ ହସ୍ପିଟାଲ ଯାଇ ସେମାନଙ୍କୁ ଭେଟିଛନ୍ତି। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ମୋତେ ଆସନ୍ତାକାଲି ସକାଳେ ଭୁବନେଶ୍ୱର ଫେରିବାକୁ ପଡ଼ିବ। କିନ୍ତୁ ଆମ ସାଂସଦମାନେ ଏହି ମାମଲାକୁ ଗମ୍ଭୀରତାର ସହ ଉଠାଇବେ। ଶିକ୍ଷା ମନ୍ତ୍ରୀ ଇସ୍ତଫା ଦେବା ଉଚିତ୍ କି ନାହିଁ ବୋଲି ମୋତେ ପଚରାଯାଇଥିଲା। ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ମୋର ମନେହୁଏ, ସେ ଇସ୍ତଫା ଦେବା ଉଚିତ।

## ହୀରାକୁଦର ଖୋଲିଲା ଆଉ ୪ ଗେଟ୍

ସମ୍ବଲପୁର, ୨୧।୭(ମହାଭାରତ): ହୀରାକୁଦ ଜଳଭଣ୍ଡାରର ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରକୁ ବିପୁଳ ପରିମାଣର ବନ୍ୟା ଜଳ ପ୍ରବେଶ କରିବାରେ ଲାଗିଛି। ଫଳରେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ପୁଣି ଆହୁରି ୪ଟି ସ୍ଲୁଇସ ଗେଟ୍ ଖୋଲାଯାଇ ମୋଟ ୮ଟି ଗେଟ୍‌ରେ ଅତିରିକ୍ତ ବନ୍ୟା ଜଳ ନିଷ୍କାସନ କରାଯାଉଛି।

ଖୋଲା ଯାଇଥିବା ମୋଟ ୮ଟି ସ୍ଲୁଇସ ଗେଟ ମଧ୍ୟରୁ ବର୍ତ୍ତମାନ ଜଳଭଣ୍ଡାରର ବାମ ପାର୍ଶ୍ୱରୁ ୫ଟି ଏବଂ ଦକ୍ଷିଣ ପାର୍ଶ୍ୱର ୩ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି।



ବର୍ତ୍ତମାନ ଅପରାହ୍ନ ସାଢେ ୨ଟା ସମୟରେ ହସ୍ତଗତ ସୂଚନା ଅନୁସାରେ ବର୍ତ୍ତମାନ ଜଳଭଣ୍ଡାରର ଜଳସ୍ତର ୬୧୩.୫୦ ଫୁଟ୍ ବୃଦ୍ଧି ପାଇଥିବା ବେଳେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୫୫ ହଜାର ୬୩୭ ଘନଫୁଟ ବନ୍ୟା ଜଳ ପ୍ରବେଶ କରୁଛି। ଏନେଇ ଜଳଭଣ୍ଡାରରୁ ସମାନ ପରିମାଣର ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି।

୮ଟି ସ୍ଲୁଇସ ଗେଟ ଜରିଆରେ ୧ ଲକ୍ଷ ୨୧ ହଜାର ୨୦୦ ଘନଫୁଟ ଏବଂ ବିଭିନ୍ନ କେନାଲ, ପାୱାର ଚ୍ୟାନେଲ ଓ ଶିଳ୍ପଭିତ୍ତିକ ବ୍ୟବହାର ମାଧ୍ୟମରେ ମୋଟ ୩୪,୪୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସୂଚନା ଯୋଗ୍ୟ, ଗତ ୯ ତାରିଖରେ ହୀରାକୁଦ ଜଳଭଣ୍ଡାରରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇ ୧୦ଟି ସ୍ଲୁଇସ ଗେଟ ଖୋଲା ଯାଇଥିଲା ଓ ଗତ ୧୪ ତାରିଖରେ ସମସ୍ତ ଗେଟକୁ ବନ୍ଦ କରି ଦିଆଯାଇଥିଲା। ପୁଣିଥରେ ଗତ ୧୯ ତାରିଖରେ ୪ଟି ଓ ମଙ୍ଗଳବାର ପୁଣି ୪ଟି ମିଶି ମୋଟ ୮ଟି ସ୍ଲୁଇସ ଗେଟ ଜରିଆରେ ହୀରାକୁଦ ଜଳଭଣ୍ଡାରରୁ ମହାନଦୀକୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି।

## ଆଗାମୀ ପଞ୍ଚାୟତ, ପୌର ନିର୍ବାଚନ ପ୍ରସ୍ତୁତି : ନିର୍ବାଚନ ଆୟୋଗଙ୍କ ବଡ଼ ବୈଠକ

ଭୁବନେଶ୍ୱର, ୨୧।୭(ମହାଭାରତ): ଆଗାମୀ ପଞ୍ଚାୟତ ଏବଂ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆରମ୍ଭ ହୋଇଛି। ଏହି ବୈଠକରେ ରାଜ୍ୟର ସମସ୍ତ ଜିଲାପାଳଙ୍କ ସହ ଭିଡିଓ କନଫରେନ୍ସ (ଭିସି) ମାଧ୍ୟମରେ ବିସ୍ତୃତ ଆଲୋଚନା କରାଯାଉଛି।

ବୈଠକରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନର ସୁଚାରୁ ପରିଚାଳନା, ପ୍ରସ୍ତୁତି, ଭୋଟର ତାଲିକାର ଅଦ୍ୟତନ, ମତଦାନ କେନ୍ଦ୍ରର ବ୍ୟବସ୍ଥା, ନିର୍ବାଚନୀ କର୍ମଚାରୀଙ୍କ ନିଯୁକ୍ତି, ଆବଶ୍ୟକ ଭିତ୍ତିଭୂମି ଓ ଅନ୍ୟାନ୍ୟ ପ୍ରଶାସନିକ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରାଯାଉଛି। ଏଥିସହ ଜିଲ୍ଲାସ୍ତରରେ ନିର୍ବାଚନ ପରିଚାଳନାରେ ସମ୍ଭାବ୍ୟ ସମସ୍ୟା, ସେଗୁଡ଼ିକର ସମାଧାନ, ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ, ଆଇନଶୃଙ୍ଖଳା ବ୍ୟବସ୍ଥା ଏବଂ ମତଦାନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ନେବାକୁ ଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା ହେବା ନେଇ ସୂଚନା ମିଳିଛି।

ନିର୍ବାଚନ ଆୟୋଗ ଜିଲାପାଳମାନଙ୍କୁ ନିର୍ବାଚନୀ ପ୍ରସ୍ତୁତିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ସହ ସମସ୍ତ ପର୍ଯ୍ୟାୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିବା ସୂଚନା ମିଳିଛି। ଆଗାମୀ ଦିନରେ ପଞ୍ଚାୟତ ଓ ପୌର ନିର୍ବାଚନର ସମ୍ଭାବ୍ୟ କାର୍ଯ୍ୟସୂଚୀ ଘୋଷଣା ପୂର୍ବରୁ ଏହି ବୈଠକକୁ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଶାସନିକ ମହଲରେ ଚର୍ଚ୍ଚା ହେଉଛି।

ସଚିବଙ୍କ କହିବା ଅନୁଯାୟୀ, ଅକ୍ଟୋବର ୨୬ରୁ ନଭେମ୍ବର ୭ ପର୍ଯ୍ୟନ୍ତ ଘରକୁ ଘର (ଡୋର ଟୁ ଡୋର) ସର୍ଭେ କରାଯିବ। ଏହି ସର୍ଭେ ଆଧାରରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତ ହେବ। ଆଜିର ବୈଠକରେ ଏହି ସର୍ଭେ ସମ୍ପର୍କରେ ବିସ୍ତୃତ ନିଷ୍ପତ୍ତି ନିଆଯାଇଛି।ଚଳିତ ମାସ ୩୧ ତାରିଖ ସୁଦ୍ଧା ସର୍ଭେ ପାଇଁ ଟିମ୍ ଗଠନ କାର୍ଯ୍ୟ ଶେଷ କରାଯିବ। ଏହି ଟିମ୍‌ରେ ବୁଥ୍ ଲେଭେଲ ଅଫିସର, ଅଙ୍ଗନୱାଡି ଏବଂ ଆଶା କର୍ମୀଙ୍କୁ



ସାମିଲ କରାଯିବ। ସେମାନେ ଘରକୁ ଘର ବୁଲି ଭୋଟରଙ୍କ ତଥ୍ୟ ସଂଗ୍ରହ କରିବେ।ରାଜ୍ୟ ନିର୍ବାଚନ ଆୟୋଗ ସୂଚନା ଦେଇଛନ୍ତି ଯେ, ଆସନ୍ତା ଫେବୃଆରୀ ୧୦ ତାରିଖ ସୁଦ୍ଧା ସମସ୍ତ ୱାର୍ଡର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ତେବେ ଦେଶବ୍ୟାପୀ ଜନଗଣନା ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ପଞ୍ଚାୟତ ଓ ପୌର ନିର୍ବାଚନ ସାମାନ୍ୟ ବିଳମ୍ବ ହୋଇପାରେ ବୋଲି ସଚିବ ସୂଚନା ଦେଇଛନ୍ତି।ଏହାଛଡ଼ା ନିର୍ବାଚନ ପ୍ରସ୍ତୁତି ସମ୍ପର୍କିତ ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ବୈଠକରେ ନିଆଯାଇଛି। ପୁରୁଣା ବାଲଟ ବକ୍ସଗୁଡ଼ିକର ମରାମତି କରାଯିବା ସହ ଆବଶ୍ୟକତା ଅନୁଯାୟୀ କିଛି ନୂଆ ବାଲଟ ବକ୍ସ ମଧ୍ୟ କ୍ରୟ କରାଯାଇଛି।ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ଜଣେ ଭୋଟର ଯେପରି ଦୁଇଟି ସ୍ଥାନରେ ଭୋଟର ଭାବେ ନାମଭୁକ୍ତ ନହୋଇପାରିବେ, ସେଥିପାଇଁ ଡି-ଡୁପ୍ଲିକେସନ୍ ଆପ୍ ବ୍ୟବହାର କରିବାକୁ ମଧ୍ୟ ରାଜ୍ୟ ନିର୍ବାଚନ ଆୟୋଗ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଏକାଧିକ ସ୍ଥାନରେ ନାମ ଥିବା ଭୋଟରଙ୍କୁ ଚିହ୍ନଟ କରି ତାଲିକାକୁ ଅଧିକ ସଠିକ୍ କରାଯିବ। ରାଜ୍ୟ ନିର୍ବାଚନ ଆୟୋଗଙ୍କ ଏହି ପଦକ୍ଷେପ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଏବଂ ତ୍ରୁଟିମୁକ୍ତ ଭାବେ ପରିଚାଳନା କରିବାରେ ସହାୟକ ହେବ ବୋଲି ପ୍ରଶାସନିକ ମହଲରେ ମତ ପ୍ରକାଶ ପାଇଛି।

# ଛେନା ପୁର ମଣ୍ଡା ପିଠା

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥରେ ଅରୁଆ ଚାଉଳକୁ ପାଣିରେ ଭିଜାଇ ରଖନ୍ତୁ। କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ। ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ। ଗ୍ୟାସରେ କଡ଼େଇ ବସାଇ ନଡ଼ିଆ କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ। ଆପଣ ଏଠାରେ ଚାହିଁଲେ ଚିନି ଜାଗାରେ ଗୁଡ଼ ମଧ୍ୟ ପକାଇ ପାରିବେ। ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ। ପାଣି ଫୁଟିଯିବା ପରେ ଚାଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଲାନ୍ତୁ। ଜନ୍ତା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଜନ୍ତା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୂର ଦେଇ ଗୋଲ ଗୋଲ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ। ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା।



ଖବର

# ଦୁନିଆରେ ସର୍ବଶ୍ରେଷ୍ଠ ଗୁରୁ



ଜଣେ ରାଜା ଥିଲେ। ତାଙ୍କୁ ଲେଖାପଢାର ଖୁବ ସଉକ ଥିଲା। ଏକଦା ମନ୍ତ୍ରୀ ପରିଷଦଙ୍କ ଜରିଆରେ ସେ ନିଜ ପାଇଁ ଏକ ଗୁରୁଙ୍କ ବ୍ୟବସ୍ଥା କରିବାକୁ ଜଣାଇଲେ। ଗୁରୁ ମଧ ରାଜାଙ୍କୁ ପଢାଇବାକୁ ପ୍ରତିଦିନ ଆସିବାକୁ ଲାଗିଲେ। ମାତ୍ର ରାଜାଙ୍କୁ କୌଣସି ଲାଭ ମିଳିବା ଭଳି ଅନୁଭବ ହେଲା ନାହିଁ। ରାଜା ଖୁବ ଚିନ୍ତିତ ରହିଲେ। ସେ ଗୁରୁଙ୍କ ଯୋଗ୍ୟତା ଓ ପ୍ରତିଭା ଉପରେ ମଧ ପ୍ରଶ୍ନ ଉଠାଇବାକୁ କୁଣ୍ଠା ପ୍ରକାଶ କଲେ, କାରଣ ସେ ଖୁବ ପ୍ରସିଦ୍ଧ ଗୁରୁ ଥିଲେ। ମାତ୍ର ଗୋଟିଏ ଦିନ ରାଣୀ ରାଜାଙ୍କୁ ପରାମର୍ଶ ଦେଇ କହିଲେ, ରାଜା ଆପଣ ଗୁରୁଙ୍କ ଏ ବିଷୟରେ ଥରେ ପଚାରି ଦେଖନ୍ତୁ। ଥରେ ରାଜା ସାହସ କରି ଗୁରୁଙ୍କ ସମ୍ମୁଖରେ ପଚାରିଲେ, ହେ ଗୁରୁଦେବ କ୍ଷମା କରନ୍ତୁ, ମୁଁ ବହୁ ମାସରୁ ଆପଣଙ୍କ ଠାରୁ ଶିକ୍ଷା ଗ୍ରହଣ କରୁଛି। ମାତ୍ର ମତେ କୌଣସି ଲାଭ ମିଳୁ ନାହିଁ, ଏହାର କାରଣ କ'ଣ? ଗୁରୁଜୀ ଖୁବ ଶାନ୍ତ ସ୍ୱରରେ ଉତ୍ତର ଦେଲେ, ରାଜା ଏହାର କାରଣ ଖୁବ ସରଳ। ଏହା ଶୁଣି ରାଜା କହିଲେ, ମତେ ଶୀଘ୍ର ଏହାର ଉତ୍ତର ଦିଅନ୍ତୁ ଗୁରୁଦେବ। ଗୁରୁଜୀ କହିଲେ, ରାଜା କଥା ଖୁବ ସରଳ। ମାତ୍ର ଆପଣ ନିଜେ ବଡ଼ ଓ ଅଂହକାର କାରଣରୁ ଏହାକୁ ବୁଝି ପାରୁ ନାହାନ୍ତି। ଯାହା ଫଳରେ ଆପଣ ଚିନ୍ତିତ ଓ ଦୁଃଖୀ ହେଉଛନ୍ତି। ମାନୁଛି ଆପଣ ଜଣେ ବଡ଼ ରାଜା। ବିଭିନ୍ନ ଦୃଷ୍ଟିକୋଣରୁ ଆପଣ ମୋ ଠାରୁ ପଦବୀ, ପ୍ରତିଷ୍ଠାରେ ବଡ଼, ମାତ୍ର ଏଠାରେ ଆପଣଙ୍କର ଓ ମୋର ସମ୍ପର୍କ ହେଉଛି କେବଳ ଗୁରୁ ଓ ଶିଷ୍ୟର। ଗୁରୁ ହେବା ଦୃଷ୍ଟିରୁ ମୋ ସ୍ଥାନ ଆପଣଙ୍କ ଠାରୁ ଉଚ୍ଚରେ ହେବା ଆବଶ୍ୟକ। ମାତ୍ର ଆପଣ ସ୍ୱୟଂ ଉଚ୍ଚ ସିଂହାସନରେ ବସୁଛନ୍ତି ଏବଂ ମତେ ତଳେ ଆସନରେ ବସାଉଛନ୍ତି। ଏହାସହ ମନରେ ମଧ ରାଜା ହେବାର ଅହଂଭାବ ରଖୁଛନ୍ତି। କେବଳ ଏହି କାରଣରୁ ହିଁ ଆପଣଙ୍କୁ କୌଣସି ଶିକ୍ଷା ପ୍ରାପ୍ତି ହେଉ ନାହିଁ କି ଜ୍ଞାନ ପ୍ରାପ୍ତି ହେଉ ନାହିଁ। ଆପଣ ରାଜା ହୋଇଥିବାରୁ ମୁଁ ସିଧାସଳଖ ଏହି କଥା ଜଣାଇ ପାରୁ ନଥିଲି। କାଲି ଠାରୁ ଯଦି ଆପଣ ମତେ ଉଚ୍ଚ ଆସନରେ ବସାଇବା ସହ ସ୍ୱୟଂ ତଳେ ଆସନରେ ବସିବେ ତେବେ ଆପଣଙ୍କ ସମସ୍ୟାର ନିଶ୍ଚୟ ସମାଧାନ ହୋଇଯିବ। ଏହା ଶୁଣି ରାଜାଙ୍କୁ ନିଜର ଭୁଲକୁ ସ୍ୱୀକାର କରିବା ସହ ନିଜ ଭୁଲକୁ ସୁଧାରିଲେ। ଏହାସହ ଗୁରୁଙ୍କ ଠାରୁ ଶିକ୍ଷା ମଧ ପ୍ରାପ୍ତି କଲେ। ଏହି ସୁନ୍ଦର କାହାଣୀର ସାରାଂଶ ହେଉଛି, ଆମେ ନିଜେ ସମ୍ପର୍କ, ପଦବୀ, ଧନବୈଭବ ଯେଉଁଥିରେ ମଧ ଉଚ୍ଚ ସ୍ଥାନରେ ରହିଲେ ମଧ ଗୁରୁଙ୍କୁ ସର୍ବଦା ଉଚ୍ଚରେ ରଖିବା ସହ ତାଙ୍କୁ ଯଥେଷ୍ଟ ସମ୍ମାନ ଦେବା ଉଚିତ। କେବଳ ଉଚ୍ଚ ନୀଚ ଆସନରେ ନୁହେଁ ବରଂ ମନରୁ ମଧ ଗୁରୁଙ୍କୁ ସମ୍ମାନ ଦେବା ନିତାନ୍ତ ଆବଶ୍ୟକ।

# ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଅଁଳା

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଅଁଳା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ ସହିତ କ୍ୟାଲସିୟମ, ମ୍ୟାଗ୍ନେସିୟମ, ପଲିଫେନାଲ ଓ ଆଇରନ ଭଳି ପୋଷକ ତତ୍ତ୍ୱ ରହିଛି। ଛୋଟ ଛୁଆ ଓ ବୟସ୍କଙ୍କ ପାଇଁ ଅଁଳା ଖୁବ ଉପକାରୀ। ପ୍ରତିଦିନ ଅଁଳା ଖାଇଲେ ସଂକ୍ରମଣର ଭୟ ନଥାଏ। ତେବେ ଆସନ୍ତୁ ଜାଣିବା, ଡାଏଟରେ ଅଁଳାକୁ କିପରି ସାମିଲ କରିପାରିବା।

♦ ବଜାରରେ ମିଳୁଥିବା ଅଁଳା କ୍ୟାଣ୍ଡି ଖାଇ ପାରିବେ। ଏହି କ୍ୟାଣ୍ଡିକୁ ଆପଣ ଚାହିଁଲେ ଘରେ ମଧ ତିଆରିକରି ପାରିବେ। ଏଥିପାଇଁ ପ୍ରଥମେ ଅଁଳାକୁ ସିଝାଇ ଚିନିରେ ପକାଇ ଖରାରେ ଶୁଖାଇ ଦିଅନ୍ତୁ। ଶୁଖିଯିବା ପରେ ଏୟାରଟାଇଟ ଡବାରେ କ୍ୟାଣ୍ଡିକୁ ଭର୍ତ୍ତି କରି ରଖନ୍ତୁ।

♦ ଅଁଳା ଚଟଣି ତିଆରି କରିବା ବହୁତ ସହଜ। ଏଥିପାଇଁ ଚିନି, ଭିନେଗାର ଓ ଗୁଜୁରାତିକୁ ମିଶାଇ ଅଁଳା ଚଟଣି ତିଆରି କରିପାରିବେ। ଆପଣ ଚାହିଁଲେ ଘରେ ଜିରା, ସୋରିଷତେଲ, ମେଥି ଓ ଅନ୍ୟାନ୍ୟ ସାମଗ୍ରୀ ମିଶାଇ ଅଁଳା ଆଚାର ମଧ ପ୍ରସ୍ତୁତ କରିପାରିବେ।

♦ ସେହିପରି ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ପ୍ରତିଦିନ ଗୋଟିଏ ଗ୍ଲାସ ପାଣିରେ ଅଁଳା ରସ ଓ ମହୁ ମିଶାଇ ପିଅନ୍ତୁ। ଏହାଦ୍ୱାରା କେବଳ ରୋଗ ପ୍ରତିରାଧକ ଶକ୍ତି ବୃଦ୍ଧି ହୋଇନଥାଏ, ତ୍ୱଚା ମଧ ସୁସ୍ଥ ରହିଥାଏ।



# ପର୍ଯ୍ୟଟକଙ୍କୁ ଏବେ ବେଶି ପସନ୍ଦ ସମୁଦ୍ର

ବର୍ତ୍ତମାନ ସମସ୍ତେ ଚାହାନ୍ତି ନିଜ ବ୍ୟସ୍ତସୂଚୀରୁ ସମୟ ବାହାର କରି ଘର ବାହାରେ ଟିକେ ସମୟ ବିତାଇବା । କିନ୍ତୁ ଅନେକଙ୍କୁ ଜଣାନାହିଁ କି ସେମାନେ କେଉଁଠାକୁ ଯିବେ ବା ଯିବା ଉଚିତ । ଚଳିତ ବର୍ଷ ଖରା ସିଜିନର ଛୁଟିରେ ପରିବାର ସହ ବୁଲିବା ପାଇଁ ଗୋଆ, ନୈନିତାଲ, ଋଷିକେଶ, ଗ୍ୟାଙ୍ଗଟକ ଓ ମାଉଣ୍ଟଆବୁ ଏବେ ଟପ ଫାଇଭ ପସନ୍ଦର ପର୍ଯ୍ୟଟନ ଭାବରେ ସାମନାକୁ ଆସିଛି । ଗୁଡ ହସ୍ପିଟାଲିଟି ଦେଉଥିବା କମ୍ପାନୀ ଓୟାର ଏକ ସର୍ଭେରେ ଏହି ଦାବି କରାଯାଇଛି । ଏହି ସର୍ଭିସ ଗ୍ରୀଷ୍ମକାଳୀନ ଅବକାଶ ସୂଚକାଙ୍କ ପାରିବାରିକ ସଂସ୍କରଣ ୨୦୨୨ନାମରେ କରାଯାଇଛି । ଜୁନ ପ୍ରଥମ ଦୁଇ ସପ୍ତାହର ସର୍ବେକ୍ଷଣରେ ପାଖାପାଖି ୨୦୦୦ ଲୋକଙ୍କ ରାୟ ନିଆଯାଇଥିଲା । ଏଥିରେ ସବୁଠୁ ଅଧିକ ଲୋକେ କହିଥିଲେ କି ପିଲାମାନଙ୍କ ସହ ମନପସନ୍ଦର ବୁଲିବା ସ୍ଥାନ ହେଉଛି ଗୋଆ । ଏହି ସର୍ଭେରେ ୮୫ପ୍ରତିଶତ ଅଭିଭାବକମାନେ କହିଥିଲେ କି ସେମାନଙ୍କୁ କାମ କରିବାକୁ ଓ ପିଲାଙ୍କୁ ବ୍ୟସ୍ତ ରଖିବାକୁ ମୁସ୍କିଲ ହେଉଛି । ଯେଉଁଥି ପାଇଁ ସେମାନେ ପରିବାର ସହ ବୁଲିବା ପାଇଁ ଯୋଜନା ବନାଇଛନ୍ତି । ଏହି ସର୍ଭେ ହିସାବରେ ଭାରତରେ ୬୫ପ୍ରତିଶତରୁ ଅଧିକ ଅଭିଭାବକ ଏହି ଗରମରେ ନିଜ ପିଲାଙ୍କ ସହ ବୁଲିବାର ପ୍ଲାନ କରିଥାନ୍ତି ବା ଇଚ୍ଛା ରଖିଥାନ୍ତି । ଟପ ଫାଇଭ ପର୍ଯ୍ୟଟନସ୍ଥଳ ମଧ୍ୟରେ ଗୋଆ, ନୈନିତାଲ, ଋଷିକେଶ, ଗ୍ୟାଙ୍ଗଟକ ଓ ମାଉଣ୍ଟଆବୁ ସାମିଲ ରହିଛି । ଗୋଆ ଦୃଷ୍ଟିକୋଣରୁ ଏହା ପ୍ରମାଣିତ ହେଉଛି କି ପାହାଡ଼ ଠାରୁ ବେଶି ସମୁଦ୍ରକୁ ଲୋକେ ପସନ୍ଦ କରୁଛନ୍ତି । ଓୟାର ସିନିୟର ଭାଇସ ପ୍ରେସିଡେଣ୍ଟ ଓ ମୁଖ୍ୟ ସେବା ଅଧିକାରୀଙ୍କ କହିବା ଅନୁସାରେ ଫ୍ୟାମିଲି ଟ୍ରିପ୍‌ରେ ଆସୁଥିବା ପର୍ଯ୍ୟଟକ ବେଶୀ ପାହାଡ ବା ହିଲ ସ୍ଥାନକୁ ନଯାଇ ବିଶେଷ ଭାବେ ସମୁଦ୍ର ଥିବା ସ୍ଥାନ, ସ୍ୱିମିଙ୍ଗପୁଲ, ପିଲାଙ୍କ ଖେଳ ସ୍ଥାନ ଓ ରୁମରେ ବଡ଼ ଟେଲିଭିଜନକୁ ପସନ୍ଦ କରୁଛନ୍ତି । ବସ୍ତାପ୍ୟାକ ଏଡଭେଚରର ଫାଉଣ୍ଡର କହିଛନ୍ତି କି ଋଷିକେଶରେ ଭିଡ଼ ବହୁତ ବଢିବାରେ ଲାଗିଛି । ବିଶେଷ କରି ସହରରେ । ଏମିତିରେ ଲୋକେ ସହରରୁ କିଛି ଦୂର ମୋହନଚଟ୍ଟୀ ପଥରେ ଅଗ୍ରସର ହେଉଛନ୍ତି । ଯାହା ଫଳରେ ଭିଡରୁ କିଛିଟା ବଞ୍ଚିପାରିବେ ପର୍ଯ୍ୟଟକ । ଏଭଳି ସ୍ଥାନରେ କେମ୍ପିଙ୍ଗ, ରାଫ୍ଟିଙ୍ଗ ଭଳି ବିକଳ୍ପ ଉପଲବ୍ଧ ରହିଛି । ସେ ଆହୁରି କହିଛନ୍ତି ଯେ ପାହାଡ ମଧ୍ୟରେ ହୋମ ଷ୍ଟେକୁ ମଧ ବେଶୀ ପସନ୍ଦ କରାଯାଉଛି ।



# କନ୍ୟା ପ୍ରଥମେ କାହିଁକି ବରଣମାଳା ପିନ୍ଧାନ୍ତି



ଭାରତୀୟ ବିବାହରେ ହଳଦୀ, ମେହେନ୍ଦି,ସାତଫେରା ଏବଂ ବରଣମାଳା ଆଦି ରୀତିନୀତି ରହିଥାଏ। ସେଥିମଧ୍ୟରୁ ବରଣମାଳା ରୀତିନୀତିକୁ ସବୁଠାରୁ ମଜାଦାର ଏବଂ ହୃଦୟସ୍ପର୍ଶୀ ବୋଲି ବିବେଚନା କରାଯାଇଥାଏ। ଯେତେବେଳେ କନ୍ୟା ଏବଂ ବର ପରସ୍ପରର ବେକରେ ମାଳା ପିନ୍ଧାନ୍ତି। ସେହି ମୁହୂର୍ତ୍ତ ବିବାହର ଆରମ୍ଭକୁ ଚିହ୍ନିତ କରେ।

କିନ୍ତୁ କେବେ ଭାବିଛନ୍ତି କି କନ୍ୟା ସବୁବେଳେ କାହିଁକି ପ୍ରଥମେ ବରଣମାଳା ପିନ୍ଧାନ୍ତି ? ଏହା କେବଳ ଏକ ପରମ୍ପରା ନୁହେଁ, ବରଂ ଗଭୀର ଅର୍ଥ ତଥା ଅନେକ ଶୁଭ ସଙ୍କେତ ବହନ କରିଥାଏ। ଏହି ରୀତି କେବଳ ଏକ 'ଫଟୋ ମୁହୂର୍ତ୍ତ' ନୁହେଁ, ବରଂ ପ୍ରେମ, ସମ୍ମାନ ଏବଂ ଗ୍ରହଣର ଏକ ସୁନ୍ଦର ବାର୍ତ୍ତା ବହନ କରେ। କୁହାଯାଏ ଯେ, ଏହି ମୁହୂର୍ତ୍ତରେ, କନ୍ୟା ତାଙ୍କ ବରକୁ ସମ୍ପୂର୍ଣ୍ଣ ହୃଦୟର ସହିତ ଗ୍ରହଣ କରିଥାନ୍ତି।

ଏଥିରେ ବର ତାଙ୍କର ସମ୍ମତି ପ୍ରକାଶ କରିଥାନ୍ତି। ଶାସ୍ତ୍ରଙ୍କ ଅନୁସାରେ, ଏହି ରୀତି ସିଧାସଳଖ ଶିବ ଏବଂ ପାର୍ବତୀଙ୍କ ବିବାହ ସହିତ ଜଡିତ। ଯାହା ବୈବାହିକ ଜୀବନରେ ସୁଖ, ସମୃଦ୍ଧି ଏବଂ ପାରସ୍ପରିକ ବୁଝାମଣାକୁ ସୁଦୃଢ଼ କରିଥାଏ।

କନ୍ୟା ପ୍ରଥମେ କାହିଁକି ବରଣମାଳା ପିନ୍ଧାନ୍ତି ?

ବିବାହକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ। କୁହାଯାଏ ଯେ, ଏହି ସମୟରେ ବର ଏବଂ କନ୍ୟାଙ୍କୁ ଭଗବାନ ଶିବ ଏବଂ ଦେବୀ ପାର୍ବତୀ ଭାବରେ ପୂଜା କରାଯାଏ। ବରଣମାଳା ରୀତି ମଧ୍ୟ ସମାନ ଭାବରେ ପବିତ୍ର। ଏହି ରୀତିରେ, କନ୍ୟା ପ୍ରଥମେ ମାଳା ପିନ୍ଧାଇଥାନ୍ତି। କାରଣ ବିବାହରେ ଜଣେ ମହିଳାଙ୍କ ସମ୍ମତି ସର୍ବୋପରି ଗୁରୁତ୍ୱପୂର୍ଣ୍ଣ।

ଯେତେବେଳେ କନ୍ୟା ବରଙ୍କୁ ବରଣମାଳା ପିନ୍ଧାନ୍ତି, ଏପରି କରି ସେ କୁହନ୍ତି, 'ମୁଁ ତୁମକୁ ମୋର ଜୀବନସାଥୀ ଭାବରେ ଗ୍ରହଣ କରୁଛି।' ସେହିପରି ଯେତେବେଳେ ବର କନ୍ୟାଙ୍କୁ ବରଣମାଳା ପିନ୍ଧାନ୍ତି ଏହା ସୂଚିତ କରିଥାଏ ଯେ, 'ମୁଁ ମଧ୍ୟ ତୁମକୁ ସମ୍ପୂର୍ଣ୍ଣ ହୃଦୟ ସହିତ ଗ୍ରହଣ କରୁଛି।'

ଶାସ୍ତ୍ରଙ୍କ ଅନୁସାରେ, ବରଣମାଳାର ପ୍ରଥମ ପର୍ଯ୍ୟାୟରେ ମଙ୍ଗଳ ଏବଂ ଶୁକ୍ର ଗ୍ରହଙ୍କର ଶୁଭ ପ୍ରଭାବ ରହିଥାଏ। ଏହି କାରଣରୁ ବିବାହ ସମୟରେ ଏହି ରୀତି ପ୍ରଥମେ କରାଯାଇଥାଏ, ଯାହା ଦ୍ୱାରା ସମ୍ପର୍କ ପ୍ରେମ, ସୌଭାଗ୍ୟ ଏବଂ ଖୁସିରେ ପରିପୂର୍ଣ୍ଣ ହେବ।

ଯେତେବେଳେ କନ୍ୟା ପ୍ରଥମେ ବରଣମାଳା ପିନ୍ଧାନ୍ତି, ଏହା ସୂଚିତ କରେ ଯେ, ସେ ନିଜେ ସେମାନଙ୍କ ସମ୍ପର୍କରେ ପ୍ରେମ ଏବଂ ବୁଝାମଣା ଆରମ୍ଭ କରୁଛନ୍ତି। ଏହା ଦର୍ଶାଏ ଯେ, ଅହଂକାର ନୁହେଁ ବରଂ ପାରସ୍ପରିକ ସମ୍ମାନ ଏବଂ ଘନିଷ୍ଠତା ଯେକୌଣସି ସମ୍ପର୍କକୁ ମଜବୁତ କରେ।

ଏହି ରୀତି ବୈବାହିକ ଜୀବନରେ ସକାରାତ୍ମକ ପ୍ରଭାବ ଆଣେ ଏବଂ ଉଭୟଙ୍କ ମଧ୍ୟରେ ଭାବପ୍ରବଣ ବନ୍ଧନକୁ ଆହୁରି ଗଭୀର କରେ। ଯେପରି ଭଗବାନ ଶିବ ଏବଂ ମାତା ପାର୍ବତୀ ପ୍ରେମ ଏବଂ ସମାନତା ସହିତ ସେମାନଙ୍କର ସମ୍ପର୍କ ବଜାୟ ରଖନ୍ତି, ସେହିପରି ଏହି ରୀତି ପ୍ରତ୍ୟେକ ଦମ୍ପତିଙ୍କୁ ସମାନ ଭାବନା ସହିତ ବଞ୍ଚିବାକୁ ଶିଖାଇଥାଏ।

'ହଁ' କହିବାର ଏକ ଉପାୟ

ଯେତେବେଳେ କନ୍ୟା ବରଙ୍କୁ ବରଣମାଳା ପିନ୍ଧାନ୍ତି, ଏହା କେବଳ 'ହଁ' କହିବାର ଏକ ଉପାୟ ନୁହେଁ, ବରଂ ଏକ ପ୍ରତିଶ୍ରୁତି ଯେ, ଆମେ ଏକାଠି ରହିବା, ବୁଦ୍ଧିମାନ ଭାବରେ କାର୍ଯ୍ୟ କରିବା ଏବଂ ସମ୍ପର୍କକୁ ପ୍ରାଥମିକତା ଦେବା। ଏହି ରୀତି ବାର୍ତ୍ତା ପ୍ରଦାନ କରେ ଯେ, ବିବାହରେ, କେହି ବଡ଼ କିମ୍ବା ଛୋଟ ନୁହଁନ୍ତି, କିନ୍ତୁ ଉଭୟ ସମାନ। ବରଣମାଳାର ପ୍ରତ୍ୟେକ ଫୁଲ ସମ୍ପର୍କର ପ୍ରତ୍ୟେକ ରଙ୍ଗକୁ ପ୍ରତିନିଧିତ୍ୱ କରିଥାନ୍ତି। ଏହା ଦ୍ୱାରା ଦାମ୍ପତ୍ୟ ଜୀବନରେ ବିଶ୍ୱାସ, ପ୍ରେମ, ସମ୍ମାନ ଏବଂ ସାହଚର୍ଯ୍ୟ ସୃଷ୍ଟି ହୋଇଥାଏ।

ଏହା ଦର୍ଶାଇବାର ଏକ ପ୍ରତୀକାତ୍ମକ ଉପାୟ ଯେ, ବର ଏବଂ କନ୍ୟା ଏବେ ଏକ ନୂତନ ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି, ଯେଉଁଠାରେ ପ୍ରତ୍ୟେକ ନିଷ୍ପତ୍ତି ଏକାଠି ନିଆଯିବ ଏବଂ ପ୍ରତ୍ୟେକ ଅସୁବିଧାକୁ ଏକାଠି ସାମ୍ନା କରାଯିବ।

ପ୍ରାୟତଃ, ଲୋକମାନେ ବରଣମାଳା ସମାରୋହକୁ କେବଳ ଏକ 'ମଜାଦାର ମୁହୂର୍ତ୍ତ' ଭାବରେ ଭାବନ୍ତି, କିନ୍ତୁ ଏହା ଏକ ବିବାହର ଆଧ୍ୟାତ୍ମିକ ଆରମ୍ଭ। ଏହି ମୁହୂର୍ତ୍ତ ସହିତ ଆସୁଥିବା ଶକ୍ତି ଏବଂ ଭାବନା ବୈବାହିକ ଜୀବନର ଗତିପଥ ନିର୍ଣ୍ଣୟ କରିଥାଏ।

# ଗୃହସ୍ଥ ଧର୍ମର ମହତ୍ତ୍ୱ

ମହାଭାରତ ଯୁଦ୍ଧ ଶେଷ ହୋଇସାରିଥିଲା । ଧର୍ମରାଜ ଯୁଧିଷ୍ଠିର ଦିନେ ଏକାନ୍ତରେ ବସିଥିଲେ । ଏହି ସମୟରେ ତାଙ୍କ ମନରେ ଏକ ବିଚାର ଆସିଲା । ସେ ଭାବିଲେ, ନିଜ ଭାଇବନ୍ଧୁଙ୍କୁ ହତ୍ୟା କରି ସେ ରାଜ୍ୟପ୍ରାପ୍ତ କରିଛନ୍ତି । ଏଣୁ ସନ୍ନ୍ୟାସ ନେଇଯିବା ତାଙ୍କ ପକ୍ଷେ ଉଚିତ୍ ହେବ । ଏହି ନିଷ୍ପତ୍ତି ଅନ୍ୟ ଭ୍ରାତାମାନଙ୍କୁ ଶୁଣାଇବା ପରେ ସେମାନେ ଦୁଃଖିତ ହେଲେ । ଅର୍ଜୁନ କହିଲେ, ଭ୍ରାତାଶ୍ରୀ ! ଗୃହସ୍ଥ ଜୀବନଯାପନ କରି ସୁଦ୍ଧା ପୁଣ୍ୟ ଅର୍ଜନ କରାଯାଇପାରିବ । ଭୀମ ଗମ୍ଭୀର ବଚନରେ ନିଜ ମନର ଯନ୍ତ୍ରଣା ପ୍ରକଟ କରି କହିଲେ, ସନ୍ନ୍ୟାସ କ୍ଷତ୍ରିୟଙ୍କ ପାଇଁ ଧର୍ମ ହୋଇପାରେ । ତେବେ ନିଜ କର୍ତ୍ତବ୍ୟ ପାଳନ କରିବା ଦ୍ୱାରା ମଧ ଆମେ ଧର୍ମ ଅର୍ଜନ କରିପାରିବା । ଏହାପରେ ନକୁଳ ଏବଂ ସହଦେବ ମଧ ନିଜ ବଡ଼ଭାଇ ଯୁଧିଷ୍ଠିରଙ୍କୁ ବୁଝାଇବାର ପ୍ରୟାସ କଲେ । ଶେଷରେ ଦ୍ରୌପଦୀ କହିଲେ, ମହାରାଜ ! ଦୁର୍ଯ୍ୟୋଧନ ଏବଂ ତା'ପକ୍ଷର ଲୋକମାନଙ୍କୁ ମାରିବା ସମ୍ପୂର୍ଣ୍ଣ ଭାବେ ନ୍ୟାୟସଙ୍ଗତ ଥିଲା । ଏଭଳି ସ୍ଥିତିରେ ଚିନ୍ତା କରିବାର ଆବଶ୍ୟକତା ନାହିଁ । ଯେଉଁମାନେ ପାପ କରିଛନ୍ତି, ସେମାନେ ଦଣ୍ଡ ପାଇବା ପାଇଁ ଯୋଗ୍ୟ । ପାଣ୍ଡବଙ୍କ ମଧ୍ୟରେ ଏହି ଧର୍ମଚର୍ଚ୍ଚା ଚାଲିଥିବା ବେଳେ ସେଠାରେ ଭଗବାନ ବେଦବ୍ୟାସ ପହଞ୍ଚିଲେ । ସେ ମଧ ଇତିହାସ ଏବଂ ଧର୍ମ ଶାସ୍ତ୍ର ଜରିଆରେ ଯୁଧିଷ୍ଠିରଙ୍କୁ ବୁଝାଇବା ଲାଗି ପ୍ରୟାସ କଲେ । ଏହାପରେ ଯୁଧିଷ୍ଠିର ରାଜିହେଲେ । ହସ୍ତିନାପୁରରେ ସମ୍ପୂର୍ଣ୍ଣ ରାଜକୀୟ ମର୍ଯ୍ୟାଦା ସହ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ହେଲା । ତେବେ କ୍ଷମତାସୀନ୍ ହେବା ପୂର୍ବରୁ ଯୁଧିଷ୍ଠିର ପ୍ରଥମେ ପିତାମହ ଭୀଷ୍ମଙ୍କ ଠାରୁ ନୀତିଶିକ୍ଷା ହାସଲ କରିଥିଲେ ବୋଲି ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ରହିଛି । ଶରଶଯ୍ୟାରେ ଶୋଇ ରହି ଆପଣାର ମୃତ୍ୟୁକୁ ପ୍ରତୀକ୍ଷା କରୁଥିବା ସମୟରେ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ନୀତି ଉପଦେଶ ପ୍ରଦାନ କରିଥିଲେ । ଏହାପରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ସହିତ ସେ ଦେହତ୍ୟାଗ କଲେ । ଏହି ସମୟରେ ପରମ୍ପରା ଅନୁଯାୟୀ ଗଙ୍ଗାନଦୀରେ ତାଙ୍କର ଜଳତର୍ପଣ କରାଯାଇଥିଲା । ଏହି ଘଟଣା ପରେ ଯୁଧିଷ୍ଠିର ଅନେକ ଦଶକ ପର୍ଯ୍ୟନ୍ତ ହସ୍ତିନାପୁରରେ ଧର୍ମରାଜ୍ୟ ପ୍ରତିଷ୍ଠା କରିଥିଲେ । ଶେଷରେ କଳିଯୁଗ ଆରମ୍ଭ ସମୟ ଉପନୀତ ହେବାରୁ ସେ ଏବଂ ଅନ୍ୟ ପାଣ୍ଡବମାନେ ସ୍ୱର୍ଗ ଅଭିମୁଖେ ପ୍ରସ୍ଥାନ କରିଥିଲେ ।



# କୃତ୍ରିମ ବୁଦ୍ଧିମତା ଆଇନଗତ ବିଚାରର ବିକଳ୍ପ ହୋଇପାରିବ ନାହିଁ

**ଭୁବନେଶ୍ୱର, ୨୧ା୭ (ମହାଭାରତ):** ପ୍ରଯୁକ୍ତିର ଅଗ୍ରଗତି ଓ କୃତ୍ରିମ ବୁଦ୍ଧିମତା (ଏଆଇ)ର ଆବିର୍ଭାବ ଅଦାଲତର କାର୍ଯ୍ୟ ପରିଚାଳନାରେ ଦକ୍ଷତା ବୃଦ୍ଧି କରିଥିଲେ ମଧ୍ୟ ଏହା କେବେ ମଧ ସଚେତନ ସମ୍ବେଦନଶୀଳତା, ସ୍ୱତନ୍ତ୍ର ଓ ସ୍ୱାଧୀନ ଆଇନଗତ ବିଚାରର ବିକଳ୍ପ ହୋଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଶ୍ରୀ ହରିଶ ଟଣ୍ଡନ ଶନିବାର କହିଛନ୍ତି। ସୋଆ (ଶିକ୍ଷା ‘ଓ’ ଅନୁସନ୍ଧାନ) ଡିମ୍ଡ-ଟୁ-ବି ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ସମାବର୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନ୍ୟାୟମୂର୍ତ୍ତି ଶ୍ରୀ ଟଣ୍ଡନ କହିଥିଲେ ଯେ, ପ୍ରଯୁକ୍ତିର ବିକାଶ ପାରଂପରିକ ଅଦାଲତ ବ୍ୟବସ୍ଥାରେ ଏକ ବୈପ୍ଲବିକ ପରିବର୍ତନ ଆଣିପାରିଥାଏ, କିନ୍ତୁ ଏହା କେବେ ବି ମାନବୀୟ ବିଚାର ଶକ୍ତିର ସ୍ଥାନ ନେଇପାରିବ ନାହିଁ। ନ୍ୟାୟମୂର୍ତ୍ତି ଶ୍ରୀ ଟଣ୍ଡନ୍ କହିଥିଲେ “ମୁଁ ପ୍ରଯୁକ୍ତିକୁ ବିରୋଧ କରୁନାହିଁ। କାରଣ ଏହା କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ସହ ଅତ୍ୟନ୍ତ ଦ୍ରୁତ ଗତିରେ ସୂଚନା ପ୍ରକ୍ରିୟାକରଣରେ ସହାୟକ ହେଉଛି। କିନ୍ତୁ ଏହା କେବେ ବି ମାନବୀୟ ସମ୍ବେଦନଶୀଳତା ଓ ଆଇନଗତ ଯୁକ୍ତିର ସ୍ଥାନ ନେଇପାରିବ ନାହିଁ” ବୋଲି ସେ କହିଥିଲେ। ସୋଆ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ସମାବର୍ତନ ଉତ୍ସବ ପରିପ୍ରେକ୍ଷୀରେ ୩୦୦ରୁ ଅଧିକ ଗବେଷକଙ୍କୁ ପିଏଚ୍.ଡି. ଉପାଧି ପ୍ରଦାନ କରାଯାଇଥିଲା। ଏହି ଅବସରରେ ସୋଆ ପକ୍ଷରୁ ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତି ଶ୍ରୀ କୃଷ୍ଣ ଶ୍ରୀପଦ ଦୀକ୍ଷିତଙ୍କୁ ସମ୍ମାନସୂଚକ ଡକ୍ଟର ଅଫ୍ ଲ’ (ହନରିସ କଜା) ଉପାଧି ପ୍ରଦାନ କରାଯାଇଥିଲା। ସମାବର୍ତନ ଉତ୍ସବରେ ଓଡ଼ିଶା ହାଇକୋର୍ଟର ୧୫ ଜଣ ଏବଂ କର୍ଣ୍ଣାଟକ ହାଇକୋର୍ଟର ୫ ଜଣ ବିଚାରପତି ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର (ଡା.) ଅମିତ ବାନାର୍ଜୀ ଏହି ସମାବର୍ତନ ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟର ଅଗ୍ରଗତି ସଂପର୍କରେ ରିପୋର୍ଟ ଉପସ୍ଥାପନ କରିଥିଲେ। ନ୍ୟାୟମୂର୍ତ୍ତି ଶ୍ରୀ ଟଣ୍ଡନ କହିଥିଲେ ଯେ ଏକ ସମାଜର ପ୍ରକୃତ ମୂଲ୍ୟାଙ୍କନ ତାହାର ନ୍ୟାୟସଙ୍ଗତ ଆଇନ ବ୍ୟବସ୍ଥା ଉପରେ ନିର୍ଭର କରେ। ଆଇନର ଶାସନ କେବଳ ଏକ ଧାରଣା ନୁହେଁ, ବରଂ ଏହା ନୈତିକତା, ସତ୍ୟନିଷ୍ଠା ଓ ସ୍ୱଚ୍ଛତାକୁ ନେଇ ଗଠିତ ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ନ୍ୟାୟ ପ୍ରଦାନ। ସେ କହିଥିଲେ, “ସାମ୍ବିଧାନିକ ନୈତିକତା ହେଉଛି ଆମର ସଂଘୀୟ ବ୍ୟବସ୍ଥାର ପ୍ରାଣଶକ୍ତି। ଏହା ସମ୍ବିଧାନରେ ନିହିତ ଆଦର୍ଶଗୁଡ଼ିକୁ ସୁରକ୍ଷିତ ରଖିବା ସହ ନ୍ୟାୟ, ମର୍ଯ୍ୟାଦା ଓ ଦାୟିତ୍ୱବୋଧ ମାଧ୍ୟମରେ ସମାଜର ଅଗ୍ରଗତିକୁ ସୁନିଶ୍ଚିତ କରିଥାଏ।” ଭାରତର ପୂର୍ବତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଶ୍ରୀ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ‘ସନ୍ତୋଷ ସିଂହ ବନାମ ୟୁନିଅନ ଅଫ୍ ଇଣ୍ଡିଆ’ ମାମଲାର ରାୟକୁ ଉଲ୍ଲେଖ କରି ସେ କହିଥିଲେ ଯେ ଗଣତନ୍ତ୍ରର ପ୍ରକୃତ ଶକ୍ତି କେବଳ ସମ୍ବିଧାନର ବିଭିନ୍ନ ଧାରାରେ ନୁହେଁ, ବରଂ ଯେଉଁମାନେ ଏହାକୁ କାର୍ଯ୍ୟକାରୀ କରୁଛନ୍ତି ସେମାନଙ୍କର ଦାୟିତ୍ୱବୋଧ ଓ ପ୍ରତିବଦ୍ଧତାରେ ନିହିତ। କୁଳାଧିପତି ପ୍ରଫେସର (ଡାକ୍ତର) ଅମିତ ବାନାର୍ଜୀ ପିଏଚ୍.ଡି. ଉପାଧି ପାଇଥିବା ଗବେଷକମାନଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ, ଆଇନ ସଂପର୍କିତ ସଚେତନତା ବିନା କୌଣସି ଗବେଷଣା ସଂପୂର୍ଣ୍ଣ ହୁଏ ନାହିଁ। “ଜ୍ଞାନ ଆମକୁ କ’ଣ ସମ୍ଭବ ତାହା ଜଣାଏ, ପ୍ରଜ୍ଞା ଆମକୁ କ’ଣ ବାଞ୍ଛନୀୟ ତାହା ଶିଖାଏ ଏବଂ ଆଇନ ସଂପର୍କିତ ସଚେତନତା ଆମକୁ କ’ଣ ଅନୁମୋଦିତ, ଦାୟିତ୍ୱପୂର୍ଣ୍ଣ ଓ ନ୍ୟାୟସଙ୍ଗତ ତାହା ବୁଝାଇଥାଏ,” ବୋଲି ସେ କହିଥିଲେ। କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଗତ ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱବିଦ୍ୟାଳୟର ଉଲ୍ଲେଖନୀୟ ଅଗ୍ରଗତି ସଂପର୍କରେ ସୂଚନା ଦେଇ କହିଥିଲେ ଯେ ସୋଆ ବର୍ତମାନ ଉଚ୍ଚମାନର ଶିକ୍ଷା ଓ ଗବେଷଣାର ଏକ ଅଗ୍ରଣୀ କେନ୍ଦ୍ରରେ ପରିଣତ ହୋଇଛି।



# କଂଗ୍ରେସର ଛାତ୍ରୋଂ କି ଗୁଞ୍ଜ କାର୍ଯ୍ୟକ୍ରମ ଅନୁଷ୍ଠିତ

**ଭୁବନେଶ୍ୱର, ୨୧ା୭ (ମହାଭାରତ):** କଟକ ଶହୀଦ ଭବନଠାରେ ବିରୋଧୀ ଦଳ ନେତା ରାହୁଳ ଗାନ୍ଧୀଙ୍କ ଛାତ୍ରଙ୍କ ପାଇଁ ଅଭିଯାନ ‘ଛାତ୍ରୋଂ କି ଗୁଞ୍ଜ’ କାର୍ଯ୍ୟକ୍ରମ କଟକର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ, ପିସିସି ସଭାପତି ଭକ୍ତ ଚରଣ ଦାସ ଓ ସହ ପ୍ରଭାରୀ ମୟୁର ଜୟକୁମାର ଉଦବୋଧନ ଦେଇଥିଲେ।

କଂଗ୍ରେସ ନେତୃତ୍ୱ ଛାତ୍ର ମାନଙ୍କୁ ତାଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ ସ୍ୱର ଉତୋଳନ କରିବାକୁ ପରାମର୍ଶ ଦେବା ସହ ସେମାନଙ୍କ ପ୍ରତ୍ୟେକ ଅଧିକାର ପାଇଁ ଅହିଂସାତ୍ମକ ଢଙ୍ଗରେ ପ୍ରବଳ ଦାବୀ କରିବାକୁ କହିଥିଲେ। ବିଜେପି ସରକାର ଦେଶର ନିରୀହ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ସହିତ କ୍ରୁର ଖେଳ ଖେଳୁଛି ଏବଂ ଛାତ୍ର ସମାଜ ଯଦି ପାଟି ଖୋଲିବନି ତେବେ ଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯିବ ବୋଲି ଚେତାଇ ଦେଇଥିଲେ। ତେବେ ଛାତ୍ରଙ୍କ ସମସ୍ତ ସମସ୍ୟା ଶୁଣି ତାର ସମାଧାନ ପାଇଁ ରାହୁଳ ଗାନ୍ଧୀ ଏହି ଅଭିଯାନ ଆରମ୍ଭ କରିଛନ୍ତି ତେଣୁ କଂଗ୍ରେସ ଛାତ୍ରଙ୍କ ପ୍ରତ୍ୟେକ ସମସ୍ୟା ପାଇଁ ଲଢେଇ କରିବ ବୋଲି ଦୃଢତାର ସହ କହିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରୋଂ କି ଗୁଞ୍ଜର ଅଭିଯାନର ସଂଯୋଜକ କୋକୋ ପାଢ଼ୀ ଓପିସିସି ସାମାଜିକ ଗଣମାଧ୍ୟମ ଅଧକ୍ଷ ବିଶ୍ୱଜିତ ମହାନ୍ତି, କଟକ ସିଟି କଂଗ୍ରେସ ସଭାପତି ଶାନ୍ତାୟନ ମିଶ୍ର, ଛାତ୍ରନେତା ବିଭୁତି ଭୂଷଣ ମହାପାତ୍ର, ହରିଶଙ୍କର ମାଢି ଉପସ୍ଥିତ ରହି ଛାତ୍ରଙ୍କ ମନୋବଳ ଦୃଢ କରିବା ସକାଶେ ପରାମର୍ଶ ଦେଇଥିଲେ । କଂଗ୍ରେସ ଦଳର ଅନେକ କର୍ମକର୍ତାଙ୍କ ସହ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଏହି ଛାତ୍ରୋଂ କି ଗୁଞ୍ଜ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ପୁରୀରେ ସାଇବର ସୁରକ୍ଷା ଅଭିଯାନ

**ଭୁବନେଶ୍ୱର, ୨୧ା୭ (ମହାଭାରତ):** ରଥଯାତ୍ରା ୨୦୨୬ ଅବସରକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସର ସାଇବର ସେଫ୍ଟି ଆଣ୍ଡ ରେସ୍ପୋନ୍ସ ଟିମ୍ ପୁରୀରେ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବ୍ୟାପକ ସଚେତନତା ଅଭିଯାନକୁ ଜୋରଦାର କରିଛି।

ଏହି ଅଭିଯାନ ଅନୁସାରେ ଟିମ୍ ତୀର୍ଥଯାତ୍ରୀ, ପର୍ଯ୍ୟଟକ, ହୋଟେଲ୍ ମାଲିକ ଓ ସ୍ଥାନୀୟ ନିବାସୀଙ୍କ ମଧ୍ୟରେ ସାଇବର ସୁରକ୍ଷା ସମ୍ବନ୍ଧୀୟ ସନ୍ଦେଶ ଓ ସଚେତନତା ସାମଗ୍ରୀ ବଣ୍ଟନ କରୁଛି। ଅଧିକାରୀମାନେ ସହରର ୧୨ଟି ପ୍ରମୁଖ ହୋଟେଲ୍ ପରିଦର୍ଶନ କରି ପରିଚାଳନାକୁ ନକଲି ହୋଟେଲ୍ ବୁକିଂ ଠକେଇ ବିଷୟରେ ସଚେତନ କରିଥିଲେ। ସେହିପରି, ହୋଟେଲ୍ ୱେବସାଇଟ୍‌ମାନଙ୍କୁ ପରୀକ୍ଷା କରି ସମ୍ଭାବ୍ୟ ତ୍ରୁଟିକୁ ଦୂର କରିବାକୁ ଆବଶ୍ୟକ ପରାମର୍ଶ ମଧ ଜାରି କରାଯାଇଛି।

ଏଥିପାଇଁ ଟିମ୍ ୮୫୦ରୁ ଅଧିକ ପର୍ଯ୍ୟଟକ ଓ ଭକ୍ତଙ୍କ ସହ ସକ୍ଷାତ୍ ଆଲୋଚନା କରି ବିଭିନ୍ନ ସାଇବର ଠକେଇ ବିଷୟରେ ସଚେତନତା ସୃଷ୍ଟି କରିଥିଲେ ଏବଂ ସାଇବର ସୁରକ୍ଷା ପାମ୍ଫ୍ଲେଟ୍ ବଣ୍ଟନ କରିଥିଲେ। ରଥଯାତ୍ରା ସମ୍ବନ୍ଧୀୟ ସୋସିଆଲ୍ ମିଡିଆରେ ପ୍ରଚାରିତ ୧୫୦ରୁ ଅଧିକ ଭ୍ରାମକ ପୋଷ୍ଟକୁ ଚିହ୍ନଟ କରି ହଟାଯାଇଛି।

ଜୁଲାଇ ୧୭ ଓ ୧୮, ୨୦୨୬ ତାରିଖରେ ଟିମ୍ ସାଇବର ସେଫ୍ଟି ଆଣ୍ଡ ରେସ୍ପୋନ୍ସ ଟିମ୍ ପୋର୍ଟାଲରେ ୭୮ଟି ମୋବାଇଲ୍ ଫୋନ୍ ହଜିଥିବା ସମ୍ବନ୍ଧୀୟ ଅଭିଯୋଗ ପଂଜୀକୃତ କରି ତ୍ୱରିତ ପଦକ୍ଷେପ ନେଇଛି। ଓଡ଼ିଶା ପୋଲିସ ସମସ୍ତ ଭକ୍ତ ଓ ପର୍ଯ୍ୟଟକଙ୍କୁ ସତର୍କ ରହିବା, ସାଇବର ସୁରକ୍ଷା ନିୟମ ମାନିବା, ହୋଟେଲ୍ ବୁକିଂ କେବଳ ବିଶ୍ୱସନୀୟ ଉତ୍ସରୁ କରିବା ଓ ସୁରକ୍ଷିତ ଏବଂ ସୁଚାରୁ ରଥଯାତ୍ରା ୨୦୨୬ ପାଇଁ ପୋଲିସଙ୍କ ସହଯୋଗ କରିବାକୁ ଅନୁରୋଧ କରିଛି।

# ଏଲଏଲବି ପାଠ୍ୟକ୍ରମ ନାମଲେଖା ବିଜ୍ଞପ୍ତି

**ଭୁବନେଶ୍ୱର, ୨୧ା୭ (ମହାଭାରତ):** ତିନି ବର୍ଷିଆ ଏଲଏଲବି (ଆଇନ) ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ତିନି ବର୍ଷିଆ ଏଲଏଲବି ପାଠ୍ୟକ୍ରମ ନିମନ୍ତେ ନିଜର କମନ ଆପ୍ଲିକେସନ ଫର୍ମ ପୂରଣ କରିପାରିବେ। ୧୮ ଜୁଲାଇ ଅପରାହ୍ନ ୪.୦୦ ଘଟିକାରୁ ୩୦ ଜୁଲାଇ ରାତ୍ର ୧୧.୪୫ ଘଟିକା ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ କମନ ଆପ୍ଲିକେସନ ଫର୍ମ ପୂରଣ କରିପାରିବେ। ଅଗଷ୍ଟ ୬ ତାରିଖ ଅପରାହ୍ନ ୨.୦୦ ଘଟିକାରେ ପ୍ରଥମ ମେଧା ତାଲିକା ପ୍ରକାଶିତ ହେବ। ପ୍ରଥମ ମେଧା ତାଲିକାରେ ଚୟନୀତ ହୋଇଥିବା ଛାତ୍ରଛାତ୍ରୀମାନେ ୬ ଅଗଷ୍ଟ ଅପରାହ୍ନ ୪.୦୦ ଘଟିକା ଠାରୁ ୧୧ ଅଗଷ୍ଟ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ ନିଜର ସିଟ୍ ପାଇଁ ସ୍ଲାଇଡ଼/ଫ୍ରିଜ ବିକଳ୍ପ ବାଛି ପାରିବେ।

# ଶ୍ରବଣ ଶକ୍ତି ବାଧିତ ବାଳିକାମାନଙ୍କ ସହ ଭାବବିନିମୟ କଲେ ରାଜ୍ୟପାଳ



**ଭୁବନେଶ୍ୱର, ୨୧ା୭ (ମହାଭାରତ):** ଓଡ଼ିଶା ରାଜ୍ୟପାଳ ଡ ହରି ବାବୁ କମ୍ଭମପାଟି ଶନିବାର ଦିନ ଶ୍ରବଣ ଶକ୍ତି ବାଧିତ ବାଳିକାମାନଙ୍କ ସହ ଭାବବିନିମୟ କରିଛନ୍ତି ଓ ଏହି ଅବସରରେ ରାଜ୍ୟପାଳ ଶ୍ରବଣ ଶକ୍ତି ବାଧିତ ବାଳିକାଙ୍କ ନିମନ୍ତେ ଦକ୍ଷତା ବିକାଶ ଏବଂ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟର ଶିଳ୍ପ କ୍ଷେତ୍ର ସହିତ ସେମାନଙ୍କୁ ଯୋଡ଼ିବା ପାଇଁ ପ୍ରୟାସ କରିବାକୁ ମଧ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଲୋକ ଭବନର ଅଭିଷେକ ହଲରେ କେନ୍ଦୁଝରର ସେବା ଫାଉଣ୍ଡେସନ୍ ର ପ୍ରାୟ ୫୦ ଜଣ ସଦସ୍ୟଙ୍କ (ଶ୍ରବଣ ଶକ୍ତି ବାଧିତ ବାଳିକା ଓ ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସମେତ) ସହିତ ଆଲୋଚନା କରିବା ସମୟରେ ଏହି ବାଳିକାମାନଙ୍କୁ ଦରଜି ଏବଂ ହସ୍ତଶିଳ୍ପ ପ୍ରଶିକ୍ଷଣ ଦିଆଯାଉଛି ବୋଲି ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା । ଏହି ଅବସରରେ ଓଡ଼ିଶାରେ ଏକାଧିକ ବୟନ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଥିବା ଦୃଷ୍ଟିରୁ ପ୍ରଶିକ୍ଷିତ ବାଳିକାମାନଙ୍କ ପାଇଁ ଏହି ଶିଳ୍ପସଂସ୍ଥା ଗୁଡ଼ିକରେ ରୋଜଗାର ସୁଯୋଗ ଖୋଜିବାକୁ ସଂଗଠନକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଏହା ଦ୍ୱାରା ସେମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇ ସମ୍ମାନଜନକ ଜୀବନ ଯାପନ କରିପାରିବେ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ।

ଅଂଶଗ୍ରହଣକାରୀଙ୍କ ସହିତ ଭାବ ବିନିମୟ ସମୟରେ ସେମାନଙ୍କୁ ପ୍ରଦାନ କରାଯାଉଥିବା ଶ୍ରବଣ ଯନ୍ତ୍ର, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଆଦି ସହାୟତା ବିଷୟରେ ରାଜ୍ୟପାଳ ପଚାରି ବୁଝିଥିଲେ । ଏହି ପ୍ରସଙ୍ଗରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଶାସନ କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର) ମାଧ୍ୟମରେ ଶ୍ରବଣ ଶକ୍ତି ଯନ୍ତ୍ର ଯୋଗାଇ ଦେବା ନିମନ୍ତେ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହା ପରେ ଶ୍ରବଣ ଶକ୍ତି ବାଧିତ ବାଳିକା ଓ ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତିମାନ ଲୋକ ଭବନ ପରିସରସ୍ଥିତ ଉଦ୍ୟାନ, ଅଟଳ ବନ ଏବଂ ହରିଣ ପାର୍କ ପରିଦର୍ଶନ କରିଥିଲେ। ଆସନ୍ତା କାଲି ସେମାନଙ୍କର ପୁରୀ ଗସ୍ତ ନିମନ୍ତେ ବିହିତ ବ୍ୟବସ୍ଥା ଲୋକ ଭବନ ପକ୍ଷରୁ କରାଯାଇଛି।

# ତ୍ରୁଟିଶୂନ୍ୟ ରଥଯାତ୍ରା ଆୟୋଜନରେ ବିଜେପି ସରକାର ବିଫଳ

**ଭୁବନେଶ୍ୱର, ୨୧ା୭ (ମହାଭାରତ):** ଚଳିତ ବର୍ଷ ରଥଯାତ୍ରାର ପ୍ରଥମ ଦିନରେ ଯେପରି ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ, ଶତାଧିକ ଆହତ ହେବା ଓ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ସମୟରେ ଟାହିଆ ନଥିବାକୁ ନେଇ ବିବାଦ ସୃଷ୍ଟି ହେବା ପରେ ଚଳିତ ବର୍ଷ ରଥଯାତ୍ରାକୁ ତ୍ରୁଟିଶୂନ୍ୟ ଭାବେ ପରିଚାଳନା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କରିଥିବା ଦୃଢୋକ୍ତି ପାଣିର ଗାର ସଦୃଶ୍ୟ ହୋଇଛି । ଶ୍ରୀଜଗନ୍ନାଥ ମନ୍ଦିରର ସୁପରିଚାଳନା ଓ ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷକୁ ମିଶାଇ କରାଯାଇଥିବା ତିନୋଟି ଯାକ ରଥଯାତ୍ରାରେ ବିଭ୍ରାଟ ଦେଖିବାକୁ ମିଳିଛି, ଯାହା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କୁ ବ୍ୟଥିତ କରିବା ସହିତ ବିଜେପି ସରକାରଙ୍କର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ବିଜେଡି କହିଛି ।



ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଏକ ପ୍ରେସ୍ ବିବୃତିରେ କହିଥିଲେ ଯେ, ଶ୍ରୀଜଗନ୍ନାଥ ମନ୍ଦିରର ସୁପରିଚାଳନା ଓ ତ୍ରୁଟିଶୂନ୍ୟ ରଥଯାତ୍ରା ଆୟୋଜନ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିବା ବେଳେ ଗତ ତିନି ରଥଯାତ୍ରା ସମୟରେ ସରକାର ନିଜର ଦାୟିତ୍ୱହୀନତାର ପରିଚୟ ଦେଇଛନ୍ତି। କେବଳ ବାହାସ୍ଫୋଟ ମାରିବା ଓ ଅଘଟଣ ଘଟିବା ପରେ ବିଭିନ୍ନ ବାହାନା ବାଜି ଦେଖାଇ ନିଜ ଦୋଷକୁ ଲୁଚାଇବାକୁ ଚେଷ୍ଟା କରିବା ବିଜେପି ସରକାରଙ୍କ ପ୍ରମୁଖ କାର୍ଯ୍ୟ ହୋଇଛି।

ଡ଼ ମହାନ୍ତି କହିଥିଲେ ଯେ ପ୍ରଥମ ବର୍ଷ ରଥଯାତ୍ରା ସମୟରେ ଆଡ଼ପ ମଣ୍ଡପକୁ ବିଜେ ସମୟରେ ବଡ଼ ଠାକୁର ପ୍ରଭୁ ବଳଭଦ୍ର ପଡିଯିବା ଭଳି ଏକ ବିରଳ ଅଘଟଣ ଘଟିଥିଲା। କେବଳ ଧର୍ମକୁ ଆଢ଼ୁଆଳ ସଦୃଶ୍ୟ ସରକାର ଏକ ତଦନ୍ତ ଘୋଷଣା କରିଦେଇଥିଲେ, ଯାହାର ରିପୋର୍ଟ ଆଜିପର୍ଯ୍ୟନ୍ତ ସାର୍ବଜନୀନ ହେଲା ନାହିଁ । ସେହିପରି ଦ୍ୱିତୀୟ ବର୍ଷ ରଥଯାତ୍ରା ସମୟରେ, ଗୁଣ୍ଡିଚା ମନ୍ଦିର ସମ୍ମୁଖରେଦଳାଚକଟା ସୃଷ୍ଟି ହୋଇ ୩ ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିଲା। ଚଳିତ ବର୍ଷ ମଧ ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ହେବା ସହିତ ଶତାଧିକ ଆହତ ହୋଇଛନ୍ତି। କିନ୍ତୁ ରାଜ୍ୟ ସରକାର ଏହାକୁ ହାଲୁକା ଭାବେ ନେଇ ଏହା ଦଳାଚକଟା ନୁହେଁ ବରଂ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଛି ବୋଲି କହୁଛନ୍ତି। ଅପରପକ୍ଷରେ ପହଣ୍ଡି ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟାହିଆ ନଥିବାକୁ ନେଇ ଏକ ବଡ଼ ବିବାଦ ସୃଷ୍ଟି ହୋଇଛି। ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପହଣ୍ଡି ସମୟରେ ସେମାନଙ୍କ ମୁଣ୍ଡରେ ଟାହିଆ ଥିବାବେଳେ ଭକ୍ତଙ୍କ ପ୍ରିୟ ଠାକୁର ଶ୍ରୀଜଗନ୍ନାଥଙ୍କ ମୁଣ୍ଡରେ ଟାହିଆ ନଥିବା ଦୃଶ୍ୟ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କୁ ବ୍ୟଥିତ କରିଥିଲା।

ଲଗାତାର ଭାବେ ୩ ବର୍ଷ ହେଲା ତ୍ରୁଟିଶୂନ୍ୟ ରଥଯାତ୍ରା ଆୟୋଜନ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । କିନ୍ତୁ ଏହି ବିଫଳତାକୁ ବିନମ୍ରତାର ସହିତ ସ୍ୱୀକାର କରି, ଆଗାମୀ ଦିନରେ କିପରି ତ୍ରୁଟିଶୂନ୍ୟ ଭାବେ ଆୟୋଜନ ହୋଇପାରିବ, ସେହି ପଦକ୍ଷେପ ନେବା ପରିବର୍ତେ ସରକାର କେବଳ ନିଜ ଦୋଷକୁ ଘୋଡାଇବା ପାଇଁ ଅପଚେଷ୍ଟା କରୁଛନ୍ତି। ଏହାଛଡା ଶ୍ରୀମନ୍ଦିର ପରିଚାଳନା କ୍ଷେତ୍ରରେ ମଧ ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ ହୋଇପାରି ନାହିଁ।

# ଛାତ୍ରଛାତ୍ରୀମାନଙ୍କ ପାଇଁ ମାଗଣା ଏସଏପି ଶିକ୍ଷା

**ଭୁବନେଶ୍ୱର, ୨୧ା୭ (ମହାଭାରତ):** ନିଯୁକ୍ତି ପାଇବା ପାଇଁ ପୂର୍ବରୁ ଏକ ଡିଗ୍ରୀ ଯଥେଷ୍ଟ ଥିଲା। ବର୍ତମାନ ନିଯୁକ୍ତିଦାତାମାନେ ଏମିତି ସ୍ନାତକମାନଙ୍କୁ ମଧ ଚାହୁଁଛନ୍ତି ଯେଉଁମାନେ ଶୀଘ୍ର ନିଜକୁ ଖାପଖୁଆଇ ପାରିବେ ଓ ସୀମା ବାହାରେ ଆତ୍ମବିଶ୍ୱାସର ସହିତ କାମ କରିପାରିବେ। କାର୍ଯ୍ୟକ୍ଷେତ୍ର ଗୁଡ଼ିକ ଶ୍ରେଣୀଗୃହ ଅପେକ୍ଷା କେବଳ ଅଧିକ ଦ୍ରୁତ ଗତିରେ ଆଗକୁ ବଢ଼ିଯାଇଛନ୍ତି। ଏସଏପି ଲର୍ଣ୍ଣିଂ ହବ, ଷ୍ଟୁଡେଂଟ ଏଡିସନ ସେହି ବ୍ୟବଧାନ ପାଇଁ ହିଁ ନିର୍ମିତ ହୋଇଛି। ଭାରତର ଯୋଗ୍ୟ ଅନ୍ତିମ ବର୍ଷର ଛାତ୍ରଛାତ୍ରୀମାନେ ଶିକ୍ଷାଗତ ଯାଂଚ ପରେ ପ୍ରିମିୟମ ଏସଏପି ପ୍ରଶିକ୍ଷଣ ସମ୍ପଦଗୁଡ଼ିକୁ ମାଗଣାରେ ପାଇପାରିବେ। ଏଥିପାଇଁ କୌଣସି ସବସ୍କ୍ରିପସନର ଆବଶ୍ୟକତା ନାହିଁ।

# ଯିପ୍ପି ପକ୍ଷରୁ ଓଡ଼ିଆ ପାର୍ବଣ ଖାଦ୍ୟ ପ୍ରସ୍ତୁତି

**ପୁରୀ, ୨୧ା୭ (ମହାଭାରତ):** ଚଳିତ ରଥ ଯାତ୍ରାରେ ସନଫିଷ୍ଟ ଯିପ୍ପି! ‘ବାର ମାସ, ଯିପ୍ପି! ପର୍ବ’ ସହିତ ଓଡ଼ିଶାର ସମୃଦ୍ଧ ଖାଦ୍ୟ ପ୍ରସ୍ତୁତି ବିଧିକୁ ପାଳନ କରିଛି, ଯାହା ରାଜ୍ୟର ‘ବାର ମାସ, ତେର ପର୍ବ’ (ଟ୍ୱେଲ୍‌ଭ ମନ୍ଥସ୍, ଥାର୍ଟିନ ଫେଷ୍ଟିଭାଲସ୍)ର ଆକାଂକ୍ଷିତ ଦର୍ଶନରେ ପ୍ରେରଣା ଲାଭ କରି ଏହି ଧରଣର ପ୍ରଥମ ସାଂସ୍କୃତିକ ଓ ବ୍ୟଞ୍ଜନଭିତ୍ତିକ ଅନୁଭୂତି ହୋଇଛି। ଯିପ୍ପି! ନୁଡଲସ୍‌ର ବିବିଧତାକୁ ପ୍ରଦର୍ଶନ କରି ଏହି ଅଭିନ୍ନ ଓଡ଼ିଶାର କେତେକ ସର୍ବାଧିକ ପ୍ରିୟ ପାର୍ବଣ ବ୍ୟଞ୍ଜନକୁ ନବୋନ୍ମେଷୀ ସୃଷ୍ଟିରେ ପୁନଃ ପରିକଳ୍ପିତ କରିଛି ଏବଂ ଉପଭୋକ୍ତାମାନଙ୍କୁ ଲୋକପ୍ରିୟ ସ୍ୱାଦୁର ଅନୁଭୂତି ନେବାକୁ ଏକ ସତେଜ ଉପାୟ ଯୋଗାଇ ଦେଇଛି। ଓଡ଼ିଶାର ସୁସଂହତ ପାର୍ବଣ ଏବଂ ପଟ୍ଟଚିତ୍ର କଳାର ସମୃଦ୍ଧ କାହାଣୀ କଥନ ପରମ୍ପରାରେ ଅନୁପ୍ରେରିତ ହୋଇ, ବାରମାସ, ଯିପ୍ପି! ପର୍ବ ଓଡ଼ିଆ କ୍ୟାଲେଣ୍ଡରକୁ ପ୍ରତିନିଧିତ୍ୱ କରୁଥିବା ୧୨ ମାସର ବିଷୟ ବାତାୟନ ସହିତ ପୁରୀ ବେଳାଭୂମିରେ ଏକ ବିଶାଳ ପାଭିଲିୟନରେ ସ୍ଥାନ ପାଇଥିଲା। ପ୍ରତ୍ୟେକ ବାତାୟନରେ ଏକ ଅନନ୍ୟ ବ୍ୟଞ୍ଜନଗତ ନବସୃଜନ ପ୍ରଦର୍ଶିତ ହୋଇଥିଲା ଯାହା ଯିପ୍ପି! ନୁଡଲସ୍‌ର ସମ୍ମିଶ୍ରଣ ସହିତ ପ୍ରିୟ ଆଞ୍ଚଳିକ ଖାଦ୍ୟ ପ୍ରସ୍ତୁତି ବିଧିକୁ ପୁନଃ ପରିକଳ୍ପିତ କରିଥିଲା। କ୍ରିମି ପୋସ୍ତ ପ୍ରେରିତ ନୁଡଲର ମିଶ୍ରଣରେ ପୋଟଳ ପୋସ୍ତ ଠାରୁ ନେଇ ଯିପ୍ପି! ନୁଡଲସ୍ ରହିଥିବା ଦହି ବରା ଆଳୁଦମ୍, ନୁଡଲସ୍ ପୁର ରହିଥିବା ଚାଉଳ ବରା ଏବଂ ଯିପ୍ପି! ମିଶ୍ରିତ ମୁଗ ଡାଲି ଖେଚୁଡି ପର୍ଯ୍ୟନ୍ତ ପ୍ରତ୍ୟେକ ଖାଦ୍ୟ ପାରମ୍ପରିକ ସ୍ୱାଦରେ ଏକ ତାଜାପଣ ପରୋଶୀ ଥିଲେ। ଏହି ପ୍ରୟାସ ଓଡ଼ିଶାର ସମୃଦ୍ଧ ବ୍ୟଞ୍ଜନଗତ ଐତିହ୍ୟକୁ ପାଳନ କରିବା।

# ସ୍ମାଇଲ୍ ଟ୍ରେନ୍ ଇଣ୍ଡିଆ ପକ୍ଷରୁ ଗ୍ରହଣ ଖଣ୍ଡିଆ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୨୧ା୭ (ମହାଭାରତ):** ଜୁଲାଇ ୨୦ ତାରିଖରେ ସାରା ବିଶ୍ୱରେ ପାଳନ କରାଯାଉଥିବା ବିଶ୍ୱ ଗ୍ରହଣ ଖଣ୍ଡିଆ ସଚେତନତା ଦିବସ (ଡବ୍ଲ୍ୟୁସିଏଡି) ୨୦୨୫ ମସିହାରେ ସ୍ମାଇଲ୍ ଟ୍ରେନ୍ ଦ୍ୱାରା ଆରମ୍ଭ କରାଯାଇଥିଲା ଯାହା ଖଣ୍ଡିତ ଓଠ ଏବଂ ତାଳୁକୁ ମୁଖ୍ୟ ସ୍ରୋତରେ ଜନସ୍ୱାସ୍ଥ୍ୟ ବାର୍ତାପକୁ ଆଣିବା ଏବଂ ଫାଟ ସହିତ ଜନ୍ମ ହୋଇଥିବା ପ୍ରତ୍ୟେକ ଶିଶୁକୁ ସମୟାନୁବର୍ତୀ ଏବଂ ବ୍ୟାପକ ଚିକିତ୍ସା ପାଇବାକୁ ସୁନିଶ୍ଚିତ କରିବା ପାଇଁ ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ, ଦେଶର ଅଗ୍ରଣୀ ଫାଟ-କେନ୍ଦ୍ରିତ ଏନଜିଓ ସ୍ମାଇଲ୍ ଟ୍ରେନ୍ ଇଣ୍ଡିଆ ଏକ ଗୌରବମୟ ମାଇଲଖୁଂଟ ପାଳନ କରିଛି : ୨୦୦୦ ମସିହାରୁ ସାରା ଦେଶରେ ପିଲାମାନଙ୍କ ପାଇଁ ୮୦୦,୦୦୦ରୁ ଅଧିକ ମାଗଣା କ୍ଲେଫ୍ଟ ସର୍ଜରୀ ସମର୍ଥିତ। ଭାରତରେ ପ୍ରତିବର୍ଷ ପ୍ରାୟ ୩୫,୦୦୦ ଶିଶୁ ଫାଟ ସହିତ ଜନ୍ମ ହୁଅନ୍ତି, ତଥାପି ଅନେକ ପୁରାଣ, ଭୁଲ ସୂଚନା ଏବଂ କଳଙ୍କ ହେତୁ ଚିକିତ୍ସା ପାଇଁ ଗୁରୁତ୍ୱପୂର୍ଣ୍ଣ ୱିଣ୍ଡୋରୁ ବଂଚିତ ହୁଅନ୍ତି । ବିଳମ୍ବିତ ଯତ୍ନ ଖାଇବାକୁ ଦେବାରେ ଅସୁବିଧା, ପୁଷ୍ଟିହୀନତା, ବାକ୍ ଏବଂ ଶ୍ରବଣ ଦୁର୍ବଳତା ଏବଂ ଦୀର୍ଘକାଳୀନ ସାମାଜିକ ଏବଂ ଭାବପ୍ରବଣ ଆହ୍ୱାନ ସୃଷ୍ଟି କରିପାରେ । ଶୀଘ୍ର ନିରାକରଣ ଏବଂ ସମୟାନୁବର୍ତୀ ଅସ୍ତ୍ରୋପଚାର ଉତମ ଫଳାଫଳ ଏବଂ ବ୍ୟାପକ ଯତ୍ନର ଉପଲବ୍ଧତା ପାଇଁ ଚାବିକାଠି । ବିଶ୍ୱ ଫାଟ ସଚେତନତା ଦିବସ ସଚେତନତା ସୃଷ୍ଟି କରିବା, ଭୁଲ ଧାରଣା ଦୂର କରିବା ଏବଂ ଫାଟ ସହିତ ଜନ୍ମ ହୋଇଥିବା ପ୍ରତ୍ୟେକ ଶିଶୁ ଠିକ୍ ସମୟରେ ଚିକିତ୍ସା ପାଇବାକୁ ଚେଷ୍ଟା କରେ। ସ୍ମାଇଲ୍ ଟ୍ରେନର ବରିଷ୍ଠ ଉପସଭାପତି ଏବଂ ଆଂଚଳିକ ନିର୍ଦ୍ଦେଶକ - ଏସିଆ, ମମତା କାରୋଲ୍ କହିଛନ୍ତି ‘ପ୍ରତିଦିନ, ପିଲାମାନେ ଆମ ଦ୍ୱାରରେ ମାସ ମାସ କିମ୍ବା ବର୍ଷ ବିଳମ୍ବରେ ପହଂଚନ୍ତି - ଚିକିତ୍ସା ନଥିବାରୁ ନୁହେଁ, ବରଂ ସେମାନଙ୍କ ପରିବାର କେବେ ଜାଣି ନଥିଲେ ଯେ ଫାଟକୁ ଚିକିତ୍ସା କରାଯାଇପାରିବ କିମ୍ବା ଏହାକୁ ଘେରି ରହିଥିବା କଳଙ୍କକୁ ଭୟ କରନ୍ତି । ଯଦି ଆମେ ସେହି ସଚେତନତା ବ୍ୟବଧାନକୁ ବନ୍ଦ କରିପାରିବା, ତେବେ ଆମେ ଏହି ପିଲାମାନଙ୍କ ନିକଟରେ ଠିକ୍ ସମୟରେ ପହଂଚିପାରିବା ଏବଂ ନିଶ୍ଚିତ କରିପାରିବା ଯେ ଜଣେ ବି ଅପେକ୍ଷା କରିବେ ନାହିଁ।’ ମାଗଣା ଫାଟ ଚିକିତ୍ସା କିମ୍ବା ଅଧିକ ସୂଚନା ଚାହୁଁଥିବା ପରିବାରମାନେ ସହାୟତା ପାଇଁ ସ୍ମାଇଲ୍ ଟ୍ରେନ୍ ଇଣ୍ଡିଆର ଟୋଲ୍ ଫ୍ରି ହେଲ୍ପଲାଇନ୍: ୧୮୦୦ ୧୦୩ ୮୩୦୧ କୁ କଲ୍ କରିପାରିବେ।

# ନୟନତାରା କାପ୍ରି ଲୋନ୍ସର ବ୍ରାଣ୍ଡ ଆମ୍ବାସଡର

**ଭୁବନେଶ୍ୱର, ୨୧ା୭ (ମହାଭାରତ):** ‘କାପ୍ରି ଲୋନସ’ ବ୍ରାଣ୍ଡ ନାମ ଅଧୀନରେ ପରିଚାଳିତ ହେଉଥିବା ଏକ ଅଗ୍ରଣୀ ବହୁବିଧ ଅଣ-ବ୍ୟାଙ୍କିଂ ଆର୍ଥିକ କମ୍ପାନି (ଏନବିଏଫସି) କାପ୍ରି ଗ୍ଲୋବାଲ କ୍ୟାପିଟାଲ ଲିମିଟେଡ (ସିଜିସିଏଲ) ପକ୍ଷରୁ ଦକ୍ଷିଣ ଭାରତରେ କମ୍ପାନିର ସମ୍ପ୍ରସାରଣକୁ ସୁଦୃଢ଼ କରିବା ପାଇଁ ଅଭିନେତ୍ରୀ ତଥା ଉଦ୍ୟୋଗୀ ନୟନତାରାଙ୍କୁ ବ୍ରାଣ୍ଡ ଆମ୍ବାସଡର ଭାବେ ଘୋଷଣା କରାଯାଇଛି। କମ୍ପାନି ସହ ପୂର୍ବରୁ ଯୋଡ଼ି ହୋଇରହିଥିବା ଅଭିନେତା ପଙ୍କଜ ତ୍ରିପାଠୀଙ୍କ ସହ ନୟନତାରା ଯୋଗଦେଇଛନ୍ତି। ସାରା ଦେଶର ଗ୍ରାହକମାନଙ୍କ ସହ ଏକ ଦୃଢ଼ ତଥା ପ୍ରାସଙ୍ଗିକ ସମ୍ପର୍କ ଗଠନ କରିବା ପାଇଁ କାପ୍ରି ଲୋନ୍ସର ରହିଥିବା ପ୍ରତିବଦ୍ଧତାକୁ ଏହି ସହଯୋଗିତା ଆହୁରି ସୁଦୃଢ଼ କରିଛି। ମିଳିତ ଭାବେ ଏହି ଦୁଇ ବ୍ରାଣ୍ଡ ଆମ୍ବାସାଡର ସାରା ଭାରତରେ ବିବିଧ ବର୍ଗର ଗ୍ରାହକମାନଙ୍କ ସହିତ ଗଭୀର ସମ୍ପର୍କ ତୋଳିବା ପାଇଁ କମ୍ପାନିର ଲକ୍ଷ୍ୟକୁ ଉପସ୍ଥାପନ କରିବେ। କାପ୍ରି ଲୋନ୍ସର ବ୍ରାଣ୍ଡ ଅଭ୍ୟୁଦୟ, ଦିଗରେ ଏହି ସହଯୋଗିତା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଯାହା ଏକ ବିଶ୍ୱସନୀୟ, ଅନ୍ତର୍ଭୁକ୍ତୀକରଣ ଓ ସ୍ଥାନୀୟ ଭାବେ ପ୍ରାସଙ୍ଗିକ ସେବା ବ୍ରାଣ୍ଡ ପାଇଁ କମ୍ପାନିର ରହିଥିବା ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି।

# ପୋଲିସର ଆଣ୍ଟି-ସ୍ନାଚିଂ ଅଭିଯାନ : ୧୦୩ ସ୍ନାଚର ଗିରଫ

**ଭୁବନେଶ୍ୱର, ୨୧ା୭ (ମହାଭାରତ):** ରଥଯାତ୍ରା-୨୦୨୬ ଅବସରରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ସ୍ନାଚିଂ, ପକେଟମାରି ଓ ସମ୍ପତ୍ତି ସମ୍ବନ୍ଧୀୟ ଅପରାଧ ରୋକିବା ପାଇଁ ସ୍ୱତନ୍ତ୍ର ଆଣ୍ଟି-ସ୍ନାଚିଂ ଅଭିଯାନ ସଫଳତାର ସହ ଚାଲୁ ରହିଛି। ରଥଯାତ୍ରା ସମୟରେ ବିଭିନ୍ନ ଥାନା, ସ୍ୱତନ୍ତ୍ର ଆଣ୍ଟି-ସ୍ନାଚିଂ ଟିମ୍ ଓ ସାଧା ପୋଷାକରେ ମୁତୟନ ପୋଲିସ କର୍ମଚାରୀଙ୍କ ମିଳିତ ପ୍ରୟାସରେ ମୋଟ ୧୦୩ ଜଣ ସ୍ନାଚରଙ୍କୁ ଗିରଫ କରାଯାଇଛି। ଏହା ସହିତ ସେମାନଙ୍କ ନିକଟରୁ ୨୦୩ଟି ସ୍ନାଚିଂ ହୋଇଥିବା ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଉଦ୍ଧାର ହୋଇଥିବା ମୋବାଇଲ୍ ଫୋନ୍‌ଗୁଡ଼ିକୁ ଆଇନଗତ ପ୍ରକ୍ରିୟା ସମ୍ପନ୍ନ ପରେ ପ୍ରକୃତ ମାଲିକମାନଙ୍କୁ ଫେରସ୍ତ କରାଯିବ। ରଥଯାତ୍ରା ସମୟରେ ବଡ଼ଦାଣ୍ଡ, ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୁଦ୍ରକୂଳ, ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ୍, ପାର୍କିଂ ସ୍ଥାନ ଏବଂ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ପୋଲିସର ସ୍ୱତନ୍ତ୍ର



ଟିମ୍ ଦିନରାତି ନଜରଦାରି କରୁଛନ୍ତି। ସିସିଟିଭି କ୍ୟାମେରା, ଆଧୁନିକ ବୈଷୟିକ ଉପକରଣ ଓ ଗୁଇନ୍ଦା ସୂଚନାର ସହାୟତାରେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ତୁରନ୍ତ ଗିରଫ କରାଯାଉଛି। ପୁରୀ ପୋଲିସର ଏହି ସ୍ୱତନ୍ତ୍ର ଅଭିଯାନ ଫଳରେ ସ୍ନାଚିଂ ଘଟଣା ଉପରେ ପ୍ରଭାବଶାଳୀ ନିୟନ୍ତ୍ରଣ ସମ୍ଭବ ହୋଇଛି ହୋଇପାରୁଛନ୍ତି। ପୁରୀ ପୋଲିସ ସମସ୍ତ ଭକ୍ତ ଓ ସାଧାରଣ ଜନସାଧାରଣଙ୍କୁ ଅନୁରୋଧ କରୁଛି ଯେ, ଭିଡ଼ ସ୍ଥାନରେ ନିଜର ମୋବାଇଲ୍ ଫୋନ୍, ପର୍ସ, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ପ୍ରତି ସତର୍କ ରୁହନ୍ତୁ। କୌଣସି ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ସ୍ନାଚିଂ ଘଟଣା ସମ୍ପର୍କରେ ତୁରନ୍ତ ନିକଟସ୍ଥ ପୋଲିସ କର୍ମଚାରୀ କିମ୍ବା ପୋଲିସ କଣ୍ଟ୍ରୋଲ୍ ରୁମକୁ ସୂଚନା ଦିଅନ୍ତୁ। ପୁରୀ ପୋଲିସ ଭକ୍ତ, ପର୍ଯ୍ୟଟକ ଓ ସାଧାରଣ ଜନତାଙ୍କ ସୁରକ୍ଷା ପ୍ରତି ସଦା ପ୍ରତିବଦ୍ଧ।

# ବେହାଲ କରୁଛି ବର୍ଷା

ମୌସୁମୀ ପ୍ରବେଶ ପରେ ରାଜ୍ୟରେ ଚାଷକାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ଓଡ଼ିଶା ଭଳି ଏକ କୃଷି ପ୍ରଧାନ ରାଜ୍ୟରେ ଅର୍ଥନୀତିର ମେରୁଦଣ୍ଡ ହେଲା କୃଷି ଉତ୍ପାଦନ । ରାଜ୍ୟର ୭୦ ପ୍ରତିଶତ ଜମି ଅଣଜଳସେଚିତ । ତେଣୁ ଏସବୁ ଜମିରେ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ମୌସୁମୀ ଉପରେ ନିର୍ଭର କରିଥାଏ । ସ୍ୱାଭାବିକ ମୌସୁମୀ ପ୍ରବାହ ରାଜ୍ୟର ଅର୍ଥନୀତି ପ୍ରତି ଏକ ଆଶୀର୍ବାଦ ସଦୃଶ । ମୌସୁମୀ ବର୍ଷାରେ ରାଜ୍ୟର ଜଳଭଣ୍ଡାର ଭରପୁର ହୋଇଯାଏ । ଏହା ଫଳରେ ଜଳ ବିଦ୍ୟୁତ ଉତ୍ପାଦନ ବୃଦ୍ଧି ସହିତ ଶିଳ୍ପ ଏବଂ ରବି ଫସଲ ନିମନ୍ତେ ଜଳ ସଂଚିତ ହୋଇଥାଏ । ତେବେ ମୌସୁମୀର ଆମଗନ କେବଳ ସୁଖକର ତାହା ନୁହେଁ, ଏହା ସହିତ ଅନେକ ବିପଦ ମଧ୍ୟ ଆସିଥାଏ । ଓଡ଼ିଶା ଏକ ବନ୍ୟା ଓ ବାତ୍ୟା ପ୍ରବଣ ରାଜ୍ୟ । ପ୍ରତିବର୍ଷ ଏଠାରେ ବନ୍ୟା, ବାତ୍ୟାରେ ଅନେକ ଧନଜୀବନ ହାନି ହେବାର ନଜିର ରହିଛି । ସ୍ୱଳ୍ପ ସମୟ ମଧ୍ୟରେ ମାତ୍ରାଧିକ ବର୍ଷା ହେତୁ ବନ୍ୟା ସୃଷ୍ଟି ହୋଇଥାଏ । ତେବେ ମହାନଦୀ, ବ୍ରାହ୍ମଣୀ ଏବଂ ବୈତରଣୀ ଭଳି ବଡ଼ ବଡ଼ ନଦୀରେ ଉପରମୁଣ୍ଡରେ ଅଧିକ ବର୍ଷା ହେତୁ ବଡ଼ ବନ୍ୟା ଆସିଥାଏ । କେବଳ ଉପକୂଳ ଓଡ଼ିଶା ନୁହେଁ, ପଶ୍ଚିମ ଓଡ଼ିଶାରେ ମଧ୍ୟ ଏବେ ବନ୍ୟା ଯୋଗୁ ବ୍ୟାପକ କ୍ଷୟକ୍ଷତି ହେଉଛି । ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ସରକାର ଅନେକ ବନ୍ଧ ନିର୍ମାଣ କରି ପାଣି ଅଟକାଇଛନ୍ତି । ବର୍ଷା ଦିନେ ଅଧିକ ବର୍ଷା ହେଲେ ଛତିଶଗଡ଼ ପାଣି ଛାଡୁଛି । ଏହା ଫଳରେ ସମ୍ବଲପୁର, ବରଗଡ଼, ବଲାଙ୍ଗୀର ଭଳି ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ମଧ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ବ୍ରାହ୍ମଣୀ, ବୈତରଣୀ ଏବଂ ସୁବର୍ଣ୍ଣରେଖା ବନ୍ୟାରେ ଉତ୍ତର ଓଡ଼ିଶା ପ୍ରଭାବିତ ହେଉଥିବା ବେଳେ ଋଷିକୁଲ୍ୟା, ବଂଶଧାରା ଓ ନାଗାବଳୀ ନଦୀରେ ବନ୍ୟା ଯୋଗୁ ଦକ୍ଷିଣ ଓଡ଼ିଶା ଅନେକ ସମୟରେ ପ୍ରଭାବିତ ହୋଇଥାଏ । ବନ୍ୟା ସହିତ ଓଡ଼ିଶାରେ ପ୍ରାୟ ପ୍ରତିବର୍ଷ ବାତ୍ୟା ମଧ୍ୟ ହେଉଛି । ଏହା ଏକ ବଡ଼ ବିପର୍ଯ୍ୟୟ ଭାବେ ଉଭା ହୋଇଛି । ୧୯୯୯ ମହାବାତ୍ୟାଠାରୁ ଆରମ୍ଭ କରି ୨୦୧୯ର ଫନି ପର୍ଯ୍ୟନ୍ତ ବିଭିନ୍ନ ସମୟରେ ହୋଇଥିବା ବଡ଼ ବାତ୍ୟା ଯୋଗୁ ରାଜ୍ୟର ବ୍ୟାପକ କ୍ଷୟକ୍ଷତି ହୋଇଛି । ବର୍ଷା ଦିନ ଆସିବା ପରେ ଏହିସବୁ ବିପଦ ଆଶଙ୍କା ବଢ଼ିଯାଇଛି । ବାତ୍ୟାରେ ବଡ଼ ବଡ଼ ଗଛ ଉପୁଡ଼ି ବିଦ୍ୟୁତ ସରବରାହ ଗୁରୁତର ବାଧାପ୍ରାପ୍ତ ହୋଇଥାଏ । ବାତ୍ୟାକୁ ଆମେ ରୋକିପାରିବାନି । କିନ୍ତୁ ବାତ୍ୟା ଜନିତ କ୍ଷୟକ୍ଷତିକୁ ଆମେ ଯଥାସମ୍ଭବ ହ୍ରାସ କରିପାରିବା । ଏହା ସହିତ ବର୍ଷା ଦିନ ଆସିଲେ ଆଉ ଏକ ବଡ଼ ବିପଦ ସାଥିରେ ନେଇ ଆସିଥାଏ । ତାହା ହେଲା ସ୍ୱାସ୍ଥ୍ୟ ସମସ୍ୟା । ବର୍ଷା ଦିନେ ଅନେକ ଥଣ୍ଡା, କାଶ, ଜ୍ୱରରେ ପୀଡ଼ିତ ହୁଅନ୍ତି । ଏହା ସହିତ ଦୂଷିତ ପାଣି ପିଇ ବା ବାସି ଖାଦ୍ୟ ଖାଇ ଅନେକ ପେଟ ରୋଗରେ ଆକ୍ରାନ୍ତ ହୁଅନ୍ତି । ଡାଇରିଆ, ଜଣ୍ଡିସ ଭଳି ରୋଗରେ ଅନେକ ଆକ୍ରାନ୍ତ ହୋଇଥାଆନ୍ତି । ସର୍ବନିମ୍ନ ସତର୍କତା ଓ ସଚେତନତାର ଅଭାବ ଯୋଗୁ ଏହି ସମସ୍ୟା ସୃଷ୍ଟି ହୋଇଥାଏ । ବର୍ଷା ଦିନ ଆରମ୍ଭରୁ ଏଥିପ୍ରତି ସତର୍କତା ଅବଲମ୍ବନ ଜରୁରୀ । ଜୁନରୁ ସେପ୍ଟେମ୍ବର ମଧ୍ୟରେ ଅନେକ ଏପରି ପେଟରୋଗ ବା ଜ୍ୱରରେ ପୀଡ଼ିତ ହୁଅନ୍ତି । ଅନେକ ସମୟରେ ଭାଇରାଲ ଫିଭର ମଧ୍ୟ ହୋଇଥାଏ । ତେବେ ସବୁଠାରୁ ବଡ଼ ସମସ୍ୟା ହେଲା ବର୍ଷା ଦିନେ ପାଣି ଜମିବା ଯୋଗୁ ମଶାବଂଶ ବୃଦ୍ଧି ପାଇଥାଏ ଏବଂ ଏହି କାରଣରୁ ମ୍ୟାଲେରିଆ ଏବଂ ଡେଙ୍ଗୁ ଭଳି ରୋଗର ପ୍ରାଦୁର୍ଭାବ ବଢ଼ିଯାଇଥାଏ । ଏଥିଲାଗି ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକ ପ୍ରସ୍ତୁତ ରହିବା ଉଚିତ । ଏହା ସହିତ ଲୋକଙ୍କୁ ସଚେତନ କରାଯିବା ଉଚିତ । ଲୋକେ ସଚେତନ ରହିଲେ ଅନେକ ସମସ୍ୟାର ସମାଧାନ ହୋଇଯିବ । ପ୍ରଶାସନ ବା ପୌର ସଂସ୍ଥା ପକ୍ଷରୁ ମଶା ମରା ଅଭିଯାନ ସହିତ ଲୋକଙ୍କୁ ମୂଳରୁ ସଚେତନ କରାଇବା ଲାଗି ପ୍ରୟାସ ହେବା ଉଚିତ । ଅନେକ ସମୟରେ ଡେଙ୍ଗୁ, ମ୍ୟାଲେରିଆ ବର୍ଷା ଦିନେ ମହାମାରୀ ରୂପ ନେଇଥାଏ ।

# ସୁପ୍ରିମକୋର୍ଟରେ ବଂଶବାଦ

॥ ସୌମେନ୍ଦ୍ର ଜେନା ॥

> "ବିଗତ ଦିନଗୁଡ଼ିକରେ ଦେଶର ବିଚାର ବ୍ୟବସ୍ଥାର ଅବ୍ୟବସ୍ଥାକୁ କେନ୍ଦ୍ରକରି ଢେର ଢେର ଲେଖାମାନ ପ୍ରକାଶ ପାଇଛି । ସାମ୍ବିଧାନିକ ବ୍ୟବସ୍ଥାକୁ ଲକ୍ଷ୍ୟକଲେ ଦେଶର ତଳ କୋର୍ଟ ପାଇଁ ବିଧିବଦ୍ଧ ଭାବେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ବିଚାରପତି ନିଯୁକ୍ତି ବ୍ୟବସ୍ଥା ରହିଥିଲେ ମଧ ଉପର କୋର୍ଟ (ହାଇକୋର୍ଟ, ସୁପ୍ରିମକୋର୍ଟ) ଗୁଡିକ ପାଇଁ ସେପରି ବ୍ୟବସ୍ଥା ନାହିଁ । ସମ୍ବିଧାନର ଧାରା ୧୨୪(୨) ଏବଂ ୨୧୭ରେ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟର ଜଜ୍ (ବିଚାରପତି)ମାନଙ୍କର ନିଯୁକ୍ତି ସଂପର୍କରେ ଉଲ୍ଲେଖ ରହିଛି ।

ଗତ କିଛିମାସ ହେବ ଦେଶର ନ୍ୟାୟିକ ବ୍ୟବସ୍ଥା, ନ୍ୟାୟାଳୟର କାର୍ଯ୍ୟସମୟ, ବିଚାରପତିଙ୍କ ସୁବିଧା ସୁଯୋଗ, ଦେଶରେ ମାମଲାର ବଢୁଥିବା ସଂଖ୍ୟା,ଉଚ୍ଚ ଅଦାଲତରେ ବିଳମ୍ବିତ ନ୍ୟାୟ ପ୍ରକ୍ରିୟାକୁ କେନ୍ଦ୍ରକରି ଅନେକ ଆଲୋଚନା-ସମାଲୋଚନା ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଦେଶର ଗଣମାଧ୍ୟମଗୁଡିକ ଆଜି ପର୍ଯ୍ୟନ୍ତ କେବଳ ରାଜନୀତି, ରାଜନେତା ଏବଂ ରାଜନୈତିକ ଦଳଗୁଡିକୁ କେନ୍ଦ୍ରକରି ଖବର ପ୍ରସାର କରୁଥିବା ବେଳେ ଦେଶର ସବୁ ସମସ୍ୟାର ମୂଳ କେବଳ ସେମାନେ ବୋଲି କୁହାଯାଇଆସିଛି, ଦର୍ଶାଯାଇ ଆସିଛି । କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥାର ଏହା ଏକମାତ୍ର ଅଂଶବିଶେଷ, ସବୁକିଛି ନୁହେଁ ବୋଲି ଆମକୁ ଗ୍ରହଣ କରିବାକୁ ହେବ । ଅଥଚ ଦେଶର ରାଜନୀତିରେ ପିତାପରେ ପୁତ୍ରର ରାଜନୀତିକୁ ବଂଶବାଦର ଆଖ୍ୟା ପ୍ରଦାନ କରାଯାଉଥିଲା ବେଳେ ବଡ ବ୍ୟବସାୟୀର ପୁତ୍ର ଆହୁରି ବଡ ବ୍ୟବସାୟୀ ହେବା, ସିନେ ତାରକାଙ୍କ ପୁଅଝିଅମାନେ ବାପାମାଆଙ୍କ ପରି ସିନେ ଜଗତକୁ ଦଖଲ କଲେ ମଧ ସେଠାରେ ବଂଶବାଦକୁ ନେଇ କେହି ଏଠି ଆଲୋଚନା କରୁନାହିଁ । ସେମିତି ଦେଶର ବିଚାର ବ୍ୟବସ୍ଥାରେ ମଧ ବଂଶବାଦ ଆଧାରିତ ପରମ୍ପରା ଅଧିକ ସୁଦୃଢ ହେଉଥିବା ସମୟରେ ତାକୁ କେହି ଦୋଷ ଦେଉନାହାନ୍ତି । ଏବି ବଂଶବାଦୀ ଧରାଧରି ବ୍ୟବସ୍ଥା ଯୋଗୁ ଅନେକ ଯୋଗ୍ୟ ବିଚାରପତି ଉଚ୍ଚନ୍ୟାୟାଳୟ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)କୁ ଆସିବାର ସୁଯୋଗ ନପାଇ ତଳ ଅଦାଲତରେ ନିଜର କାର୍ଯ୍ୟକାଳ ଶେଷ କରିବାକୁ ବାଧ ହେଉଛନ୍ତି । ଦେଶର କଲେଜିୟମ ବ୍ୟବସ୍ଥା ଯୋଗ୍ୟ ବିଚାରପତିମାନଙ୍କୁ ସ୍ଥାନ ନଦେଇ ସଂପର୍କୀତ ଏବଂ ନିକଟତର ବିଚାରପତିମାନଙ୍କୁ ପଦପଦବୀରେ ଆସୀନ କରୁଥିବା ହେତୁ ଅସଲ ସଙ୍କଟ ସୃଷ୍ଟି ହେଉଥିବା କଥା କୁହାଯାଉଛି । ଗତ କିଛିଦିନ ତଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉପୁଡାମାରି ଜେଲରେ ଥିବା ଦେଶର ଗରିବ, ଆଦିବାସୀମାନଙ୍କ ଅସହାୟତା କଥା ପ୍ରକାଶ କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ । ଜମି ନଥିବାରୁ ସେମାନେ କିପରି ଜାମିନଦାର ନ ପାଇବା, ସର୍ବହରା ହେବା ଭୟରେ ଅଦାଲତକୁ ନଯିବା କଥା କହିଥିଲେ । ଆଇନମନ୍ତ୍ରୀ କିରଣ ରିଜିଜୁ ମଧ ବିଚାର ବ୍ୟବସ୍ଥାରେ ପାରଦର୍ଶିତା,ନିଯୁକ୍ତିରେ ସ୍ୱଚ୍ଛତା, ଯୋଗ୍ୟତା ଚୟନରେ ବିଶ୍ୱସନୀୟତା ରହିବା ଉପରେ ଜୋର ଦେଇ ଦେଶର କଲେଜିୟମ ବ୍ୟବସ୍ଥାକୁ ପରୋକ୍ଷରେ ଇଙ୍ଗିତ କରିଥିଲେ ।

ବିଗତ ଦିନଗୁଡ଼ିକରେ ଦେଶର ବିଚାର ବ୍ୟବସ୍ଥାର ଅବ୍ୟବସ୍ଥାକୁ କେନ୍ଦ୍ରକରି ଢେର ଢେର ଲେଖାମାନ ପ୍ରକାଶ ପାଇଛି । ସାମ୍ବିଧାନିକ ବ୍ୟବସ୍ଥାକୁ ଲକ୍ଷ୍ୟକଲେ ଦେଶର ତଳ କୋର୍ଟ ପାଇଁ ବିଧିବଦ୍ଧ ଭାବେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ବିଚାରପତି ନିଯୁକ୍ତି ବ୍ୟବସ୍ଥା ରହିଥିଲେ ମଧ ଉପର କୋର୍ଟ (ହାଇକୋର୍ଟ, ସୁପ୍ରିମକୋର୍ଟ) ଗୁଡିକ ପାଇଁ ସେପରି ବ୍ୟବସ୍ଥା ନାହିଁ । ସମ୍ବିଧାନର ଧାରା ୧୨୪(୨) ଏବଂ ୨୧୭ରେ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟର ଜଜ୍ (ବିଚାରପତି)ମାନଙ୍କର ନିଯୁକ୍ତି ସଂପର୍କରେ ଉଲ୍ଲେଖ ରହିଛି । କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ପ୍ରକ୍ରିୟା ବିଷୟରେ ଉଲ୍ଲେଖ କରାଯାଇନାହିଁ । ବ୍ୟବସ୍ଥା ଅନୁଯାୟୀ ୧୨୪(୨) କହେ ଯେ ସୁପ୍ରିମକୋର୍ଟ ଓ ହାଇକୋର୍ଟର ଜଜ୍‌ମାନଙ୍କୁ ନିଯୁକ୍ତି ପାଇଁ ରାଷ୍ଟ୍ରପତି ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)ର ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିଥାନ୍ତି । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ନିଯୁକ୍ତି ପାଇଁ ସେ ଅନ୍ୟ ବିଚାରପତିମାନଙ୍କ ସହ ଆଲୋଚନା କରିଥାନ୍ତି । ତେବେ ସମ୍ବିଧାନର ୨୧୭ଧାରା ଅନୁଯାୟୀ ହାଇକୋର୍ଟର ବିଚାରପତିଙ୍କ ନିଯୁକ୍ତି ରାଷ୍ଟ୍ରପତିଙ୍କ ଦ୍ୱାରା ହେଉଥିଲେ ମଧ ସେ ସଂପୃକ୍ତ ରାଜ୍ୟର ରାଜ୍ୟପାଳ ଏବଂ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିଥାନ୍ତି ।

ଦେଖିବାକୁ ଗଲେ ଏବେ ପ୍ରଚଳିତ କଲେଜିୟମ ବ୍ୟବସ୍ଥା ମୂଳ ସମ୍ବିଧାନରେ ନଥିଲା । ୨୮ ଅକ୍ଟୋବର ୧୯୯୮ରେ ୩ଜଣିଆ ଜଜ୍ ମାମଲାରେ ସୁପ୍ରିମକୋର୍ଟର ରାୟ ମାଧମରେ ଏହାକୁ ଦେଶରେ କାର୍ଯ୍ୟକାରୀ କରାଯାଇଥିଲା । ଏହି ବ୍ୟବସ୍ଥା ଅନୁସାରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଏବଂ ୪ଜଣ ବରିଷ୍ଠ ଜଜ୍‌ଙ୍କୁ ନେଇ ଗଠିତ କମିଟି (କଲେଜିୟମ) ଦେଶର ବିଚାରପତି (ଜଜ୍)ମାନଙ୍କୁ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ନିଯୁକ୍ତି ଦେଇଥାନ୍ତି, ବଦଳିପାଇଁ ସୁପାରିଶ କରିଥାଆନ୍ତି । କଲେଜିୟମର ସୁପାରିଶକୁ ସ୍ୱୀକୃତି ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଥାଏ । ସେହି ତାଲିକାରେ ମତଭେଦ ଥିଲେ ସରକାର କିଛି ନୂଆ ପ୍ରସ୍ତାବିତ ନାମ ତାଲିକା ସହ ସଂଶୋଧନ ନିମନ୍ତେ କଲେଜିୟମକୁ ପଠାଇଥାନ୍ତି । କଲେଜିୟମ ସରକାରଙ୍କ ସଂଶୋଧନକୁ ଗ୍ରହଣ କରନ୍ତି କିମ୍ବା ନିଜ ମୁତାବକ ତାଲିକା କରି ପୁଣିଥରେ କେନ୍ଦ୍ର ସରକାରଙ୍କ ପାଖକୁ ପଠାଇଥାନ୍ତି । ତେବେ ଦ୍ୱିତୀୟଥର ସରକାର କଲେଜିୟମର ପ୍ରସ୍ତାବକୁ ଗ୍ରହଣ କରିବାକୁ ବାଧ ହୋଇଥାନ୍ତି ।

ଗତ ୨୫ ବର୍ଷରେ ଯାହା ଦେଖାଯାଇଛି ଏହି ବ୍ୟବସ୍ଥାରେ କେତେକ ହାତଗଣା ପରିବାର ବର୍ଗ ଉପକୃତ ହୋଇଛନ୍ତି । ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରିବା ବେଳେ କଲେଜିୟମ ବନାମ ସରକାର ସ୍ଥିତି ଉପୁଜିଲେ ଅଯଥା ବର୍ଷ ବର୍ଷ ସମୟ ନଷ୍ଟ ହୋଇଥାଏ, ନିଯୁକ୍ତି ବିଳମ୍ବିତ ହୋଇଥାଏ । କଲେଜିୟମ ସରକାରଙ୍କ ଆପତ୍ତିକୁ ଗ୍ରହଣ ନ କଲେ ସରକାର ମଧ କଲେଜିୟମର ବିରୋଧୀ ହୋଇଥାନ୍ତି । ଫଳସ୍ୱରୂପ ମକଦ୍ଦମା ସଂଖ୍ୟା ବଢୁଥାଏ, ବିଚାରକାଳ ଗଡୁଥାଏ । ସରକାର କଲେଜିୟମର ପ୍ରସ୍ତାବକୁ ଗ୍ରହଣ କରି କେତେ ସମୟ ମଧରେ ନିଯୁକ୍ତି ଦେବେ ତାହା ସ୍ପଷ୍ଟ ନଥିବାରୁ ସରକାର ଟାଳଟୁଳନୀତି ଅବଲମ୍ବନ କରିଥାନ୍ତି । କଲେଜିୟମ ବ୍ୟବସ୍ଥାକୁ ବର୍ତ୍ତମାନର ସରକାର ବିରୋଧ କରିବାର କାରଣ ହେଲା ଯେ ଏହି ବ୍ୟବସ୍ଥା ପ୍ରିୟାପ୍ରୀତି ତୋଷଣକୁ ପ୍ରୋତ୍ସାହିତ କରିଆସୁଛି । ଏଥିରେ କେନ୍ଦ୍ର ସଚିବାଳୟ କିମ୍ବା ଅନ୍ୟ କାର୍ଯ୍ୟାଳୟର ଭୂମିକା ରହୁନାହିଁ । ୫ଜଣ ଜଜ୍ ବନ୍ଦ କୋଠରୀ ମଧରେ ଯାହା ସ୍ଥିର କରୁଛନ୍ତି ତାକୁ ସର୍ବମାନ୍ୟ ଭାବେ ଗ୍ରହଣ କରାଯାଉଛି । ଏହି ଚୟନ ପ୍ରକ୍ରିୟା ଆଦୌ ଯୋଗ୍ୟତା ଏବଂ ପ୍ରତିଯୋଗିତାଭିତ୍ତିକ ନହୋଇ ବ୍ୟକ୍ତିଗତ ସଂପର୍କଭିତ୍ତିକ ହୋଇ ଆସିଛି । ଏଥିରେ ଅସ୍ୱଚ୍ଛତା ରହିଥିବା ହେତୁ ସନ୍ଦେହର ଘେରରେ ରହିଆସିଛି ।

ତେଣୁ କଲେଜିୟମ ବ୍ୟବସ୍ଥାର ସଂଶୋଧନ ପାଇଁ ୧୫ ଅଗଷ୍ଟ ୨୦୧୪ରେ ତତ୍କାଳୀନ ସରକାର ରାଷ୍ଟ୍ରୀୟ ନ୍ୟାୟାଳୟ ନିଯୁକ୍ତି ଆୟୋଗ (ଏନ୍‌ଜେଏସି) ଗଠନ କରିଥିଲେ । ଯାହାକୁ ୧୬ ଅକ୍ଟୋବର ୨୦୧୫ରେ ସୁପ୍ରିମକୋର୍ଟ ଆସାମ୍ବିଧାନିକ ଆଖ୍ୟା ଦେଇଥିଲେ । ଏଥିରେ ୬ଜଣିଆ ସଦସ୍ୟଙ୍କ ବ୍ୟବସ୍ଥା ଥିଲା । ଏହାର ପ୍ରମୁଖ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଥିଲାବେଳେ ୨ ସୁପ୍ରିମକୋର୍ଟ ଜଜ୍, କେନ୍ଦ୍ର ଆଇନମନ୍ତ୍ରୀ ଏବଂ ଭିନ୍ନ ଭିନ୍ନ କ୍ଷେତ୍ରରେ ୨ଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଏହାର ସଦସ୍ୟ କରାଯିବା ଲାଗି ବ୍ୟବସ୍ଥା ରହିଥଲା । ଏହି ଦୁଇଜଣ ସଦସ୍ୟଙ୍କ ଚୟନ ବିରୋଧୀଦଳ ନେତାଙ୍କ କମିଟି ସ୍ଥିର କରିବାକୁ ଥିବା ହେତୁ ସୁପ୍ରିମକୋର୍ଟ ସରକାରଙ୍କ ପ୍ରସ୍ତାବରେ ଅରାଜି ହୋଇଥିଲେ । (କ୍ରମଶଃ)

# ଭୋକର ଯନ୍ତ୍ରଣାରୁ ମୁକ୍ତି କେବେ ?

॥ ଗୋପାଳ ମହାପାତ୍ର ॥

ଦେଶରେ ଯଦି କୌଣସି ବ୍ୟକ୍ତି ରାତ୍ରୀରେ ଭୋକରେ ଶୁଏ ତେବେ କହିବାକୁ ହେବ ଯେ ଦେଶର ସୌଭାଗ୍ୟ ଶୋଇପଡ଼ିଲା । କିନ୍ତୁ ଯଦି କେହି ଖାଦ୍ୟାଭାବରୁ ମୃତ୍ୟୁମୁଖରେ ପଡ଼େ ତେବେ କୁହାଯିବ ଯେ ସ୍ୱାଧୀନତାର ୭୫ବର୍ଷ ପରେ ମଧ ଦୁର୍ଭାଗ୍ୟ ଆମ ପିଛା ଛାଡୁନାହିଁ । କୋରନା ମହାମାରୀ ସମୟରେ ଏମିତି ଘଟିଥିଲା । ଏହି ସମୟରେ ହଜାର ହଜାର ଭୋକିଲା ଶ୍ରମିକ ନିଜ ପିଲାଛୁଆମାନଙ୍କୁ ଧରି ଶହ ଶହ କିଲୋମିଟର ଚାଲୁଥିବାର ଦେଖାଯାଇଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଚନ୍ଦ୍ରଶେଖର ତାଙ୍କ ଆତ୍ମକଥାରେ ଲେଖିଛନ୍ତି ଯେ ଯୁଗସ୍ଲୋଭିଆର ଜଣେ ପ୍ରଫେସର ଯିଏ ବିଶ୍ୱର ଶରଣାର୍ଥୀ ମାନଙ୍କ ସମ୍ପର୍କରେ ଗବେଷଣା କରୁଥିଲେ ତାଙ୍କୁ ଖାଦ୍ୟାଭାବ ସମ୍ପର୍କରେ ପ୍ରଶ୍ନ କରିଥିଲେ । ଯୁଗସ୍ଲୋଭିଆର ପ୍ରଫେସରଙ୍କ ପ୍ରଶ୍ନର ଉତ୍ତରରେ ଚନ୍ଦ୍ରଶେଖର କହିଥିଲେ ଯେ ମହାତ୍ମା ଗାନ୍ଧୀ ମଧ ଦାରିଦ୍ର୍ୟର ଯନ୍ତ୍ରଣାକୁ ଅନୁଭବ କରିଥିଲେ ଯେତେବେଳେ ତାଙ୍କୁ ଦକ୍ଷିଣ ଆଫ୍ରିକାରେ ଅନେକ ଯାତନାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେଥିରୁ ପ୍ରେରଣା ପାଇ ସେ ଗରୀବ ଲୋକଙ୍କ ଜୀବନ ସହ ଯୋଡ଼ି ହୋଇଯାଇଥିଲେ । ମହାତ୍ମା ବୁଦ୍ଧଙ୍କର ଅସଲ ଜ୍ଞାନ ସେତେବେଳେ ଉଦୟ ହୋଇଥିଲା ଯେତେବେଳେ ସେ ସୁଜାତାଙ୍କ ଠାରୁ କ୍ଷୀରି ଖାଇବା ପାଇଁ ବାଧ ହୋଇଥିଲେ । ଭୋକର ଯନ୍ତ୍ରଣାକୁ ନବୁଝିଲେ କେହି ଭୋକ ମେଣ୍ଟାଇ ପାରେନାହିଁ ।

କିଛିଦିନ ତଳେ ସୁପ୍ରିମକୋର୍ଟରେ ସାମାଜିକ କାର୍ଯ୍ୟକର୍ତ୍ତା ଅଳି ଭରଦ୍ୱାଜ, ହର୍ଷ ମନ୍ଦର ଏବଂ ଜଗଦୀପ ଛୋକରଙ୍କ ପକ୍ଷରୁ ଆଗତ ଏକ ଜନସ୍ୱାର୍ଥ ମାମଲା ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ପରିଚାଳନା କରୁଥିଲେ । ମାମଲାଟିର ବିଚାର କରୁଥିଲେ ବିଚାରପତି ଏମ୍.ଆର. ଶାହା ଓ ବିଚାରପତି ହିମା କୋହଲି । ମାମଲାର ଶୁଣାଣୀ କରି ଦୁଇ ବିଚାରପତି କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ କେନ୍ଦ୍ର ସରକାର ସୁନିଶ୍ଚିତ କରନ୍ତୁ ଯେ ଦେଶରେ କୌଣସି ବ୍ୟକ୍ତି ଭୋକରେ ଶୋଉନାହିଁ । ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅନୁସାରେ ଖାଦ୍ୟପଦାର୍ଥ ସମସ୍ତଙ୍କ ପାଖରେ ପହଞ୍ଚିବା ଦରକାର । ଖଣ୍ଡପୀଠ କୋରନା ମହାମାରୀ ଏବଂ ଲକ୍‌ଡାଉନ୍ ସମୟରେ ପ୍ରବାସୀ ଶ୍ରମିକଙ୍କ ଅବସ୍ଥା ସମ୍ବନ୍ଧୀତ ମାମଲାର ଶୁଣାଣୀ କରୁଥିଲେ ।

ଉପନିଷଦର ଏକ ପୌରାଣିକ କଥା ଅନୁସାରେ ଜଣେ ବ୍ରହ୍ମଚାରୀ ଥରେ ଜଣେ ଋଷିଙ୍କ ପାଖକୁ ଯାଇଥିଲେ । ବ୍ରହ୍ମଚାରୀ ଜଣକ ଋଷିଙ୍କୁ କହିଲେ ଗୁରୁବର ମୋତେ ବ୍ରହ୍ମଜ୍ଞାନ ଦିଅନ୍ତୁ । ଋଷି ବ୍ରହ୍ମଚାରୀଙ୍କୁ ଧ୍ୟାନ କରିବାକୁ କହିଲେ । ଅନେକ ସମୟ ଧ୍ୟାନରେ ବସିବା ପରେ ବ୍ରହ୍ମଚାରୀ ଜଣକ ଧ୍ୟାନ ଭାଙ୍ଗି ଠିଆ ହୋଇପଡ଼ିଲେ । ଋଷି ତାଙ୍କୁ ପୁନର୍ବାର ଧ୍ୟାନ କରିବା ପାଇଁ କହିଲେ । କିନ୍ତୁ ସେ ବସି ଧ୍ୟାନ କରିବା ପରିବର୍ତ୍ତେ ଋଷିଙ୍କୁ ଅବଜ୍ଞା କରି ଉଚ୍ଚ ସ୍ୱରରେ ବସି ପାରିବେ ନାହିଁ ବୋଲି କହିବା ସହ ଭୋକରେ ଆଉଟୁପାଉଟୁ ହୋଇଯାଉଥିବା କହିଲେ । ଏପରିକି ତାଙ୍କୁ ଖାଦ୍ୟ (ଅନ୍ନ) ଦରକାର ବୋଲି କହିଲେ । ଋଷି ହସି ହସି କହିଲେ ଯେ ପ୍ରଥମ ପାଠ ହେଉଛି ଅନ୍ନ ହିଁ ବ୍ରହ୍ମ ଏବଂ ଅନ୍ନ ବିନା କିଛି ହୋଇପାରିବ ନାହିଁ । ସେହିପରି ତୈତିରୀୟ ଉପନିଷଦରେ କୁହାଯାଇଛି ଯେ ଅନ୍ନ ହେଉଛି ବ୍ରହ୍ମ । କାରଣ ଅନ୍ନରୁ ହିଁ ସବୁ ପ୍ରାଣୀ ଉତ୍ପନ୍ନ ହୋଇଥାନ୍ତି, ଉତ୍ପନ୍ନ ହୋଇ ଅନ୍ନରେ ହିଁ ଜୀବିତ ରହିଥାନ୍ତି, ଶେଷରେ ସଂସାରରୁ ପ୍ରୟାଣ କରି ପୁଣି ଅନ୍ନରେ ପ୍ରବିଷ୍ଟ ହୋଇଯାଆନ୍ତି ।

୧୮୬୭-୬୮ରେ ପ୍ରଥମେ ଦେଶରୁ ଗରୀବି ଦୂର କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା । ୧୯୩୮ରେ ସୁବାଷ ଚନ୍ଦ୍ର ବୋଷ ମଧ ସେକଥା କହିଥିଲେ । ୧୯୪୭ରେ ଦେଶ ସ୍ୱାଧୀନ ହେବାବେଳେ ପ୍ରତି ୩ଜଣରେ ଦୁଇଜଣ ଗରୀବ ଥିଲେ । ଏବେ କୁହାଯାଉଛି ଯେ ପ୍ରତି ୩ଜଣରେ ଜଣେ ଗରୀବ । ଦେଶ ସ୍ୱାଧୀନ ହେବା ପରେ ଗରୀବ ହଟାଅ, ଦେଶ ବଞ୍ଚାଅ ଧ୍ୱନୀ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ୧୯୭୪ରେ ଦେଇଥିଲେ । ରାଜୀବ ଗାନ୍ଧୀ ମଧ ଏହି ଧ୍ୱନୀର ପୁନରାବୃତ୍ତି କରିଥିଲେ । ପଞ୍ଚବାର୍ଷିକ ଯୋଜନାରେ ଏହାକୁ ସାମିଲ୍ କରାଯାଇଥିଲା । ଏବେ ବି ଦେଶରେ ଖାଦ୍ୟାଭାବ (ଭୋକ)ରେ ମରୁଥିବା କଥା ନଜରକୁ ଆସୁଛି କିନ୍ତୁ ସରକାର ଘଟଣାକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ଘଣ୍ଟ ଘୋଡାଇବାର ଉଦ୍ୟମ କରୁଛନ୍ତି । ଏହା ଦୁର୍ଭାଗ୍ୟପୂର୍ଣ୍ଣ ନିଶ୍ଚୟ ।

ଭୋଜନ ହେଉଛି ମନୁଷ୍ୟର ଜନ୍ମସିଦ୍ଧ ଅଧିକାର । ଆମେରିକାର ପୂର୍ବତନ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ରୁଜଭେଲ୍ଟ ଏକଥା ଉଠାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଜାତିସଂଘ ଏ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦେଇ ପ୍ରସଙ୍ଗକୁ ହାତକୁ ନେଇଥିଲା ଓ ୧୯୪୮ରେ ଆର୍ଟିକିଲ୍ -୨୫ ଅନୁସାରେ ଭୋଜନକୁ ଅଧିକାର ଭାବେ ମୁରୀ ଦେଇଥିଲା । ସୁଖଦ କଥା ହେଉଛି ସୁପ୍ରିମକୋର୍ଟ ଏବେ ଏ ପ୍ରସଙ୍ଗରେ ସରକାରଙ୍କୁ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି । ମାନ୍ୟବର କୋର୍ଟ ଇ-ଶ୍ରମ ପୋର୍ଟାଲ୍‌ରେ ପିକୃତ ପ୍ରବାସୀ ଓ ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ସଂଖ୍ୟା ବାବଦରେ ତାଜା ରିପୋର୍ଟ ଦାଖଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ କହିଛନ୍ତି । ମାନ୍ୟବର କୋର୍ଟ କହିଛନ୍ତି ଯେ କେନ୍ଦ୍ର ସରକାର ଏ ପ୍ରସଙ୍ଗରେ କିଛି କରୁନାହିଁ ବୋଲି ଆମେ କହୁନାହୁଁ, କିନ୍ତୁ ଆମକୁ ଦେଖିବାକୁ ପଡ଼ିବ ଯେ ବ୍ୟବସ୍ଥା ଜାରି ରହିଛି । ଶୁଣାଣୀ ବେଳେ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ସରକାର କହୁଛନ୍ତି ଲୋକଙ୍କ ଆୟ ବଢିଛି, କିନ୍ତୁ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତ ତଳକୁ ଖସି ଆସିଛି । କଥା ହେଉଛି ଗ୍ଲୋବାଲ୍ ହଙ୍ଗର ଇଣ୍ଡେକ୍ସର ୨୦୨୨ ରିପୋର୍ଟରେ ଭାରତର ସ୍ଥିତି ଖରାପ ବୋଲି ଦର୍ଶାଯାଇଛି । ୧୨୧ଦେଶର ର୍‍ୟାଙ୍କିଙ୍ଗ୍‌ରେ ଭାରତ ୧୦୭ ସ୍ଥାନରେ ରହିଛି । ଆମଠାରୁ ଆମ ପଡ଼ୋଶୀ ବଙ୍ଗଳା ଦେଶ ଓ ନେପାଳର ସ୍ଥିତି ଭଲ ବୋଲି ରିପୋର୍ଟରେ କୁହାଯାଇଛି । ଏବେ ଦେଖିବାକୁ ବାକି ରହିଲା ସେ ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ପରେ କେନ୍ଦ୍ର ସରକାର କ'ଣ ପଦକ୍ଷେପ ନେଉଛନ୍ତି ଓ ଭାରତ କ୍ଷୁଧାମୁକ୍ତ ଭାରତରେ କେବେ ପରିଣତ ହେଉଛି ?

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

# କ୍ୱାଣ୍ଟିଫିଏବୁଲ ଡାଟା ସଂଗ୍ରହ କେବେ ?

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ପଛୁଆ ଜାତି ତାଲିକାରେ ଓଡ଼ିଶାରୁ ଆଉ ୨୨ଟି ଜାତିର ନାମ ଯୋଡ଼ିବା ପାଇଁ ରାଜ୍ୟ ପଛୁଆବର୍ଗ କମିଶନ ସରକାରଙ୍କୁ ସୁପାରିଶ କରିଥିବାବେଳେ ଏଯାବତ କିନ୍ତୁ ଜାତିଭିତ୍ତିକ ଜନଗଣନା ହୋଇନାହିଁ କିମ୍ବା ଏହି ବର୍ଗର କ୍ୱାଣ୍ଟିଫିଏବୁଲ ଡାଟା ସଂଗୃହୀତ ହୋଇପାରିନାହିଁ । ଭାରତର ଶେଷ ଜାତିଭିତ୍ତିକ ଜନଗଣନା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ୧୯୩୧ ମସିହାରେ ହୋଇଥିଲା । ବିଶ୍ୱନାଥ ପ୍ରତାପ ସିଂହଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ୯୦ ଦଶକରେ ପ୍ରଥମ ଭାଗରେ ମଣ୍ଡଳ କମିଶନ ସୁପାରିଶ ଆଧାରରେ ପଛୁଆବର୍ଗଙ୍କ ପାଇଁ ସରକାରୀ ଚାକିରିରେ ୨୭% ସ୍ଥାନ ସଂରକ୍ଷଣ କରାଯିବା ବେଳେ ମଧ ଜାତିଭିତ୍ତିକ ଜନଗଣନା ହୋଇନଥିଲା । ଏଠାରେ ଉଲ୍ଲେଖନୀୟ ଯେ ୭୦ ଦଶକରେ ଶେଷ ଭାଗରେ ମୋରାରଜୀ ଦେଶାଇଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ବିହାରର ଜଣେ ବରିଷ୍ଠ ରାଜନେତା ବିନ୍ଧେଶ୍ୱରୀ ପ୍ରସାଦ ମଣ୍ଡଳଙ୍କ ଅଧକ୍ଷତାରେ ଏହି କମିଶନ ଗଢ଼ାଯାଇଥିଲା ।

ସରକାରୀ ଚାକିରି କ୍ଷେତ୍ରରେ ସଂରକ୍ଷଣ ସୀମା ୫୦% ମଧରେ ସୀମିତ ରଖିବା ଲାଗି ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶର ଅନୁପାଳନ କରି କେନ୍ଦ୍ର ସରକାର ପଛୁଆବର୍ଗଙ୍କ ପାଇଁ ୨୭% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିଥିଲେ । କାରଣ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ଜନସଂଖ୍ୟା ଆଧାରରେ ୨୨.୫% ସ୍ଥାନ ସଂରକ୍ଷଣ ଦିଆଯାଇଥିବାରୁ କେନ୍ଦ୍ର ସରକାର ଏହା ରଖିବାକୁ ବାଧ ହୋଇଥିଲେ । ସେତେବେଳେ ଓଡ଼ଶା ସରକାର ମଣ୍ଡଳ କମିଶନଙ୍କ ସୁପାରିଶ ଗ୍ରହଣ କରିନଥିଲେ ଏବଂ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଜଷ୍ଟିସ ନବ କିଶୋର ଦାସ କମିଶନ ବସାଇଥିଲେ । ଏହି କମିଶନ ମଧ ଚାକିରି କ୍ଷେତ୍ରରେ ସଂରକ୍ଷଣ ସୀମା ୫୦ ପ୍ରତିଶତ ସୁପାରିଶ କରିଥିଲେ ।

ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ସଂଖ୍ୟା ଜାତୀୟ ହାର ଠାରୁ ଢ଼େର ଅଧିକ । ଆମ ରାଜ୍ୟରେ ଜନସଂଖ୍ୟା ଭିତ୍ତିରେ ଏହି ଦୁଇ ବର୍ଗଙ୍କ ଲାଗି ଚାକିରି କ୍ଷେତ୍ରରେ ୩୮.୭୫% ସ୍ଥାନ ସଂରକ୍ଷଣ ଥିବାରୁ ରାଜ୍ୟ ସରକାର ପଛୁଆବର୍ଗଙ୍କ ପାଇଁ ୨୭% ବଦଳରେ ୧୧.୨୫% ଆସନ ସଂରକ୍ଷିତ ରଖିଥିଲେ । ପରବର୍ତ୍ତୀ ସମୟରେ ରାଜ୍ୟ ବିଧାନସଭାରେ ସ୍ୱତନ୍ତ୍ର ଆଇନ ପ୍ରଣତି କରି ରାଜ୍ୟ ସରକାର ପଛୁଆବର୍ଗଙ୍କୁ ୨୭% ସଂରକ୍ଷଣ ସୁବିଧା ଦେଇଥିଲେ ମଧ ଏହା ଅଦାଲତରେ କାଟ୍ ଖାଇଯାଇଥିଲା । ଓଡ଼ିଶା ସରକାରଙ୍କ ୨୭% ସଂରକ୍ଷଣ ବ୍ୟବସ୍ଥାକୁ ରଦ୍ଦ କରିବା ବେଳେ ଅଦାଲତ ସ୍ପଷ୍ଟ ଭାବେ କହିଥିଲେ ଯେ ପଛୁଆବର୍ଗଙ୍କ ପ୍ରସଙ୍ଗରେ କ୍ୱାଣ୍ଟିଫିଏବୁଲ ଡାଟା ସଂଗ୍ରହ କରାଯିବା ଆବଶ୍ୟକ ।

ଏହାଛଡ଼ା ଏହି ସଂରକ୍ଷଣ ପ୍ରସଙ୍ଗକୁ ମଧ ସମ୍ବିଧାନର ୩୨ (କ) ଧାରା ଅନୁଯାୟୀ ନବମ ଅନୁଚ୍ଛେଦରେ ସ୍ଥାନିତ କରାଯିବା କଥା । ତେବେ ରାଜ୍ୟ ସରକାରଙ୍କ ଏହି ୨୭% ସଂରକ୍ଷଣ ଆଇନ ପ୍ରାୟ ୧୦ ବର୍ଷ ତଳୁ ରଦ୍ଦ ହୋଇଯାଇଥିଲେ ମଧ ଏଯାବତ କ୍ୱାଣ୍ଟିଫିଏବୁଲ ଡାଟା ସଂଗ୍ରହ ସହିତ ଏହି ବର୍ଗର କ୍ରିମିଲେୟାରମାନଙ୍କୁ ଚିହ୍ନଟ କରାଯାଇନାହିଁ । ଓଡ଼ିଶାରେ କେଉଁ ଜାତିର କେତେ ଲୋକ ଅଛନ୍ତି ତାହା ଜାଣିବା ପାଇଁ ଜାତୀୟ ଜନଗଣନା ଜାତିଭିତ୍ତିକ ତଥ୍ୟ ଆବଶ୍ୟକ । କିନ୍ତୁ କେନ୍ଦ୍ରସରକାର ଜାତିଭିତ୍ତିକ ଜନଗଣନା ଉପରେ ଗୁରୁତ୍ୱ ଦେଉନଥିବା ବେଳେ ବିହାର ସରକାର ନିଜ ଆଡୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିବାବେଳେ ତାହାକୁ ବିରୋଧ କରି ଆଇନ ଅଦାଲତରେ ମଧ ମାମଲା ରୁଜୁ ହୋଇଛି । ଏ ପରିପ୍ରେକ୍ଷୀରେ ଓଡ଼ିଶା ସମେତ ବହୁ ରାଜ୍ୟଙ୍କ ନଜର ବିହାର ମାମଲା ଉପରେ ରହିଛି ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ବୁଧବାର, ୨୨ ଜୁଲାଇ, ୨୦୨୬



**ସିନେମା ହଲ୍ ପାଇଁ ନାହିଁ ଆବଶ୍ୟକୀୟ ପ୍ରମାଣପତ୍ର**

## ଅବ୍ୟବସ୍ଥା ଭିତରେ ଖୋଲିଲା ବାଲୁଗାଁ ଜଗଦମ୍ବା ସିନେମା ହଲ୍

ଚିଲିକା, (ମହାଭାରତ) : ବାଲୁଗାଁ ଅଞ୍ଚଳ ସଦାସର୍ବଦା ମାଛ, କଙ୍କଡା ଏବଂ ଚିଙ୍ଗୁଡି ପାଇଁ ପ୍ରସିଦ୍ଧ ଥିବାବେଳେ ପର୍ଯ୍ୟଟନ ସ୍ଥଳ ହିସାବରେ ବେସ୍ ଖ୍ୟାତି ଅର୍ଜନ କରିଛି। ବ୍ୟବସାୟୀ ହୁଅନ୍ତୁ କିମ୍ବା ପର୍ଯ୍ୟଟକ , ଟିକିଏ ମନୋରଞ୍ଜନ ପାଇଁ ବାଲୁଗାଁ ଅଞ୍ଚଳରେ ସେମିତି କୌଣସି ଆଖି ଦୃଷ୍ଟିଆ ବ୍ୟବସ୍ଥା ନଥିଲେ ସୁଦ୍ଧା ରବିବାର ଅପରାହ୍ଣରେ ଗଣସାଧାରଣଙ୍କ ମନୋରଞ୍ଜନ ପାଇଁ ବାଲୁଗାଁ ଅଞ୍ଚଳରେ ଜଗଦମ୍ବା ନାମକ ସିନେମା ହଲ୍‌ର ଶୁଭାରମ୍ଭ ହୋଇଛି।
ପ୍ରକାଶ ଥାଉକି ଦୀର୍ଘ ବର୍ଷ ହେବ ବାଲୁଗାଁ ଜଗଦମ୍ବା ନାମକ ସିନେମାହଲ୍ ବନ୍ଦ ହୋଇପଡିଥିବାବେଳେ ଗତ ୧୯/୦୭ କାର୍ଯ୍ୟକ୍ଷମ ହୋଇଛି। ଆନୁମାନିକ ୨୫୦ରୁ ଅଧିକ ସିଟ୍ ଥିବା ସିନେମାହଲ୍‌ର ଆବଶ୍ୟକ କୌଣସି ପ୍ରମାଣପତ୍ର ନଥିବା ନେଇ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଚିଠି ସନ୍ଦେହ ବଢାଉଛି। ସ୍ଥାନୀୟ ବାସିନ୍ଦା ସନ୍ତୋଷ ମିଶ୍ର ନାମକ ଜଣେ ବ୍ୟକ୍ତି ଜଗଦମ୍ବା ସିନେମା ହଲ୍‌ର ଆବଶ୍ୟକ ପ୍ରମାଣପତ୍ର ଅଛି କି ନାହିଁ ଅଭିଯୋଗ ଶୁଣାଣି ପୋର୍ଟାଲ୍‌ରେ ପଞ୍ଜୀକୃତ କରିଥିଲେ। ସନ୍ତୋଷ ମିଶ୍ରଙ୍କ ଅଭିଯୋଗ ଆଧାରକୁ ନେଇ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ୧୮/୦୭/୨୦୨୬ ରେ ଚିଠି ନଂ ୮୮୬ , ଆଠଗୋଟି ଆବଶ୍ୟକ ପ୍ରମାଣପତ୍ର ତିନିଦିନ ମଧ୍ୟରେ ଦାଖଲ କରିବାକୁ ସିନେମା ହଲ୍ ମାଲିକଙ୍କୁ ଚିଠି ହୋଇଥିବାବେଳେ ଏହି ଚିଠିର ନକଲ ପିଡି ଏବଂ ଜିଲ୍ଲା ସହରାଞ୍ଚଳ ବିକଶ ଏଜେନ୍ସିକୁ ଚିଠି ହୋଇଥିବା ଦେଖିବାକୁ ମିଳିଛି। ସନ୍ତୋଷ ମିଶ୍ରଙ୍କ ଅଭିଯୋଗକୁ ଆଧାର କରି କାର୍ଯ୍ୟ ନିର୍ବାହୀ ଅଧିକାରୀ ଉତ୍ତର ଦେବା ସହିତ ଅଭିଯୋଗକାରୀଙ୍କ ନାମ ଗୋପନ ରଖିବା ପରିବର୍ତ୍ତେ ସିନେମାହଲ ମାଲିକଙ୍କୁ ହୋଇଥିବା ଚିଠିରେ ଅଭିଯୋଗକାରୀଙ୍କ ନାମ ଉଲ୍ଲେଖ ଥିବା ଜଣା ପଡିଛି। ସିନେମା ହଲ୍ ମାଲିକଙ୍କୁ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଚିଠି କରି ହରଡଘଣାରେ ପଡିଥିବା ଦେଖିବାକୁ ମିଳିଛି। ସିନେମା ହଲ୍ ଆରମ୍ଭ ପୂର୍ବରୁ ୧. ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ୍, ୨.ସାର୍ଟିଫିକେଟ୍ ଅଫ୍ ବିଲ୍ଡିଂ ଅକୁପେସନ,୩.ଭାଲିଡ୍ ଫାୟାର୍ ସେଫ୍ଟି ସାର୍ଟିଫିକେଟ୍,୪. ବ୍ଲକ୍ ଫାୟାର ଲାଇସେନ୍ସ ( ରାଉଣ୍ଡ୍ ଦ ବିଲ୍ଡିଂ),୫. ପାର୍କିଂ ଏରିଆ ,୬. ହୋଲ୍ଡିଂ ଟ୍ୟାକ୍ସ ଅଫ୍ ବିଲ୍ଡିଂ,୭. ଲାଇସେନ୍ସ ଅଫ୍ ସିନେମା ହଲ୍ ଏହି ସବୁ ପ୍ରମାଣପତ୍ର ଧରି ପରିଶେଷରେ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରେ ଟ୍ରେଡ୍ ଲାଇସେନ୍ସ ପାଇଁ ଆବେଦନ କରାଯାଏ। କିନ୍ତୁ ଏଠି ପ୍ରଶ୍ନ ଉଠୁଛି ଆବଶ୍ୟକ ପ୍ରମାଣପତ୍ର ନଥିବା ସତ୍ତ୍ୱେ କିଭଳି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିକାରୀମାନେ ସିନେମାହଲ୍‌ର ଶୁଭାରମ୍ଭ କାର୍ଯ୍ୟରେ ନିଜକୁ ସାମିଲ୍ କଲେ। ସିନେମାହଲ୍ ମାଲିକ ଏବଂ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିକାରୀମାନେ ଜନସାଧାରଣଙ୍କ ଜୀବନ ମରଣ ସହ ଖେଳ ଖେଳିବାକୁ ଜାଲ ବିଛାଇନାହାଁନ୍ତି ତ ? ଖବର ଲେଖିବା ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲା ଅତିରିକ୍ତ ଅଗ୍ନିଶମ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ କହିଥିଲେ ବର୍ତ୍ତମାନ ସୁଦ୍ଧା ଫାୟାର ସେଫ୍ଟି ସାର୍ଟିଫିକେଟ୍ ପାଇଁ କୌଣସି ଆବେଦନ ହୋଇନାହିଁ ଠିକ୍ ସେହିଭଳି ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଯୋଗାଯୋଗ କରିବାରେ କୁହନ୍ତି ବର୍ତ୍ତମାନ ସୁଦ୍ଧା ଟ୍ରେଡ୍ ଲାଇସେନ୍ସ ଆବେଦନ ମୋ ନଜରକୁ ଆସିନାହିଁ। କୌଣସି ଅନୁଷ୍ଠାନ କିମ୍ବା ସଂସ୍ଥାର ଶୁଭାରମ୍ଭ ପୂର୍ବରୁ ପ୍ରାଥମିକ ନିୟମଗୁଡିକୁ ଅନୁସରଣ କରିବା କଥା ନଚେତ୍ ଯଥା ପୂର୍ବଂ ତଥା ପରଂ ଭଳି ସାଧାରଣ ଜନଜୀବନ ମୂଲ୍ୟହୀନ ଭାବି ମୃତ୍ୟୁ ମୁଖକୁ ଠେଲି ନ ଦେଇ ଉଭୟ ପ୍ରଶାସନ ଏବଂ ସିନେମା ହଲ୍ ମାଲିକ ଯଥେଷ୍ଟ ଯତ୍ନବାନ ହେବାକୁ ସାଧାରଣରେ ଦାବି ଉଠିଛି ।

## ବନ ସୁରକ୍ଷା ସମିତି ଓ ଜଙ୍ଗଲ ବିଭାଗ ପକ୍ଷରୁ ବନାଞ୍ଚଳ ସ୍ତରୀୟ ସମନ୍ୱୟ ବୈଠକ




ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ କାର୍ଯ୍ୟାଳୟ ରେ ବନ ସୁରକ୍ଷା ସମିତି ଓ ଜଙ୍ଗଲ ବିଭାଗ ର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇ ଅଛି। ବୈଠକ ରେ ବଡ ପାଟଣା ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ବିନତି ବାନରା ଙ୍କ ସଭାପତିତ୍ୱ ରେ ବୈଠକ ଅନୁଷ୍ଠିତ ହୋଇ ଛି। ଏହି ବୈଠକ ରେ ପାଟଣା ପଶୁପାଳ ଅଧିକାରୀ ଡକ୍ଟର ଲକ୍ଷ୍ମୀ କାନ୍ତ ଜେନା, ସାଂସଦ ପ୍ରତିନିଧି ଯୁଧିଷ୍ଠିର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକ ରେ ବିଭିନ୍ନ ଅଞ୍ଚଳ ର ସମସ୍ୟା ଗୁଡ଼ିକର କିଭଳି ସମାଧାନ କରାଯିବା ସହିତ ହାତୀ ମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ୪୦ଟି ପରିବାର ଙ୍କୁ ଶସ୍ୟ ବାକ୍ସ ଓ ହାତୀ ଉପଦ୍ରୁତ ଗ୍ରାମ ଗୁଡିକୁ ୨ଟି ଲେଖାଏଁ ମୋଟ ୨୪ଗୋଟି ଟର୍ଚ୍ଚ ଲାଇଟ ୧୨ଗୋଟି ଗ୍ରାମ କୁ ପ୍ରଦାନ କରାଯାଇ ଛି।

## ଲୋୟର ସୁକତେଲ ପ୍ରକଳ୍ପର ବିସ୍ଥାପିତ ଗ୍ରାମବାସୀଙ୍କ ଦୁଃଖ



ବଲାଙ୍ଗିର, (ମହାଭାରତ) ; ଲୋୟର ସୁକତେଲ ହେଉଛି ବଲାଙ୍ଗିର ଜିଲ୍ଲାର ଜୀବନ ରେଖା କହୁଥିବା ବେଳେ ବିସ୍ଥାପିତ ହେଉଥିବା ଲୋକ ମାନଙ୍କ ଦୁଃଖ ବୁଝିବା କିଏ। ବଲାଙ୍ଗିର ପ୍ରଶାସନ ଲୋୟର ସୁକତେଲ ବିସ୍ଥାପନ ଗ୍ରାମଗୁଡ଼ିକ ମଧ୍ୟରେ ସାମିଲ୍ ଥିବା କୁମିଆପାଲିରେ ପୋଲିସ ପହଂଚିଥିବା ବେଳେ କୁମିଆପାଲି ଗ୍ରାମବାସୀ ଜବରଦସ୍ତ ବିରୋଧ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି । ଆଜି ଗାଁ ଛାଡ଼ିବାକୁ ବଲାଙ୍ଗିର ପ୍ରଶାସନ ଗ୍ରାମବାସୀଙ୍କୁ ପୂର୍ବରୁ ନୋଟିସ୍ ଦେଇଥିଲା । କିନ୍ତୁ ବିସ୍ଥାପନ ଦେୟ ପାଇ ନଥିବାରୁ ଗ୍ରାମବାସୀ ଗାଁ ଛାଡ଼ିବାକୁ ନାରାଜ ଥିବା ଦେଖିବାକୁ ମିଳିଛି । ଗୋଟିଏ ପଟେ କୁମିଆପାଲି ଗାଁ ଲୋକେ ଧନୁତୀର ଧରି ପ୍ରଶାସନକୁ ରୋକିବା ପାଇଁ ପ୍ରସ୍ତୁତ ରହିଥିବା ବେଳେ ଅନ୍ୟପଟେ ବଲାଙ୍ଗିର ପ୍ରଶାସନ ଗାଁର ଘର ଭାଂଗିବା ପାଇଁ ପ୍ରସ୍ତୁତ ହୋଇ ରହିଛି । ଗାଁ ଲୋକେ ନିଜ ଜିଦ୍‌ରେ ଅଡ଼ି ବସିଛନ୍ତି । ଆମର ଉଚିତ୍ ପ୍ରାପ୍ୟ ନ ପାଇବା ପର୍ଯ୍ୟନ୍ତ ଆମେ ଗାଁ ଛାଡ଼ିବୁ ନାହିଁ ବୋଲି ମତ ରଖୁଛନ୍ତି ଗାଁ ଲୋକେ । ଅନ୍ୟପକ୍ଷରେ ଲୋୟର୍ ସୁକ୍‌ତେଲ୍ ଡେମ୍ ପାଣି ଗାଁକୁ ମାଡ଼ି ଆସୁଥିବା କୁହାଯାଉଛି । ଅନ୍ୟ ପଟରେ ପ୍ରଶାସନ ଘର ଭାଙ୍ଗି ବାକୁ ଲାଗି ଥିବା ବେଳେ ଧାରଣାରେ ବସିଛନ୍ତି କୁମିଆପାଲି ଗ୍ରାମବାସୀ ।

## ପବିତ୍ର ରଥଯାତ୍ରା ଉପଲକ୍ଷେ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ



ପାରାଦୀପ, (ମହାଭାରତ) : ପବିତ୍ର ରଥଯାତ୍ରା ଉପଲକ୍ଷେ ପାରାଦୀପ ସାହିତ୍ୟ ସଂସଦ ପକ୍ଷରୁ ଏକ ଆଲୋଚନା ଚକ୍ର ଓ ଆଧ୍ୟାତ୍ମିକ କବିତା ପାଠ ଉତ୍ସବ ଜୁଲାଇ ୧୯ ତାରିଖ ରବିବାର ଦିନ ପୂର୍ବାହ୍ନରେ ପାରାଦୀପର ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ସାହିତ୍ୟ ସଂସଦ ସଭାପତି ତୁଳସୀ ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପାରିଷଦ ତଥା ବିଜେପି ପାରାଦୀପ ନଗର ସଭାପତି ସୁବ୍ରତ କୁମାର ପ୍ରଧାନ ଏବଂ ମୁଖ୍ୟ ବକ୍ତା ଭାବରେ ଶ୍ରୀମତୀ ଆରତୀ ତ୍ରିପାଠୀ ଯୋଗ ଦେଇଥିଲେ। ସମ୍ମାନିତ ବକ୍ତା ଭାବରେ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ, ସାରସ୍ୱତ ପରିକ୍ରମା ସଭାପତି ଗୋଲାପ ରାଣୀ ସାହୁ ଓ ଭାଗ୍ୟଶ୍ରୀ ପ୍ରଧାନ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଅନୁଷ୍ଠାନର କୋଷାଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସମ୍ପାଦକ ପ୍ରଶାନ୍ତ କୁମାର ରାଉତ। ନିମନ୍ତ୍ରିତ ବକ୍ତା ମାନେ ' ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ' ଶୀର୍ଷକ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ମହାପ୍ରଭୁଙ୍କ ସମ୍ପର୍କରେ ଓଡ଼ିଆ କାବ୍ୟ କବିତାର ବିସ୍ତୃତ ଆଲୋଚନା କରିଥିଲେ। ମୋନାଲିସା ସାହିତ୍ୟ ସଂସଦ ସମ୍ପାଦିକା ସଂଘମିତ୍ରା ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଆଧ୍ୟାତ୍ମିକ କବିତା ପାଠ ଉତ୍ସବରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଜଗନ୍ନାଥ ଲଳିତ କଳା ସଂସଦ ସମ୍ପାଦକ ପ୍ରଶାନ୍ତ କୁମାର ମହାରଣା ଓ ପାରାଦୀପ କଳାକାର ସଂଘ ସମ୍ପାଦକ ନୃତ୍ୟ ଶିକ୍ଷକ ନିରଞ୍ଜନ ଗାହଣ ଏବଂ ଶିଶୁ ଓଡିଶୀ ନୃତ୍ୟ ଶିଳ୍ପୀ ଆଦିତ୍ରୀ ପ୍ରିୟଦର୍ଶିନୀଙ୍କୁ ଉତ୍ତରୀୟ ,ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଉପ ସଭାପତି ବିଜୟ କୁମାର ନାୟକ। ସାହିତ୍ୟ ସଂସଦର ସଭ୍ୟ ଜଗନ୍ନାଥ ଶତପଥୀ, କାର୍ଯ୍ୟକାରୀ ସଭାପତି ବାବାଜୀ ଚରଣ ନାୟକ, ସଙ୍ଗଠନ ସମ୍ପାଦିକା ଉର୍ମିଳା ମହାନ୍ତି,ସହ ସମ୍ପାଦକ ରବୀନ୍ଦ୍ର କୁମାର ଦାଶ,ସଭ୍ୟ କଳ୍ପନା ବେହେରା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ବ୍ରାହ୍ମଣୀ ନଦୀକୁ ଡେଇଁଲେ ଯୁବକ

ଆଳି, (ମହାଭାରତ) ସୋମବାର ବିଳମ୍ବିତ ରାତିରେ ପଟ୍ଟାମୁଣ୍ଡାଇ - ଆଳି କୁ ସଂଯୋଗ କରୁଥିବା ପତ୍ରପୁର ସେତୁ ଉପରୁ ବ୍ରାହ୍ମଣୀ ନଦୀକୁ ଜଣେ ଯୁବକ ଡେଇଁ ପଡ଼ିଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କୁ ନଦୀରୁ ଉଦ୍ଧାର କରା ଯାଇ ପାରିନଥିବା ଜଣାପଡିଛି । ମିଳିଥିବା ସୂଚନା ମୁତାବକ ଆଳି ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମର ସୌମ୍ୟରଞ୍ଜନ ବେଜ (୧୮) ସ୍ଥାନୀୟ ଏକ ମଦ ବାରରେ କାମ କରିଥାନ୍ତି । ଗତ ରାତିରେ ବାର ରେ କାମ ସାରି ଘରକୁ ଫେରିବା ବେଳେ ରାତି ପ୍ରାୟ ୧୦. ୩୦ ସମୟରେ ପତ୍ରପୁର ସେତୁ ଉପରୁ ବ୍ରାହ୍ମଣୀ ନଦୀକୁ ଡେଇଁ ପଡିଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି ଜାରି ରଖିଥିଲେ । ମଙ୍ଗଳବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅଗ୍ନିଶମ ବାହିନୀ ବୋଟ ସାହାଯ୍ୟରେ ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ଯୁବକଙ୍କର କୌଣସି ସନ୍ଧାନ ପାଇନାହାଁନ୍ତି । ସୌମ୍ୟରଞ୍ଜନ ରାତିରେ ଘରକୁ ଫେରିବା ସମୟରେ ବାଟରେ କଣ ପାଇଁ ନଦୀକୁ ଡେଇଁ ପଡିଲେ ତାହାର କାରଣ ଅସ୍ପଷ୍ଟ ରହିଛି ।

## ସର୍ବଭାରତୀୟ ନିଟ ୟୁଜି ପରୀକ୍ଷାରେ ଅବିନାଶଙ୍କ କମାଲ

ପାରାଦ୍ୱୀପ, (ମହାଭାରତ) : ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପ ୱାର୍ଡ ନମ୍ବର ୫ ସନ୍ତୋଷୀ ନଗରର ପୁଅ ଅବିନାଶ ସାମନ୍ତରାୟ ଉଲେଖନୀୟ ସଫଳତା ହାସଲ କରିଛନ୍ତି । ସେ ସମଗ୍ର ଭାରତ ରେ ୫୮୪୩ ଓବି ସି କାଟାଗୋରିରେ ୨୪୩୦ ତମ ରେଙ୍କ ଅଧିକାର କରି ଜଗତସିଂହପୁର ଜିଲ୍ଲା ଓ ପାରାଦ୍ୱୀପ ବାସୀଙ୍କୁ ଗର୍ବିତ କରିଛନ୍ତି । ଅବିନାଶ ମୋଟ ୭୨୦ମଧ୍ୟରୁ ୬୧୬ ମାର୍କ ପାଇଛନ୍ତି । ତାଙ୍କ ପିତା ଅଶ୍ୱିନୀ ସାମନ୍ତରାୟ ପାରାଦ୍ୱୀପ ବନ୍ଦର ରେ ଜେ ଏସ ଡବ୍ଲୁ ର ଚେନ୍ନାଇ ରାଧା କମ୍ପାନୀ ରେ କର୍ମଚାରୀ ହୋଇଥିବା ବେଳେ ମାତା ଭାରତୀ ସାମନ୍ତରାୟ ଜଣେ ସମାଜସେବୀ ଓ ବିଜୁ ଜନତା ଦଳ ର ନାରୀନେତ୍ରୀ ରୁପେ ପାରାଦ୍ୱୀପ ଅଞ୍ଚଳ ରେ ଜଣାଶୁଣା ସମାଜ ସେବା ପାଇଁ ସରକାରୀ ସ୍ତରରେ ଅନେକ ଥର ପୁରସ୍କୃତ ହୋଇଛନ୍ତି ତତ ସହିତ ସମାଜସେବା କାର୍ଯ୍ୟକ୍ରମ ଜାରିରଖିଛନ୍ତି । ଅବିନାଶ ଯାଜପୁରର ପ୍ରସିଦ୍ଧ ପି ଏମ ଶ୍ରୀ ନବୋଦୟ ରେ ଶିକ୍ଷା ଲାଭ କରୁଥିଲେ କଠିନ ପରିଶ୍ରମ, ଶିକ୍ଷକ ମାନଙ୍କ ଓ ତାଙ୍କ ମାତା ଭାରତୀ ସାମନ୍ତରାୟଙ୍କ ମାଗଦର୍ଶନ ଫଳରେ ସେ ଏହି ସଫଳତା ପାଇପାରିଥିବା କଥା କହିଛନ୍ତି । ତାଙ୍କର ଏହି ସଫଳତା ପାଇଁ ପରିବାର ଲୋକ, ତାଙ୍କ ମାମୁଁଘର ପରିବାର ଲୋକ,ଶିକ୍ଷକ ଏବଂ ସ୍ଥାନୀୟ ଅଂଚଳ ସନ୍ତୋଷୀ



ନଗର,ପାରାଦ୍ୱୀପ ରେ ଖୁସିର ଲହରୀ ଖେଳିଯାଇଛି । ବିଭିନ୍ନ ମହଲ ରୁ ଅବିନାଶ ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅବିନାଶ ଭବିଷ୍ୟତ ରେ ଜଣେ ଭଲ ଡାକ୍ତର ହୋଇ ସମାଜ ସେବା କରିବା ପାଇଁ ଇଛା ପ୍ରକାଶ କରିଛନ୍ତି । ସେ ଜଣେ ମେଧାବୀଛାତ୍ର ହୋଇଥିବା ବେଳେ ପ୍ରଥମ ଶ୍ରେଣୀ ରୁ ଯୁକ୍ତ ୨ ପର୍ଯ୍ୟନ୍ତ ପ୍ରଥମ ଶ୍ରେଣୀ ରେ ଉତୀର୍ଣ୍ଣ ହୋଇ ଆସୁଥିଲେ । ପ୍ରଥମେ ସେ ପାରାଦ୍ୱୀପ ର ଶ୍ରୀ ମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ବାଲିଝରା ସ୍କୁଲ ରେ ପାଠ୍ୟକ୍ରମ ଆରମ୍ଭ କରିଥିଲେ । ଅବିନାଶ ମାଟ୍ରିକ ରେ ୮୯ ପ୍ରତିଶତ ଓ ଯାଜପୁର ପି ଏମ ଶ୍ରୀ ନବୋଦୟ ରେ ୯୦ପ୍ରତିଶତ ମାର୍କ ରଖି ବାରେ ସଫଳ ହୋଇଥିଲେ । ଅବିନାଶ ର ଏହି ସଫଳତା ପାଇଁ ପାରାଦ୍ୱୀପ ପୌରପାଳିକା ଅଧକ୍ଷ ବସନ୍ତ ବିଶ୍ୱାଳ, ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ର, ବିଜେଡି ନଗର ସଭାପତି କୁମରବର ନାୟକ, ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ, କୁଜଙ୍ଗ ବ୍ଲକ ଅଧକ୍ଷା ନିନାରାଣୀ ସାହୁ ବିଜେଡି ନେତା ଅରୁଣ କୁମାର ବେହେରା, ନଗେନ୍ଦ୍ର ରାଉତ,ଶିକ୍ଷାବିତ ତଥା ଟେଟ୍ରାହେଡ୍ରୋନ ମୁଖ୍ୟ ତ୍ରିଦେବ ବେହେରା ସାର,ସମବାୟବିତ ଗୋବିନ୍ଦ ସ୍ୱାଇଁ, କୃଷିବିତ ଗୋକୁଳ ସ୍ୱାଇଁ, ଗୋପାଳ ସ୍ୱାଇଁ, ପ୍ରମୋଦ ସ୍ୱାଇଁ ପ୍ରମୁଖ ଅଭିନନ୍ଦନ ସହ ଶୁଭେଚ୍ଛା ଜଣାଇଛନ୍ତି। ତତ ସହିତ ପାରାଦ୍ୱୀପ ରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଅଭିନନ୍ଦନ ଜାରି ରହିଛି ।

## ନାବାଳିକା ଅପହରଣ ମାମଲା, ଦୁଇ ମହିଳା କୋର୍ଟ ଚାଲାଣ

ଅସ୍ତରଙ୍ଗ, (ମହାଭାରତ) : ନୂଆଗଡ ସାମୁଦ୍ରିକ ଥାନା ଅନ୍ତର୍ଗତ ଅଞ୍ଚଳ ର ତ୍ରିବେଣୀ ଦାସ(୧୬-ଛଦ୍ମ ନାମ ) ନାମକ ଜଣେ ନାବାଳିକା ଗତ ୧୩ ତାରିଖ ଦିନ ନିକଟସ୍ଥ ମନ୍ଦିରକୁ ସନ୍ଧ୍ୟା ଧୂପ ଦେବାକୁ ଯାଇ ଆଉ ଘରକୁ ଫେରିନାହାନ୍ତି। ପରିବାର ଲୋକେ ବନ୍ଧୁବାନ୍ଧବ ଓ ଚାରିଆଡୁ ଖୋଜାଖୋଜି ପରେ ଜାଣିବାକୁ ପାଇଲେ ଯେ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମର ସୁବ୍ରତ ସାହୁ ତାକୁ ଉଠାଇ ନେଇଯାଇଛି। ଏ ବିଷୟରେ ନାବାଳିକାଙ୍କ ମାଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣକ ମିଥ୍ୟା ପ୍ରଲୋଭନ ଦେଖାଇ ତାକୁ ଘରୁ ଉଠାଇନେବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏଭଳି ଅଭିଯୋଗ ପାଇବା ପରେ ୨୮/୨୬ରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଖୋଳତାଡ କରିବାରେ ଏଭଳି ଘଟଣାରେ କେଉଁମାନେ ସମ୍ପୃକ୍ତ ତାହା ପୁଲିସ୍ ହାତରେ ସୁରାକ ଲାଗିଛି। ବିବାହ ପାଇଁ ନାବାଳିକାକୁ ଉଠାଇନେବା ବା ଅପହରଣ କରିବା ପଛରେ ଅସ୍ତରଙ୍ଗରୁ ଜଗତସିଂହପୁର କୁସୁପୁର ପର୍ଯ୍ୟନ୍ତ ନେଟୱାର୍କ ଲମ୍ବିଥିବା ଜଣାପଡିଛି। ସମ୍ପୃକ୍ତ ଘଟଣାରେ ସାମିଲ୍ ଥିବା ବାଲିକୁଦା ଥାନା ଅନ୍ତର୍ଗତ କୁସୁପୁରର ସାବିତ୍ରୀ ସାହୁ(୪୭) ଓ ବଡ ଗାଁର ପ୍ରତିମା ବିଶ୍ୱାଳ (୪୩) କୁ ପୁଲିସ୍ ଉଠାଇ ଆଣିଥିଲା। ଅନ୍ୟଜଣେ ସମ୍ପୃକ୍ତି ଥିବା ନାବାଳିକାକୁ ଅଣ୍ଡର ଟେକିଂ ଲେଖି ପୁଲିସ୍ ଛାଡିଦେଇଥିବା ଖବର ମିଳିଛି, ସୂଚନାନୁସାରେ ଫେସବୁକ୍ ଓ ଇନ୍‌ଷ୍ଟାଗ୍ରାମରେ ଯୁବକଯୁବତୀଙ୍କ ଭାବର ଆଦାନପ୍ରଦାନ ପରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଘଟଣା ଜାଣିବା ପରେ ପରିବାର ପକ୍ଷରୁ ନାବାଳିକା ପରିବାର ପକ୍ଷରୁ ଆକଟ କରିବା ହେଉ କିମ୍ବା ବିବାହ କରିବାକୁ ମନା ଭଳି ଘଟଣା ଘଟିଛି। କୁସୁପୁରରୁ ଆସି ନୂଆଗଡରୁ ନାବାଳିକାକୁ ଉଠାଇନେବା ଏକ ସମ୍ବେଦନଶୀଳ ଘଟଣା ଅଟେ । ଏହି ଘଟଣାରେ ପୁଅ ଘର ପକ୍ଷରୁ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିବା ଓ ଅସ୍ତରଙ୍ଗ ବ୍ଲକର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ଜଣେ ନାବାଳିକାର ଯୋଗସୂତ୍ର ଓ ହାତ ଥିବା ସୂଚନା ମିଳିଛି। ପ୍ରାରମ୍ଭିକ ଅବସ୍ଥାରେ ଦୁଇଜଣ ମହିଳାଙ୍କୁ ଗିରଫ କରାଯାଇଥିଲା ବେଳେ ଆଗକୁ ଗିରଫ ସଂଖ୍ୟା ବଢିପାରେ ବୋଲି ସାମୁଦ୍ରିକ ଥାନାରୁ ସୂଚନା ମିଳିଛି। ଅଦ୍ୟାବଧି ନାବାଳିକା ଜଣକ କେଉଁଠି ଓ କିପରି ରହିଛି ଯାହାର ରହସ୍ୟ ଭେଦ କରିପାରୁନି ପୋଲିସ । ଏପଟେ ନାବାଳିକାର ପରିବାର ଭୟବିତ୍ତ ରହି ତାର ଉଦ୍ଧାର ପାଇଁ ପୁଲିସ୍ ନିକଟରେ ଗୁହାରି କରିଛନ୍ତି।

## ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ୬୨ ବର୍ଷୀୟ ପୂର୍ଣ୍ଣ ଗଣ୍ଡ, ସରକାରୀ ସହାୟତାକୁ ଚାହିଁ ବସିଛି ପରିବାର

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଗଞ୍ଜାପାରା ପଞ୍ଚାୟତର ଝୁନକିପାରା ଗ୍ରାମର ୬୨ ବର୍ଷୀୟ ପୂର୍ଣ୍ଣ ଗଣ୍ଡଙ୍କ ଜୀବନ ସଂଘର୍ଷର ଏକ ମାର୍ମିକ କାହାଣୀ ଆଜି ସମସ୍ତଙ୍କ ସାମ୍ନାକୁ ଆସିଛି। ବୟସର ଅନ୍ତିମ ପର୍ଯ୍ୟାୟରେ ମଧ୍ୟ ସେ ସରକାରୀ ସହାୟତାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି।ସୂଚନା ଅନୁଯାୟୀ, ପ୍ରାୟ ୨୦ ରୁ ୨୫ ବର୍ଷ ପୂର୍ବେ ପୂର୍ଣ୍ଣ ଗଣ୍ଡ ନିଜ ସ୍ତ୍ରୀଙ୍କୁ ହରାଇଥିଲେ। ଜୀବନସାଥୀଙ୍କ ବିୟୋଗର ଦୁଃଖ ସହି ସେ ନିଜ ପରିବାରକୁ ସମ୍ଭାଳି ଆସୁଥିଲେ। କିନ୍ତୁ ଭାଗ୍ୟର ଆଉ ଏକ କଠିନ ପରୀକ୍ଷା ୨୦୨୦ ମସିହାରେ ଆସିଥିଲା, ଯେତେବେଳେ ସେ ନିଜର ଏକମାତ୍ର ପୁଅଙ୍କୁ ମଧ୍ୟ ହରାଇଥିଲେ।ବର୍ତ୍ତମାନ ପୂର୍ଣ୍ଣ ଗଣ୍ଡ ନିଜ ବୋହୂ ଓ ଦୁଇ ନାତିଙ୍କ ସହ ଅତ୍ୟନ୍ତ କଷ୍ଟରେ ଜୀବନ ବିତାଉଛନ୍ତି। ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ପରିବାରର ଦୈନନ୍ଦିନ ଜୀବନଯାପନ ମଧ୍ୟ ଏକ ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିଛି। ଏପରି ପରିସ୍ଥିତିରେ ବାର୍ଦ୍ଧକ୍ୟ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପରି ସରକାରୀ ସହାୟତା ତାଙ୍କ ପାଇଁ ବଡ଼ ଆଶାର କାରଣ ହୋଇପାରେ।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପୂର୍ଣ୍ଣ ଗଣ୍ଡ ଯୋଗ୍ୟ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ପାଇନାହାନ୍ତି। ସେହିପରି ଏକ ପକ୍କା ଘରର ସୁବିଧା ମଧ୍ୟ ତାଙ୍କ ପରିବାରକୁ ମିଳିନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।ଏହି ଘଟଣା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି। ଯଦି ପୂର୍ଣ୍ଣ ଗଣ୍ଡ ସରକାରଙ୍କ ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି, ତେବେ ତାଙ୍କ ଆବେଦନର ଯାଞ୍ଚ କରି ଶୀଘ୍ର ବାର୍ଦ୍ଧକ୍ୟ ଭତ୍ତା ଓ ଆବାସ ଯୋଜନାର ସୁବିଧା ପ୍ରଦାନ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।ଏବେ ଦେଖିବାକୁ ବାକି ରହିଲା, ଏହି ଅସହାୟ ବୃଦ୍ଧଙ୍କ ପ୍ରତି ପ୍ରଶାସନ କେବେ ସହାନୁଭୂତିଶୀଳ ପଦକ୍ଷେପ ନେଉଛି ଏବଂ କେବେ ତାଙ୍କୁ ସରକାରୀ ଯୋଜନାର ସୁବିଧା ମିଳୁଛି।



## ଏମ୍.ଭି.-୭୯ରେ ନବଦିନାତ୍ମକ ରଥଯାତ୍ରା: ଗୁଣ୍ଡିଚା ମନ୍ଦିରରେ ପ୍ରତିଦିନ ୧୫୦୦ରୁ ଅଧିକ ଭକ୍ତଙ୍କୁ ଆଢ଼ପ ଅଭଡ଼ା ଅନ୍ନଭୋଗ, ହେରା ପଞ୍ଚମୀ ନୀତି ସମ୍ପନ୍ନ – ବାହୁଡ଼ା ପାଇଁ ପ୍ରସ୍ତୁତି ଶେଷ

ମ୍.ଭି.-୭୯. ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲାର ଏମ୍.ଭି.-୭୯ ସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରରେ ପାଳିତ ହେଉଥିବା ନବଦିନାତ୍ମକ ରଥଯାତ୍ରା ଉତ୍ସବ ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସଫଳତାର ସହ ଆଗେଇ ଚାଲିଛି। ପ୍ରତିଦିନ ଶ୍ରୀଜୀଉଙ୍କ ଆଢ଼ପ ଜନ୍ମବେଦୀରେ ନୂତନ ବସ୍ତ୍ର ଓ ମନୋମୁଗ୍ଧକର ବେଶରେ ଦର୍ଶନ କରିବା ପାଇଁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେଉଛି। ଗୁଣ୍ଡିଚା ମନ୍ଦିର ପରିସରରେ ପ୍ରତିଦିନ ଆୟୋଜିତ ଆଢ଼ପ ଅଭଡ଼ା ଅନ୍ନଭୋଗ ସେବାରେ ପ୍ରାୟ । ୧୫୦୦ରୁ ଅଧିକ ଭକ୍ତ ପ୍ରସାଦ ସେବନ କରିଛନ୍ତି। ନବଦିନ ଧରି ବିଭିନ୍ନ ଦାତାମାନେ ସ୍ୱଇଚ୍ଛାରେ ଅନ୍ନଭୋଗ ସେବାର ଦାୟିତ୍ୱ ଗ୍ରହଣ କରି ନିଜ ହାତରେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରୁଥିବାରୁ ସେମାନଙ୍କ ମଧ୍ୟରେ ଅପାର ଆନନ୍ଦ ଓ ଆତ୍ମସନ୍ତୋଷ ପ୍ରକାଶ ପାଇଛି। ପ୍ରତିଦିନ ମଧ୍ୟାହ୍ନ ସମୟରେ ଭୋଗ ଗ୍ରହଣ ପାଇଁ ମନ୍ଦିର ପରିସରରେ ଶତାଧିକ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଗତକାଲି ରାତ୍ରିରେ ଶ୍ରୀଜଗନ୍ନାଥ ସଂସ୍କୃତିର ଅନ୍ୟତମ ପ୍ରମୁଖ ପର୍ବ ଞ୍ଚଞ୍ଚହେରା ପଞ୍ଚମୀ ନୀତିଞ୍ଚଞ୍ଚ ବିଧିବିଧାନ ଅନୁଯାୟୀ ଭକ୍ତିପୂର୍ଣ୍ଣ ପରିବେଶରେ ସମ୍ପନ୍ନ ହୋଇଥିଲା। ପରମ୍ପରା ଅନୁସାରେ ମା' ମହାଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିରକୁ ଆସି ମହାପ୍ରଭୁଙ୍କ ପ୍ରତି ମାନ-ଅଭିମାନ ପ୍ରକାଶ କରିଥିଲେ। ଏହି ଦିବ୍ୟ ଲୀଳାକୁ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଆଜି ପରମ୍ପରା ଅନୁଯାୟୀ ଆଜ୍ଞାମାଳ ବିଜେ ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ରଥର ଦକ୍ଷିଣ ମୋଡ଼ ସଫଳତାର ସହ କରାଯାଇଛି। ଏହା ସହିତ ଆସନ୍ତା ବାହୁଡ଼ା ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ନବଦିନ ଧରି ଅନ୍ନଭୋଗ ସେବାରେ ସହଯୋଗ କରିଥିବା ସମସ୍ତ ଦାତା, ସ୍ୱେଚ୍ଛାସେବୀ, ପୂଜକ, ସେବାୟତ, କମିଟି ସଦସ୍ୟ ଏବଂ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସହଯୋଗ କରିଥିବା ସମସ୍ତ ଭକ୍ତବୃନ୍ଦଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିର ରଥଯାତ୍ରା କମିଟି ପକ୍ଷରୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଜଣାଯାଇଛି। ଞ୍ଚଞ୍ଚନବଦିନର ଅନ୍ନଭୋଗ ଦାତାମାନଙ୍କ ଅବଦାନ, ଭକ୍ତମାନଙ୍କ ଶୃଙ୍ଖଳିତ ସହଯୋଗ ଏବଂ କମିଟିର ସୁଚାରୁ ପରିଚାଳନା ଫଳରେ ଏମ୍.ଭି.-୭୯ ଗୁଣ୍ଡିଚା ମନ୍ଦିରର ନବଦିନାତ୍ମକ ରଥଯାତ୍ରା ଚଳିତ ବର୍ଷ ଏକ ଆଦର୍ଶ ଧାର୍ମିକ ଓ ସାମାଜିକ ଆୟୋଜନରେ ପରିଣତ ହୋଇଛି।

## ଡ୍ରେନେଜ ବ୍ୟବସ୍ଥା ଅଭାବରୁ ଘୋଳାହାଣ୍ଡି ମୁଖ୍ୟ ରାସ୍ତାରେ କୃତ୍ରିମ ବନ୍ୟା

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୋଳାହାଣ୍ଡି ଗ୍ରାମରେ ବର୍ଷା ଜଳ ନିଷ୍କାସନ ପାଇଁ ଉପଯୁକ୍ତ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଗ୍ରାମବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିବା ସହ ଲୋକଙ୍କ ଘର ଭିତରକୁ ବି ସେତିକି ପାଣି ପଶିଯାଉଛି, ଯାହା ଫଳରେ ଧନ ଜିବନ ହାନି ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ପୋଲ ରହିଥିଲେ ସୁଦ୍ଧା ଭିତର ପଟେ ମାଟି ଜମି ରହି ପୋଲଟି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ବର୍ଷା ଜଳ ସହଜରେ ନିଷ୍କାସିତ ହୋଇ ନପାରି ରାସ୍ତା ଓ ଘରଦ୍ୱାରରେ ଜମି ରହୁଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀମାନେ ଗତ ଦୁଇ ବର୍ଷ ହେଲା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ବି ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ପ୍ରଶାସନର ଏହି ଅବହେଳାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଡ୍ରେନେଜ ବ୍ୟବସ୍ଥା ସୁଧାରିବା ସହ ପୋଲରୁ ମାଟି ହଟାଇ ଜଳ ନିଷ୍କାସନର ବାଟ କାଢ଼ିବାକୁ ଉଚ୍ଚ ପଦାଧିକାରୀଙ୍କୁ ଗ୍ରାମବାସୀମାନେ ଅନୁରୋଧ କରିଛନ୍ତି।

## ମାରଣାସ୍ତ୍ର ଦେଖାଇ ଘରୁ ସୁନା ଅଳଙ୍କାର ସହ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ପରଜଙ୍ଗ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ନିକଟ ଥିବା ଗ୍ରାମର ଅବସରପ୍ରାପ୍ତ ଲାଇବ୍ରେରିୟାନଙ୍କ ଘରୁ ମାରଣାସ୍ତ୍ର ଦେଖାଇ ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଲେ ଦୁର୍ବୃତ୍ତ। ସୂଚନା ମୁତାବକ ସୁରେଶ ଚନ୍ଦ୍ର ପାଣି (୬୦)ଙ୍କ ଘରୁ ଗତ କାଲି ବିଳମ୍ବିତ ରାତି ପ୍ରାୟ ୨ଟା ବେଳକୁ ୩ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ମାନେ ଘର ବାହାର ତାଜା ଉପରେ ଦେଇ ଛତରେ ଚଢି ଘର ଭିତରେ ପଶିଥିଲେ। ଭୁଜାଲି , ଛୁରୀ ଓ ଠେଙ୍ଗା ଆଦି ମାରଣାସ୍ତ୍ର ଦେଖାଇ ସୁରେଶ ପାଣି ଓ ତାଙ୍କ ସ୍ତ୍ରୀ ରୀନା ପାଣି ଙ୍କୁ ଭୟଭୀତ କରି ଆଲମାରୀ ଚାବି ନଦେଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଫଳରେ ଭୟଭୀତ ହୋଇ ଦମ୍ପତି ଚାବି ଦେଇଥିଲେ। ତେବେ ଦୁର୍ବୃତ୍ତ ମାନେ ଦୁଇଟି ଘରୁ ଆଲମାରୀ ଫିଟାଇ ପ୍ରାୟ ୧୦୦ ଗ୍ରାମ୍ ସୁନା ଅଳଙ୍କାର ଯାହାର ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ଏବଂ ନଗଦ ୬ ହଜାର ଟଙ୍କା ଲୁଟି ନେଇ ଫେରାର ମାରିଥିଲେ।ତେବେ ସିସିଟିଭି କ୍ୟାମେରା ଲାଗିଥିଲେ ସୁଦ୍ଧା ଚୋର ମାନେ ଯୋଜନାବଦ୍ଧ ଭାବେ ଘରେ ପଶି ଭୁଜାଲି , ଛୁରୀ ଆଦି ମାରଣାସ୍ତ୍ର ଦେଖାଇ ଠେଙ୍ଗାରେ ପିଟି ଲୁଟ କରିଥିବା ଜଣାପଡିଛି । ତେବେ ସବୁଠାରୁ ବଡ଼କଥା ସୁରେଶ ଏବଂ ତାଙ୍କ ସ୍ତ୍ରୀଙ୍କ ଦୁଇଟି ମୋବାଇଲକୁ ଚୋର ମାନେ ଗୋଟିଏ ସାଆନ୍ଦା ଶିବମନ୍ଦିର ନିକଟରେ ଏବଂ କନ୍ତିଓକାଟେଣୀ ଗାଁ ନିକଟରେ ଫୋପାଡ଼ି ଦେଇ ଫେରାର ମାରିଛନ୍ତି । ଏ ନେଇ ସାଆନ୍ଦା ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ତଦନ୍ତ ଆରମ୍ଭ କରିଛି ପୋଲିସ ।

## କଲା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ନୂତନ ସଭାପତି ଚୟନ



ଦେବଗଡ, (ମହାଭାରତ) : ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ କଲା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗତ ବୁଧୁବାର ଦିନ ଶିକ୍ଷକ, ଶିକ୍ଷୟତ୍ରୀ ଓ ଅଭିଭାବକ ମାନଙ୍କୁ ନେଇ ସରକାରଙ୍କ ଅନୁମତି କ୍ରମେ ନୂତନ କମିଟି ଗଠନ ପାଇଁ ଏକ ବୈଠକ ବସିଥିଲା ।ଏହି ବୈଠକରେ କଲା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋରଜ କୁମାର ବର୍ମା, ଅଭିଭାବକ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥିସହ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା ।କମିଟି ର ଅଧ୍ୟକ୍ଷ ଭାବେ ସୁଦାମ ଚନ୍ଦ୍ର ବେହେରା ଓ ସହ ଅଧ୍ୟକ୍ଷା ଭାବେ ସରସ୍ୱତୀ ସାହୁ (ରାନୁ )ଙ୍କୁ ମନୋନୀତ କରାଯାଇଥିଲା । ସୁଧାକର ସାହୁ, ଯାଜ୍ଞସେନ ସାହୁ, ସୁଦାମ ଚନ୍ଦ୍ର ବେହେରା,ତିନି ଜଣ ପାର୍ଥୀଙ୍କ ମଧ୍ୟରୁ ଅଭିଭାବକ ମାନେ ଭୋଟ ଦେଇ ସୁଦାମ ଚନ୍ଦ୍ର ବେହେରା ଙ୍କୁ ଉକ୍ତ ବିଦ୍ୟାଳୟର ସଭାପତି ପ୍ରାର୍ଥୀ ଭାବେ ନିର୍ବାଚିତ କରିଥିଲେ ।

# ଖଇରପୁଟ ବ୍ଲକର ବଡଡୁରାଲ ପଞ୍ଚାୟତରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣୀ ଶିବିର

ମାଲକାନଗିରି, (ମହାଭାରତ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଡଡୁରାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମେଗା ଯୁଗ୍ମ ଜନ ଶୁଣାଣୀ ଓ ଅଭିଯୋଗ ସମାଧାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ, ଉପ-ଜିଲ୍ଲାପାଳ ଦୂର୍ଯ୍ୟୋଧନ ଭୋଇ ଏବଂ ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ଏହି ଶିବିରରେ ସମୁଦାୟ ୬୩ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୮ ଟି ବ୍ୟକ୍ତିଗତ ଏବଂ ୫୫ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଗୁଡ଼ିକର ତତ୍କାଳ ଓ ସଠିକ୍ ଯାଞ୍ଚ ପାଇଁ ଶିବିର ସ୍ଥଳରେ



ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପ ମାନ ଖୋଲାଯାଇଥିଲା। ଏଥି ସହିତ ଜିଲ୍ଲାର ସମସ୍ତ ଲାଇନ ବିଭାଗ ଯେପରିକି ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ସାମାଜିକ ସୁରକ୍ଷା ଓ କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ ନିଜ ନିଜ ଦଳ ସହ ଉପସ୍ଥିତ ରହି ଲୋକଙ୍କ ସମସ୍ୟାର ସ୍ଥଳଭାଗରେ ହିଁ ସମାଧାନ କରିବାକୁ ଚେଷ୍ଟା କରିଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି ଯେ, ପ୍ରତିଟି ନାଗରିକଙ୍କ ସମସ୍ୟାର ସମାଧାନ କରିବା ଜିଲ୍ଲା ପ୍ରଶାସନର ମୂଳ ଲକ୍ଷ୍ୟ। ଦୂରଦୂରାନ୍ତରେ ରହୁଥିବା ଗରିବ ଓ ଜନଜାତି ବର୍ଗର ଲୋକମାନେ ଯେପରି ସରକାରୀ ଯୋଜନାରୁ ବଞ୍ଚିତ ନ ହେବେ, ସେଥିପାଇଁ ଆମେ ସେମାନଙ୍କ ଦୁଆରମୁହଁରେ ପହଞ୍ଚିଛୁ। ପଞ୍ଜୀକୃତ ହୋଇଥିବା ସମସ୍ତ ୬୩ଟି ଅଭିଯୋଗକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ହସ୍ତାନ୍ତର କରାଯାଇଛି ଏବଂ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏଗୁଡ଼ିକର ସମାଧାନ କରି ରିପୋର୍ଟ ପ୍ରଦାନ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଜିଲ୍ଲାପାଳ ଏବଂ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ନିଜ ପଞ୍ଚାୟତରେ ପାଇ ସ୍ଥାନୀୟ ଅଞ୍ଚଳବାସୀ ଅତ୍ୟନ୍ତ ଆନନ୍ଦିତ ତଥା ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ପ୍ରଶାସନର ଏଭଳି ପଦକ୍ଷେପକୁ ନେଇ ଜନସାଧାରଣ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ପୂର୍ବରୁ ସାମାନ୍ୟ କାମ ପାଇଁ ସେମାନଙ୍କୁ ଜିଲ୍ଲା ସଦର ମହକୁମାକୁ ଦୌଡ଼ିବାକୁ ପଡୁଥିଲା। କିନ୍ତୁ ଆଜି ଜିଲ୍ଲାପାଳ ନିଜେ ସମସ୍ତ ବିଭାଗର ଅଧିକାରୀଙ୍କୁ ଧରି ଗାଁ ପାଖକୁ ଆସି ସମସ୍ୟା ଶୁଣିବା ଏବଂ ସମାଧାନର ବାଟ କାଢିବା ସତରେ ପ୍ରଶଂସନୀୟ। ଏହି ଶିବିରରେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗଦେଇ ନିଜ ନିଜର ଦାବିପତ୍ର ଉପସ୍ଥାପନ କରିଥିଲେ।

## ବନବିହାରୀ ମନ୍ଦିର ନିର୍ମାଣକୁ ନେଇ କୋଳିଡିହରେ ବିବାଦ

ଆଳି, (ମହାଭାରତ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ କୋଳିଡିହ ପଞ୍ଚାୟତରେ ବନବିହାରୀ ମନ୍ଦିର ନିର୍ମାଣକୁ ନେଇ ଦେଖାଦେଇଛି ବିବାଦ । ବିବାଦ ପରେ ଦୁଇ ଗୋଷ୍ଠୀ ପକ୍ଷରୁ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ଆଳି ବ୍ଲକ କୋଳିଡିହ ପଞ୍ଚାୟତର ନୂଆ ଚନ୍ଦନନଗରର ଶତାଧିକ ଗ୍ରାମବାସୀ ଆଳି ତହସିଲଦାରଙ୍କୁ ଭେଟି ଦାବି କରିଛନ୍ତି ଯେ ପ୍ରାୟ ୬୦-୭୦ ବର୍ଷ ପୂର୍ବେ ପଞ୍ଚାୟତର ଚନ୍ଦନନଗର ଗ୍ରାମ ବ୍ରାହ୍ମଣୀ ନଦୀ ଗର୍ଭରେ ଲୀନ ହୋଇ ଯାଇଥିଲା। ସେମାନେ ବିସ୍ଥାପିତ ହେବା ପରେ କୋଳିଡିହ ଗ୍ରାମରେ ନିଜସ୍ୱ ଉଦ୍ୟମରେ ଜାଗା କିଣି ପ୍ରାୟ ଶହେ ପରିବାର ବସବାସ କରିବା ସହ ନୂଆ ଚନ୍ଦନନଗର ଗ୍ରାମ ଗଠନ କରିଥିଲେ। ଏପରିକି ପ୍ରାଥମିକ ବିଦ୍ୟାଳୟକୁ ପୂର୍ବ ସ୍ଥାନରୁ ସ୍ଥାନାନ୍ତରଣ କରି ବର୍ତ୍ତମାନ ସେମାନେ ରହୁଥିବା ସ୍ଥାନକୁ ଆଣିଛନ୍ତି ଯାହାକି ବର୍ତ୍ତମାନ ୟୁଜିହାଇସ୍କୁଲ, ଚନ୍ଦନନଗର ନାମରେ ଚାଲୁଅଛି । ଗ୍ରାମ ପ୍ରତିଷ୍ଠା ସମୟରେ ଗ୍ରାମର ଆରାଧ୍ୟ ଦେବତା ବନବିହାରୀଙ୍କୁ କୋଳିଡିହ ମୌଜା ଅଧିନରେ ଥିବା ଏକ ସରକାରୀ ଖାତା ନଂ -୨୧୮, ପ୍ଲଟ ନଂ - ୬୧୦, କିସମ ଗୋଚର ଜମିରେ ଏକ ଚାଳଘର ନିର୍ମାଣ କରାଯାଇ ଠାକୁର ସ୍ଥାପନ ସହିତ ଦୀର୍ଘ ୬୦-୭୦ ବର୍ଷ ହେବ ସେହି ସ୍ଥାନରେ ଠାକୁର ପୂଜା ଚାଲୁ ରହିଛି । ରାଜ୍ୟରେ ଥିବା ବିଭିନ୍ନ ଦେବା ଦେବୀ ମନ୍ଦିରରେ ଉନ୍ନତିକରଣ ନିମନ୍ତେ ସରକାରୀ ସ୍ତରରେ ଅର୍ଥ ମଞ୍ଜୁର ହେଉଥିବା ବେଳେ ବନବିହାରୀଙ୍କ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ବିଧାୟକ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଅନୁଦାନ ମିଳିବା ପରେ ଗ୍ରାମବାସୀ ସେହି ସ୍ଥାନରେ ସ୍ଥାୟୀ ମନ୍ଦିର ନିର୍ମାଣ କରିବା ନିମନ୍ତେ ଉଦ୍ୟମ କରିବା ପରେ କୋଳିଡିହ ମୌଜାର କିଛି ବ୍ୟକ୍ତି ମନ୍ଦିର ଗୃହ ନିର୍ମାଣକୁ ବିରୋଧ କରି ଗ୍ରାମରେ ସାମାଜିକ ଅଶାନ୍ତି ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି । ପଞ୍ଚାୟତର ସରପଞ୍ଚ ଏବେ ଗୋଚର ଜମିରେ ମନ୍ଦିର ନିର୍ମାଣକୁ ବିରୋଧ କରୁଥିବା ବେଳେ ସେହି ସ୍ଥାନରେ ମାଟି ପକାଇ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚଦଶ ଅର୍ଥ କମିଶନ ପାଣ୍ଠିରୁ ୧ ଲକ୍ଷ ୨୨ ହଜାର ୩୨୪ ଟଙ୍କାର ବିଲ କରିଥିଲେ । କୋଳିଡିହ ପଞ୍ଚାୟତର ଗୋଚର ଜମିରେ ମନ୍ଦିର, ବସ ଷ୍ଟାଣ୍ଡ,ଲାଇବ୍ରେରୀ ଗୃହ, ମେଡିକାଲ ଗୃହ, ମିଶନ ଶକ୍ତି ଗୃହ ବିନା ବିରୋଧରେ ନିର୍ମାଣ କରା ଯାଇଥିବା ବେଳେ ବନବିହାରୀ ମନ୍ଦିର ନୂତନ ଗୃହ ନିର୍ମାଣକୁ ବିରୋଧ କରି ଚନ୍ଦନନଗର ଗ୍ରାମବାସୀଙ୍କ ଧାର୍ମିକ ଭାବନା ସହ ଖେଳ ଖେଳୁଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି । ଉକ୍ତ ଗୋଚର ଜମିରେ ଠାକୁର ମନ୍ଦିର ଗୃହ ନିର୍ମାଣ ନିମନ୍ତେ ସରକାରୀ ଅନୁମତି ଦେବା ସହିତ ବିରୋଧ କରୁଥିବା ଲୋକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଜଗବନ୍ଧୁ ସାହୁ, ବାବାଜୀ ରାଉତ, ଚନ୍ଦନ ବେହୁରା, ମୁରଲୀ ଧର ବେହେରା, ଅଧୀର ପ୍ରସାଦ ବିଶ୍ୱାଳ, ସୁଶାନ୍ତ କୁମାର ବେହୁରା, ନିର୍ମଳ ବେହୁରାଙ୍କ ସମେତ ଶତାଧିକ ଗ୍ରାମବାସୀ ଆଳି ତହସିଲଦାର, ବିଡ଼ିଓ, ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ବିଷୟରେ ଆଳି ତହସିଲଦାର ସୁମନ ଘୋଷଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଗୋଚର ଜମିରେ ମନ୍ଦିର ନିର୍ମାଣକୁ ନେଇ ଦୁଇ ପକ୍ଷରୁ ଦୁଇଟି ଅଭିଯୋଗ ଆସିଛି । ଏହାର ଏକ ତଦନ୍ତ କରାଯିବ । ଗୋଟିଏ ପକ୍ଷ ବିରୋଧ କରୁଥିବା ବେଳେ ଅନ୍ୟ ଏକ ପକ୍ଷ ଗୋଚରରେ ମନ୍ଦିର ହେବା ନିମନ୍ତେ ଦାବି କରୁଛନ୍ତି ।

## ପାରାଦୀପ ରାଧାକୃଷ୍ଣ ମଣ୍ଡପରେ ୪୭ତମ ବାର୍ଷିକ ନବରାତ୍ର ନାମ ଯଜ୍ଞ ସହ ପ୍ରସାଦ ବ□ନ

ପାରାଦୀପ, (ମହାଭାରତ) : ଶ୍ରୀ ଜଗନ୍ନାଥ ମହାପ୍ରଭୁ ଙ୍କ ରଥଯାତ୍ରା ଉପଲକ୍ଷେ 'ରାଧାକୃଷ୍ଣ ସାଂସ୍କୃତିକ ପରିଷଦ' ପକ୍ଷରୁ ମଧୁବନ ସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟସ୍ଥ ରାଧାକୃଷ୍ଣ ମଣ୍ଡପରେ ୪୭ତମ ବାର୍ଷିକ ନବରାତ୍ର ନାମଯଜ୍ଞ ଆୟୋଜିତ ହୋଇଯାଇଛି । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜଣାଶୁଣା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ପାରିଷଦ ତଥା ବିଜେପି ସଭାପତି ସୁବ୍ରତ ପ୍ରଧାନ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ପ୍ରମୁଖ ଯୋଗଦେଇ ସାଧାରଣରେ ଖାଦ୍ୟ ପରିବେଷଣରେ ସହଯୋଗ କରିଥିଲେ । ପୂଜକ ଅଭୟ କୁମାର ଶତପଥୀ ଓ କର୍ତ୍ତା ଦାଶରଥି ଜେନା ଙ୍କ ତତ୍ୱାବଧାନରେ ଅନୁଷ୍ଠାନର ସଦସ୍ୟ ବ୍ରଜ




କିଶୋର ପାଢ଼ୀ, କେଳୁ ଚରଣ ପରିଡା, ପ୍ରଶାନ୍ତ ମହାରଣା, କେଳୁ ଚରଣ ସ୍ୱାଇଁ, ଯୁଧିଷ୍ଠିର ପରିଡା, ଅନିଲ ଆଚାର୍ଯ୍ୟ, ଶ୍ରୀକାନ୍ତ ରାୟ, ଗୋବିନ୍ଦ ମିଶ୍ର, ରଞ୍ଜନ ଭୂୟାଁ, ମନୋଜ ସାହୁ, ସ୍ମୃତି ରଞ୍ଜନ ମହାନ୍ତି, ବିଦ୍ୟାଧର ସ୍ୱାଇଁ, ରଶ୍ମି ରଞ୍ଜନ ସ୍ୱାଇଁ, ବାବାଜୀ ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମ କୁ ସଫଳତାର ସହ ପରିଚାଳନା କରିଥିଲେ । ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ଆନନ୍ଦ ର ସହ ଅନ୍ନ ପ୍ରସାଦ ସେବନ କରୁଥିବା ଦେଖିବାକୁ ମିଳିଥିଲା ।

## ଶ୍ରୀ ଶ୍ରୀ ରାଧା ଗୋବିନ୍ଦ ଜୀଉଙ୍କ ଶତବାର୍ଷିକ,ସିଂହାସନ ବିଜେ ମହୋତ୍ସବ ଓ ମହନ୍ତ ଦାମୋଦର ଦାସ ମହାରାଜାଙ୍କ ପ୍ରଥମ ବାର୍ଷିକ ସ୍ମରଣ ମହୋତ୍ସବ ଉଦଯାପିତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୋସାଣୀ ବ୍ଲକ ଅନ୍ତର୍ଗତ କେରାଣ୍ଡି ଗ୍ରାମ ପଞ୍ଚାୟତର ପୁରୁଣା କେରାଣ୍ଡି ଗ୍ରାମରେ ଥିବା ଶ୍ରୀ ଶ୍ରୀ ରାଧା ଗୋବିନ୍ଦ ଦେବ ଜୀଉଙ୍କ ଶତ ବାର୍ଷିକ ସିଂହାସନ ବିଜେ ମହୋତ୍ସବ ଓ ମହନ୍ତ ଦାମୋଦର ଦାସ ମହାରାଜଙ୍କ ପ୍ରଥମ ବାର୍ଷିକ ସ୍ମରଣ ମହୋତ୍ସବ ଆଜି ଉଦଯାପିତ ହୋଇଯାଇଛି। କଳସ ଯାତ୍ରା,ଶ୍ରୀମଦ୍ ଭାଗବତ ସପ୍ତାହ ଜ୍ଞାନଯଜ୍ଞ,ଶ୍ରୀମଦ୍ ଭାଗବତ ପାରାୟଣ,ଚବିଶ ପ୍ରହର ଅଖଣ୍ଡ ହରିନାମ ସଙ୍କୀର୍ତ୍ତନ ଯଜ୍ଞ, ଠାକୁର ମାର୍ଜନା ବାସ୍ତୁ ପୂଜା, ସିଂହାସନ ପୂଜା, ସାଧୁ ସେବା, ବ୍ରାହ୍ମଣ ସେବା ପ୍ରଭୃତି କାର୍ଯ୍ୟକ୍ରମ ଆଜି ଉଦଯାପିତ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେସ ପାଣିଗ୍ରାହି, ଜିଲ୍ଲା ପରିଷଦ ସଭ୍ୟ ଏସ ବାଲ ରାଜୁ ପ୍ରମୁଖ ଯୋଗ ଦେଇଥିଲେ। ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନେ ପ୍ରସାଦ ସେବନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରୁଥିବାର ଦେଖିବାକୁ ମିଳିଛି।

## ପୂର୍ତ୍ତ ସଡ଼କରେ ଧାନ ତଳି ରୋଇଲେ ଯୁବ ସମାଜ

ବାଲିଚନ୍ଦ୍ରପୁର, ମହାଭାରତ) : ବାଲିଚନ୍ଦ୍ରପୁର ଲଳିତଗିରି ପୂର୍ତ୍ତ ସଡ଼କ ର ସାହସପୁର କଲେଜ ଛକ ଠାରୁ ପଙ୍ଗାମୁଣ୍ଡାଇ କେନାଲ ନୂଆ ପୋଲ ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ବ୍ୟବହାର ଅନୁପଯୁକ୍ତ ହୋଇ ଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା । ବିଭାଗୀୟ ଅଧିକାରୀ ଏ ବିଷୟ ନେଇ ନିଦାବିଷ୍ଟ ହୋଇଥିବାରୁ ସ୍ଥାନୀୟ ଯୁବସମାଜ ଉତକ୍ଷିପ୍ତ ହୋଇ ଆଜି ସମୂହ ସେହି ରାସ୍ତା ଉପରେ ଧାନ ତଳି ରୋପଣ କରୁଥିବାର ଦେଖି ବାକୁ ମିଳିଥିଲା ।ପ୍ରକାଶ ଯୋଗ୍ୟ ଅବିଭକ୍ତ କଟକ ଜିଲ୍ଲାର ବାଲିଚନ୍ଦ୍ରପୁର ଏକ ବଡ଼ ବ୍ୟବସାୟିକ ପେଣ୍ଠସ୍ଥଳୀ ହେବା ସହ ଏହି ବଜାର ନିକଟରେ ତିନି ଗୋଟି ମହାବିଦ୍ୟାଳୟ ଓ ଏକାଧିକ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ଥିବାରୁ ଦୈନିକ ହଜାର ହଜାର ଗାଡି ମଟର ଓ ଜନସାଧାରଣ, ଛାତ୍ର ଛାତ୍ରୀ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ସେ ନେଇ ଏହି ରାସ୍ତା ଏକ ବ୍ୟସ୍ତ ବହୁଳ ରାସ୍ତା ଭାବେ ଏହାର ମରାମତି ନିମନ୍ତେ ବହୁବାର ଦାବି ହୋଇ ଆସୁଥିଲା। ଏ ସବୁ ସତ୍ୱେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରି ମହୋଦୟ ସାଧାରଣ ଲୋକଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁ



ନଥିବା ଏକ କ୍ଷୋଭର ବିଷୟ। ଆଜି ବାଲିଚନ୍ଦ୍ରପୁର ଓ ଏହାର ଅଖପାଖ ଅଂଚଳର ବହୁ ଯୁବକ ଏହିରାସ୍ତାରେ ପହଂଚି ଧାନ ତଳି ରୋଇ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥିଲେ। ଅନନ୍ତ ଦାସ ଙ୍କ ନେତୃତ୍ୱ ରେ ପ୍ରକାଶ ବଳ,ସତ୍ୟାନନ୍ଦ ମଲ୍ଲିକ, ନିବାରଣ ସାହୁ, ବିମଳ ଧଳ ପ୍ରମୁଖ ଏଠାରେ ପହଂଚି ବା ସହିତ ତାଙ୍କ ସହିତ କିଛି ଯୁବ ଗୋଷ୍ଠୀ ସାମିଲ ହୋଇ କଲେଜ ଛକର ପାଣି ଜମ ଥିବା ରାସ୍ତାରେ ତଳି ରୋଇ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିଥିଲେ।

## ଖଇରପୁଟ ବ୍ଲକର ସିସାପୁଟଠାରେ ଜିଲ୍ଲାପାଳଙ୍କ ଦ୍ୱାରା ସିଲଭର ଓକ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଖଇରପୁଟ ବ୍ଲକ ଅନ୍ତର୍ଗତ ବଡ଼ଦୁରାଲ ଗ୍ରାମ ପଞ୍ଚାୟତର ସିସାପୁଟ ଗ୍ରାମରେ ଏକ ସିଲଭର ଓକ୍ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ଜୀବିକା ବିକାଶ ଏବଂ ପରିବେଶ ସୁରକ୍ଷା ଅଭିଯାନର ଏକ ଅଂଶ ବିଶେଷ ଭାବରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯାଉଛି । ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ପରିଷଦର ସିଡିଓ-କମ୍-ଇଓ ଦାଶରଥି ସରାବୁ, ମାଲକାନଗିରି ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହଳଧର ଶବର, ଖଇରପୁଟ ବିଡିଓ ଅର୍ପିତା ମହାନ୍ତି, ମାଲକାନଗିରି ଆଇଟିଡିଏ ପ୍ରକଳ୍ପ ପରିଚାଳକ ବିଶ୍ୱନାଥ ମିଶ୍ର ଏବଂ ମନରେଗା ସହକାରୀ ଧନେଶ୍ୱର ଖେମୁଡୁଙ୍କ ସମେତ ସ୍ଥାନୀୟ ଅଧିକାରୀ ଓ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ କରି ଜନଜାତି ଚାଷୀମାନଙ୍କର ଜୀବିକାରେ ଉନ୍ନତି ଆଣିବା ଏବଂ ସ୍ଥାୟୀ



କୃଷି-ବନୀକରଣକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରାୟ ୧୮୦ ହେକ୍ଟର ଜମିରେ ଏହି ସିଲଭର ଓକ୍ ବୃକ୍ଷରୋପଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସମୁଦାୟ ଉତ୍ସାହର ସହ ଅଂଶଗ୍ରହଣ କରିବା ସହିତ ଏହି ପଦକ୍ଷେପକୁ ନେଇ ନିଜର ଖୁସି ବ୍ୟକ୍ତ କରିଛନ୍ତି । ଏହି ଗସ୍ତ ସମୟରେ ଜିଲ୍ଲାପାଳ ସିସାପୁଟଠାରେ ପୂର୍ବରୁ ରହିଥିବା କଫି ଓ ଗୋଲମରିଚ ଚାଷ ଜମିଗୁଡିକୁ ମଧ୍ୟ ବୁଲି ନିରୀକ୍ଷଣ କରିଥିଲେ। ଏହି ବୃକ୍ଷରୋପଣର ସଫଳ ରୂପାୟନକୁ ପ୍ରଶଂସା କରିବା ସହ ଜିଲ୍ଲାର ଅନ୍ୟାନ୍ୟ ଉପଯୁକ୍ତ ସ୍ଥାନଗୁଡିକରେ ସିଲଭର ଓକ୍ ବୃକ୍ଷରୋପଣର ପରିସର ବୃଦ୍ଧି କରିବା ଏବଂ ଏକ ବ୍ୟାପକ ବୃକ୍ଷରୋପଣ ଅଭିଯାନ ହାତକୁ ନେବା ପାଇଁ ସେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ସିସାପୁଟର ଦାମୁ ସିସା ବଡ଼ଦୁରାଲ ଗ୍ରାମ ପଞ୍ଚାୟତରେ ଜୀବିକା ଭିତ୍ତିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ପ୍ରତି ନିରନ୍ତର ସହଯୋଗ ଯୋଗାଇ ଦେଇଥିବାରୁ ଜିଲ୍ଲା ପ୍ରଶାସନ ଏବଂ ମାଲକାନଗିରି ଆଇଟିଡିଏକୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ଏଭଳି ପଦକ୍ଷେପ ପରିବେଶ ସୁରକ୍ଷାରେ ଅବଦାନ ରଖିବା ସହିତ ସ୍ଥାନୀୟ ଅର୍ଥନୀତିକୁ ସଦୃଢ଼ କରିବ ବୋଲି ସେ ପ୍ରକାଶ କରିଛନ୍ତି।

## ବି.ଡ଼ି.ଓ.ଙ୍କ ମାନବିକତା : ଆଧାର କାର୍ଡ ଓ ପେନସନ ପାଇଲେ ୯୭ ବର୍ଷିୟ ବୃଦ୍ଧା

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବିଡିଓଙ୍କ ମାନବିକତା ପଦକ୍ଷେପକୁ ନେଇ ଚାରିଆଡୁ ପ୍ରଶଂସା କରାଯାଉଛି । ବୟସର ଅପରାହ୍ନରେ ପହଞ୍ଚିଯାଇଥିବା ଜଣେ ବୃଦ୍ଧାଙ୍କ ଆଧାର କାର୍ଡ କରାଇବା ଓ ପେନସନ୍ ଯୋଗାଇଛନ୍ତି । ତେବେ ଜଣେ ପ୍ରଶାସନିକ ଅଧିକାରୀ ଭାବେ ସେ ଏହି କର୍ତ୍ତବ୍ୟ କରିବା ବାଞ୍ଛନୀୟ । ହେଲେ ସେ ଯେଉଁ ଭଳି ସ୍ଥିତିରେ ଏପରି ସମାଜର ଶେଷ ସ୍ତରରେ ରହୁଥିବା ଜଣେ ବୃଦ୍ଧାଙ୍କୁ ଚିହ୍ନଟ କରିପାରିଲେ ତାହା ପ୍ରଶଂସନୀୟ । ସୂଚନା ପ୍ରକାରେ ଗୋଷାଣି ବ୍ଲକର ତାଡିପେଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୋଲାଗାଁର ୯୭ ବର୍ଷୀୟା ତୋଡ଼ଙ୍ଗି ରାମଲକ୍ଷ୍ମୀ ଗ୍ରାମର ଏକ ନିର୍ଜନ ସ୍ଥାନରେ ଏକୁଟିଆ ଖଣ୍ଡିଏ ଘର କରି ରହିଆସୁଛନ୍ତି । ନିର୍ଜନ ନିଛାଟିଆ ମଧ୍ୟରେ ତାଙ୍କର ସାହାରା ମାନେ କେବଳ ତାଙ୍କ ସମ୍ପର୍କୀୟ । ପୁତ୍ର ବଧୂ ସଭିଏଁ ରହିଥିଲେ ମଧ୍ୟ ସେମାନେ ନିଜ ନିଜ ପେଟପାଟଣା ଲାଗି ବୃଦ୍ଧାଙ୍କୁ ବୋଧେ ହୁଏ ଭୁଲିଯାଇଛନ୍ତି । ରାମଲକ୍ଷ୍ମୀଙ୍କ ସ୍ୱାମୀ ବିଗତ ୯ ବର୍ଷ



ପୂର୍ବେ ମୃତ୍ୟୁବରଣ କରିଛନ୍ତି । ଏପରି ସେ ଏକୁଟିଆ ରହୁଥିବା ବେଳେ ତାଙ୍କୁ ସାହାରା ଦେଉଛନ୍ତି ତାଙ୍କ ସମ୍ପର୍କୀୟ । ଅନ୍ୟପକ୍ଷରେ ଗୋଷାଣି ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ ଓ ଯନ୍ତ୍ରୀ ଶୁଭମ ଉଭୟେ ସରକାରୀ କାର୍ଯ୍ୟରେ ଗୋଲାଗାଁ ଅଞ୍ଚଳ ପରିଦର୍ଶନରେ ଯାଇଥିଲେ । ଏହି ସମୟରେ ନିର୍ଜନ ତଥା ନିଛାଟିଆ ସ୍ଥାନରେ କେବଳ ଗୋଟିଏ ଘର ଥିବା ଦେଖି ଏବଂ ସେଠାକୁ ଯାଇଥିଲେ । ବିଡିଓ ଶ୍ରୀ ପଟ୍ଟନାୟକ ବୃଦ୍ଧା ଓ ତାଙ୍କ ସମ୍ପର୍କୀୟଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ । ଶେଷରେ ଜାଣିବାକୁ ପାଇଥିଲେ ଯେ ରାମଲକ୍ଷ୍ମୀ କୌଣସି ସରକାରୀ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି । କାରଣ ତାଙ୍କର ଆଜିଯାଏଁ ଆଧାରକାର୍ଡ ଟିଏ ହୋଇପାରିନି । ଯାହା ଜାଣି ବିଡିଓ ତାଜୁବ ହୋଇଯାଇଥିଲେ । ଏହାପରେ ସମସ୍ତ ଅନୁସନ୍ଧାନ କରି ତାଟିପାଟି ପିଇଓ ବିନୋଦ ଗୌଡଙ୍କୁ ତୁରନ୍ତ ଆଧାର କାର୍ଡ କରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେଠୁ ଆରମ୍ଭ ହୋଇଥିଲା ଆଧାରକାର୍ଡ ପାଇଁ ବନ୍ଦବସ୍ତ । ଏହାପରେ ଜିଲ୍ଲା ପ୍ରଶାସନର ସହଯୋଗରେ ଆଧାର କାର୍ଡଠାରୁ ଆରମ୍ଭ କରି ରାମଲକ୍ଷ୍ମୀଙ୍କ ନାମରେ ବ୍ୟାଙ୍କ ଜମା ଖାତା, ପେନସନ୍ ବହି ଆଦି କରାଯାଇଥିଲା । ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ଅନୁମୋଦନ ପରେ ବିଡିଓ ଶ୍ରୀ ପଟ୍ଟନାୟକ ରାମଲକ୍ଷ୍ମୀଙ୍କ ଘରକୁ ଯାଇ ୩୫୦୦/-ଟଙ୍କା ଭତ୍ତା ସହ ବ୍ୟାଙ୍କ ଜମା ଖାତା, ପେନସନ ଖାତା ପ୍ରଦାନ କରିଥିଲେ । ଏସବୁ କାର୍ଯ୍ୟପାଇଁ ସେ'ମାଙ୍କ ମୁହଁରେ ହସ ଫୁଟିବା ସହ ନିଜକୁ ଆତ୍ମସନ୍ତୋଷ ମିଳିଲା ବୋଲି କହିଛନ୍ତି ବିଡିଓ ଶ୍ରୀ ପଟ୍ଟନାୟକ । ଏହା ସହ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏଥିରେ ସହଯୋଗ କରିଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ, ଆଧାର ପରିଚାଳକ, ଶାଖା ପରିଚାଳକ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଗୁରାଣ୍ଡି ଶଖା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ପଞ୍ଚାୟତ ଉନ୍ନୟନ ଅଧିକାରୀଙ୍କୁ ବିଡ଼ିଓ ସାଧୁବାଦ ଜଣାଇବା ସହ ଏପରି କୌଣସି ଲୋକ ଏମିତି ଅସୁବିଧାରେ ନରୁହନ୍ତୁ, ପ୍ରତିଟି ଘରକୁ ଘର ବୁଲି ସର୍ଭେକ୍ଷଣ କରିବାକୁ ସମସ୍ତ ନିର୍ବାହୀ ଅଧିକାରୀଙ୍କୁ ଆଦେଶ ଜାରି କରିଛନ୍ତି । ଅନ୍ୟପକ୍ଷେ ବିଡିଓଙ୍କ ଏପରି ମହତ କାର୍ଯ୍ୟ ପାଇଁ ଅଞ୍ଚଳରେ ସମସ୍ତେ ପ୍ରଶଂସା କରିଛନ୍ତି ।

# ବର୍ଷା ବିପର୍ଯ୍ୟୟ; ଜମ୍ମୁ-କାଶ୍ମୀରରେ ୨୩, ଆସାମରେ ୧୧ ଜଣଙ୍କ ମୃତ୍ୟୁ



ନୂଆଦିଲ୍ଲୀ: ଦେଶର ବିଭିନ୍ନ ଅଂଶରେ ଲଗାଣ ବର୍ଷା ଯୋଗୁ ବନ୍ୟା ସ୍ଥିତି ଉପୁଜିଛି। ଜମ୍ମୁ-କାଶ୍ମୀରରେ ସ୍ଥିତି ଅତ୍ୟନ୍ତ ବିପଜ୍ଜନକ ରହିଛି ଏବଂ ଗତ ୨ ଦିନ ମଧ୍ୟରେ ବର୍ଷା ଓ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୨୩ରେ ପହଞ୍ଚିଛି। ପୁଞ୍ଚ ଓ ରାଜୋରୀର ବନ୍ୟାପ୍ରଭାବିତ ଅଞ୍ଚଳରେ ଏବେ ବି ୭ ଜଣ ନିଖୋଜ ଅଛନ୍ତି। ଲଗାଣ ବର୍ଷା ଯୋଗୁ ରିଲିଫ୍ ଓ ଉଦ୍ଧାର ଅପରେସନ୍‌ରେ ବାଧା ଉପୁଜିଛି। ଅନ୍ୟପକ୍ଷେ ଆସାମରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୧୧କୁ ବୃଦ୍ଧି ପାଇଛି। ଆସାମର ୧୧ ଜିଲ୍ଲାରେ ୩.୧୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ବ୍ରହ୍ମପୁତ୍ର, ଦିଖୋ, ଦେସାଙ୍ଗ ଓ ଧନଶିରୀ ସମେତ ଅନେକ ପ୍ରମୁଖ ନଦୀରେ ଏବେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେନା, ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ଅଗ୍ନି ନିର୍ବାପକ ଓ ଇମର୍ଜେନ୍ସି ସେବା ସମେତ ଏକାଧିକ ସଂସ୍ଥା ଦ୍ୱାରା ରିଲିଫ୍ ଓ ଉଦ୍ଧାର ଅପରେସନ୍ ଜାରି ରହିଛି। ବନ୍ୟା ଯୋଗୁ ଆସାମରେ ୭୫୮ ଗ୍ରାମରେ ୩,୧୦,୮୦୦ ଲୋକ ପ୍ରଭାବିତ ହୋଇଛନ୍ତି। ୯ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଉପର ଆସାମର ବନ୍ୟାପ୍ରବଣ ଗ୍ରାମଗୁଡ଼ିକରୁ ଭାରତୀୟ ସେନା ୫୭୧ ଲୋକଙ୍କୁ ଉଦ୍ଧାର କରିଛି।

ଅନ୍ୟପକ୍ଷେ ବୁଧବାର ଦେଶର ବିଭିନ୍ନ ଅଂଶରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଆକଳନ କରିଛି। ଉତ୍ତର, କେନ୍ଦ୍ରୀୟ, ପୂର୍ବ, ଉତ୍ତରପୂର୍ବ ଓ ପଶ୍ଚିମ ଭାରତରେ ଅତି ପ୍ରବଳ ବର୍ଷା ହେବା ନେଇ ଆଇଏମ୍‌ଡି ସତର୍କ ସୂଚନା ଜାରି କରିଛି। ଦିଲ୍ଲୀ, ପଞ୍ଜାବ, ହରିୟାଣା ଓ ପଶ୍ଚିମ ଉତ୍ତରପ୍ରଦେଶରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ଏବଂ ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା, ତେଲେଙ୍ଗାନା, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଉତ୍ତରାଖଣ୍ଡ ସମେତ ଏକାଧିକ ରାଜ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ଆଇଏମ୍‌ଡି ପୂର୍ବାନୁମାନ କରିଛି।

# ମୋ ପିଠିରେ ଛୁରୀ ଭୁସି ସବୁ ଚୋର ବିଜେପିରେ ମିଶିଲେ,କେବେବି ଆଉ ଦଳରେ ଭର୍ତ୍ତି କରିବି ନାହିଁ: ମମତା



କୋଲକାତା: ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଦଳର ୨୦ ଜଣ ସଦସ୍ୟ ବିଦ୍ରୋହ କରି ଟିଏମସି ଛାଡ଼ି ବିଜେପିରେ ଯୋଗଦେବା ସମ୍ପର୍କରେ ମୁହଁ ଖୋଲିଛନ୍ତି। ସେ ନିଜର କ୍ରୋଧ ପ୍ରକାଶ କରିଛନ୍ତି। ମଙ୍ଗଳବାର କୋଲକାତାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଭାଷଣ ଦେଇ ସେ କହିଥିଲେ, ସବୁ ଚୋର ମୋତେ ଛାଡି ଚାଲିଯାଇଛନ୍ତି। ମୋ ପିଠିରେ ଛୁରୀ ଭୁସି ସବୁ ଚୋର ବିଜେପିରେ ମିଶିଛନ୍ତି।

ସେମାନେ ଟିଏମସିର ନିର୍ବାଚନ ଚିହ୍ନରେ ଜିତିଥିଲେ। ମୁଁ ସେମାନଙ୍କୁ କେବେବି ଆଉ ଦଳରେ ଭର୍ତ୍ତି କରିବି ନାହିଁ। ସେ ରାମ ମନ୍ଦିରରେ ଦାନ ଚୋରି ପ୍ରସଙ୍ଗ ଉଠାଇ କହିଛନ୍ତି, ବିଜେପି ଭଗବାନଙ୍କଠାରୁ ଟଙ୍କା ମଧ୍ୟ ଚୋରି କରିଛି। ଦିନେ ବିଜେପିର ଭୋଟ ଜାଲିଆତିର ପର୍ଦ୍ଦାଫାସ ହେବ। ଦିଲ୍ଲୀରେ ଚାଲିଥିବା କକ୍ରୋଚ୍ ଜନତା ପାର୍ଟିର (ସିଜେପି) ଆନ୍ଦୋଳନ ବିଷୟରେ ସେ କହିଛନ୍ତି ଯେ, ଆବଶ୍ୟକ ହେଲେ ମୁଁ ବ୍ୟକ୍ତିଗତ ଭାବରେ ଆନ୍ଦୋଳନରେ ଅଂଶଗ୍ରହଣ କରିବି। ମୁଁ ଆରମ୍ଭରୁ ସେମାନଙ୍କୁ ସମର୍ଥନ କରିଆସିଛି ଏବଂ ଆଗକୁ ମଧ୍ୟ କରିବି। ଏହା ଉଲ୍ଲେଖନୀୟ ଯେ ଅଖିଳେଶ ଯାଦବ, ଅରବିନ୍ଦ କେଜରିୱାଲ ଏବଂ ରାହୁଲ ଗାନ୍ଧୀଙ୍କ ସମେତ ଅନେକ ବିରୋଧୀ ନେତା ଆନ୍ଦୋଳନକୁ ସମର୍ଥନ କରିଛନ୍ତି ଏବଂ ପ୍ରତିବାଦକାରୀଙ୍କ ସହ ମଧ୍ୟ ସାକ୍ଷାତ କରିଛନ୍ତି।

ବିରୋଧୀ ଏକତା ପାଇଁ ତାଙ୍କର ଆହ୍ୱାନକୁ ଦୋହରାଇ ସହିଦ ଦିବସରେ ଆୟୋଜିତ ଏକ ରାଲିରେ ମମତା କହିଛନ୍ତି, ସିପିଏମ ଏବଂ କଂଗ୍ରେସ ଏକାଠି କାମ କରିବା ଉଚିତ୍। ଆମକୁ ବିଜେପି ସହିତ ଲଢ଼ିବା ପାଇଁ ଆମର ମତଭେଦକୁ ପାଶୋରି ଦେବାକୁ ପଡିବ। ବିଜେପି ବିରୋଧରେ ଚାଲିଥିବା ଲଢ଼େଇ ଆମର ବ୍ୟକ୍ତିଗତ ଅହଂକାର ଅପେକ୍ଷା ବଡ଼। ମୁଁ ସମସ୍ତଙ୍କୁ ବିଜେପି ସହିତ ଲଢ଼ିବା ପାଇଁ ଏକତ୍ର ହେବାକୁ ନିବେଦନ କରୁଛି।

## ଲେବାନନ ଯାଉଥିବା ଗାଡ଼ିରୁ ୨୨୬ ଆରଜିସି ଗ୍ରେନେଡ୍ ଜବତ କଲା ସିରିଆ କଷ୍ଟମ୍ସ ବିଭାଗ

ଦାମାସକସ୍: ଏକ ସରକାରୀ ବିବୃତି ଅନୁଯାୟୀ, ସିରିଆର କଷ୍ଟମ୍ସ କର୍ତ୍ତୃପକ୍ଷ ମଙ୍ଗଳବାର ଦିନ ଲେବାନନ ଯାଉଥିବା ଏକ ଗାଡ଼ିରେ ଲୁଚାଇ ରଖାଯାଇଥିବା ୨୨୬ଟି ଆରଜିସି ଗ୍ରେନେଡ୍ ଜବତ କରିଛନ୍ତି। ଜେଡେଟ୍ ୟାବୋସ୍ ସୀମା କ୍ରସିଂର ଅଧିକାରୀମାନେ ଲେବାନନ୍ ଯାଉଥିବା ଏକ ଗାଡ଼ି ଭିତରେ ଲୁଚାଇ ରଖାଯାଇଥିବା ଗ୍ରେନେଡ୍ ଆବିଷ୍କାର କରିଥିଲେ। ଏହା ହିଜବୁଲ୍ଲା ପାଖକୁ ଯାଉଥିବା ସନ୍ଦେହ କରାଯାଉଛି। ଏନେଇ ଅଧିକ ତଦନ୍ତ ଏବଂ ପଚରାଉଚରା ଜାରି ରହିଛି। ଏହା ପୂର୍ବରୁ ଗୁରୁବାର ଦିନ, ସିରିଆର କର୍ତ୍ତୃପକ୍ଷ ଇରାକ ସୀମା ଦେଇ ଲେବାନିଜ୍ ଗୋଷ୍ଠୀ ହିଜବୁଲ୍ଲା ପାଇଁ ଉଦ୍ଦିଷ୍ଟ ଏକ ବଡ଼ ଅସ୍ତ୍ରଶସ୍ତ୍ର ଚାଲାଣର ପ୍ରୟାସକୁ ପଣ୍ଡ କରିଥିଲେ।୨୦୨୪ ଶେଷ ଭାଗରେ ବସର ଅଲ-ଆସାଦଙ୍କୁ ଗାଦିଚ୍ୟୁତ କରାଯାଇଥିଲା। ଫଳରେ ତାଙ୍କର ୨୪ ବର୍ଷ ଶାସନର ଅନ୍ତ ଘଟିଥିଲା।

## ଦକ୍ଷିଣ ଚୀନ୍ ସାଗରରେ ଭାରତୀୟ ନୌସେନାର ଉପସ୍ଥିତି ଗୁରୁତ୍ୱପୂର୍ଣ୍ଣ ସଙ୍କେତ: ଫିଲିପାଇନ୍ସ ରାଷ୍ଟ୍ରଦୂତ



ନୂଆଦିଲ୍ଲୀ: ଦକ୍ଷିଣ ଚୀନ୍ ସାଗରରେ ଭାରତୀୟ ନୌସେନାର ବଢୁଥିବା ଉପସ୍ଥିତି ଆଞ୍ଚଳିକ ସୁରକ୍ଷା ଓ ନିୟମଭିତ୍ତିକ ସାମୁଦ୍ରିକ ବ୍ୟବସ୍ଥା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ବୋଲି ଭାରତରେ ନିଯୁକ୍ତ ଫିଲିପିନ୍ସର ରାଷ୍ଟ୍ରଦୂତ ଜୋସେଲ୍ ଫ୍ରାନ୍ସିସ୍କୋ ଇଗ୍ନାସିଓ କହିଛନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତ୍‌କାରରେ ସେ ଭାରତ-ଫିଲିପାଇନ୍ସ ମଧ୍ୟରେ ବଢୁଥିବା ସାମୁଦ୍ରିକ ସହଯୋଗକୁ ସ୍ୱାଗତ କରିଛନ୍ତି। ଇଗ୍ନାସିଓ କହିଛନ୍ତି, ଭାରତୀୟ ନୌସେନାର ଉପସ୍ଥିତି କେବଳ ଦୁଇ ଦେଶ ମଧ୍ୟରେ ସହଯୋଗକୁ ସୁଦୃଢ଼ କରୁନାହିଁ, ବରଂ ମୁକ୍ତ, ଅବାଧ ଓ ନିୟମଭିତ୍ତିକ ଭାରତ-ପ୍ରଶାନ୍ତ ଅଞ୍ଚଳ ପ୍ରତି ଉଭୟ ଦେଶର ପ୍ରତିବଦ୍ଧତାକୁ ମଧ୍ୟ ସ୍ପଷ୍ଟ କରୁଛି। ଦକ୍ଷିଣ ଚୀନ୍ ସାଗରରେ ନୌଚଳାଚଳର ସ୍ୱାଧୀନତା ଓ ଅନ୍ତର୍ଜାତୀୟ ଆଇନର ସମ୍ମାନ ବଜାୟ ରହିବା ଅତ୍ୟନ୍ତ ଜରୁରି ବୋଲି ସେ କହିଛନ୍ତି। ସେ କହିଛନ୍ତି, ଭାରତ ଓ ଫିଲିପାଇନ୍ସ ମଧ୍ୟରେ ସାମୁଦ୍ରିକ ସୁରକ୍ଷା, ନୌସେନା ସହଯୋଗ, ପ୍ରଶିକ୍ଷଣ ଓ ପ୍ରତିରକ୍ଷା କ୍ଷେତ୍ରରେ ସମ୍ପର୍କ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଭବିଷ୍ୟତରେ ମଧ୍ୟ ଉଭୟ ଦେଶ ଏହି କ୍ଷେତ୍ରରେ ସହଯୋଗକୁ ଆହୁରି ବିସ୍ତାର କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଇଗ୍ନାସିଓ ଭାରତ ନିର୍ମିତ ବ୍ରହ୍ମୋସ୍ ସୁପରସୋନିକ୍ କ୍ଷେପଣାସ୍ତ୍ର ବ୍ୟବସ୍ଥା କ୍ରୟକୁ ନେଇ ମଧ୍ୟ ସନ୍ତୋଷ ପ୍ରକାଶ କରିଛନ୍ତି।

## ଖନନ ସମୟରେ ମିଳିଲା ୩୫ରୁ ଅଧିକ ରାବଣ ପ୍ରତିମା





ନୂଆଦିଲ୍ଲୀ: କର୍ଣ୍ଣାଟକର ମାଣ୍ଡ୍ୟା ଓ ମେସୁର ଜିଲ୍ଲାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଦ୍ୱାରା ଖନନ ଏବଂ ଗବେଷଣା ସମୟରେ ରାବଣଙ୍କ ୩୫ରୁ ଅଧିକ ପ୍ରାଚୀନ ପ୍ରତିମା ଉଦ୍ଧାର କରାଯାଇଛି। ଏହି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।କାରଣ ମାଣ୍ଡ୍ୟାର ମୁଥି ଅଞ୍ଚଳ ପୌରାଣିକ ଭାବରେ ଭଗବାନ ରାମ, ସୀତା ଏବଂ ରାମାୟଣ ସମୟ ସହିତ ଜଡିତ। ଏହି ଅଞ୍ଚଳଗୁଡ଼ିକରେ ଏତେ ସଂଖ୍ୟାରେ ରାବଣଙ୍କ ପ୍ରତିମା ମିଳିବା ସୂଚିତ କରୁଛି ଯେ ଏଠାରେ କିଛି ସମ୍ପ୍ରଦାୟ ପ୍ରାଚୀନ କାଳରେ ରାବଣଙ୍କ ପ୍ରତି ଗଭୀର ବିଶ୍ୱାସ ରଖିବା ସହିତ ପୂଜାଅର୍ଚ୍ଚନା ମଧ୍ୟ କରୁଥିଲେ। ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଏଏସଆଇ ମଦ୍ଦୁର, ମଳାବଲ୍ଲି ଏବଂ ମାଣ୍ଡ୍ୟା ଅଞ୍ଚଳରେ ଖନନ ସମୟରେ ପ୍ରାୟ ୧୫ ରୁ ୨୦ଟି ରାବଣଙ୍କ ପ୍ରତିମା ଉଦ୍ଧାର କରାଯାଇଛି। ସେହିପରି ପ୍ରାଚୀନ ଇତିହାସ ଏବଂ ପ୍ରତ୍ନତତ୍ତ୍ୱ ବିଦ୍ୱାନ ପ୍ରଫେସର ଏନ.ଏସ. ରଙ୍ଗାରାଜୁ ତାଙ୍କର ସ୍ୱାଧୀନ ଗବେଷଣା ସମୟରେ ମାଳାଭାଲି, ବାନ୍ନୁର ଏବଂ ଟି. ନରସିପୁରାରୁ ପ୍ରାୟ ୧୫ରୁ ୨୦ ଟି ପ୍ରାଚୀନ ପ୍ରତିମା ପାଇଛନ୍ତି। ପ୍ରତ୍ନତତ୍ତ୍ୱବିଦମାନେ କହିଛନ୍ତି ଯେ ଏହି ଅଞ୍ଚଳର ଲୁକ୍କାୟିତ ଇତିହାସକୁ ସମ୍ପୂର୍ଣ୍ଣ ବୁଝିବା ପାଇଁ, ଏପରି ଆହୁରି ମୂର୍ତ୍ତି କିମ୍ବା କଳାକୃତି ମାଟିଗର୍ଭରେ ପୋତା ହୋଇଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ଆହୁରି ଖନନ ଏବଂ ଡକ୍ୟୁମେଣ୍ଟେସନ୍ ଜରୁରୀ। ମାଣ୍ଡ୍ୟା ଜିଲ୍ଲାରେ ରାବଣଙ୍କ ମୂର୍ତ୍ତି ମିଳିବା ପ୍ରଥମ ଘଟଣା ନୁହେଁ। ମାଳାଭାଲିର ନିଦାଘଟ୍ଟା ଗାଁରେ ରାବଣଙ୍କ ଏକ ପ୍ରାଚୀନ ମନ୍ଦିର ପୂର୍ବରୁ ରହିଛି, ଯେଉଁଠାରେ ସ୍ଥାନୀୟ ଲୋକମାନେ ତାଙ୍କୁ ଶତାବ୍ଦୀ ଧରି ଭଗବାନ ଶିବଙ୍କ ଜଣେ ବଡ଼ ଭକ୍ତ ଭାବରେ ପୂଜା କରିଆସୁଛନ୍ତି। ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ଏହି ଆବିଷ୍କାର ପ୍ରାଚୀନ ଦକ୍ଷିଣ ଭାରତର ସାଂସ୍କୃତିକ ଏବଂ ଧାର୍ମିକ ଇତିହାସରେ ନୂତନ ଅଧ୍ୟାୟ ଖୋଲିବ।

## ମହୀଶୂରରେ ବଙ୍ଗୀୟ ମହିଳାଙ୍କୁ ଗଣଦୁଷ୍କର୍ମ ପରେ ଲୁଟ୍

ବେଙ୍ଗାଲୁରୁ: କର୍ଣ୍ଣାଟକର ମହୀଶୂରରେ ପଶ୍ଚିମବଙ୍ଗର ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ କରିବା ସହ ଲୁଟ୍ କରିବା ଅଭିଯୋଗରେ ପୁଲିସ ମଙ୍ଗଳବାର ୩ ଜଣଙ୍କୁ ଗିରଫ କରିଛି। ଘଟଣା ପରେ ସ୍ୱତନ୍ତ୍ର ତଦନ୍ତ କରି ପୁଲିସ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଛି। ପୁଲିସ ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ଏହି ମହିଳା ମହୀଶୂରକୁ ଆସିଥିବାବେଳେ ତିନିଜଣ ଅଭିଯୁକ୍ତ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ଗଣଦୁଷ୍କର୍ମ କରିଥିଲେ। ଏହା ପରେ ତାଙ୍କ ନିକଟରେ ଥିବା ଟଙ୍କା, ମୋବାଇଲ ଫୋନ୍ ଓ ଅନ୍ୟ ଜିନିଷପତ୍ର ଲୁଟ୍ କରି ଫେରାର ହୋଇଯାଇଥିଲେ। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ସିସିଟିଭି ଫୁଟେଜ୍, ବୈଷୟିକ ପ୍ରମାଣ ଓ ସ୍ଥାନୀୟ ସୂଚନା ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ତିନିଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଲୁଟ୍ ହୋଇଥିବା କିଛି ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ପୁଲିସ କହିଛି, ଭାରତୀୟ ନ୍ୟାୟ ସଂହିତାର ସମ୍ପୃକ୍ତ ଧାରାରେ ଗଣଦୁଷ୍କର୍ମ, ଲୁଟ୍ ଓ ଅନ୍ୟାନ୍ୟ ଅପରାଧ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ ଅଦାଲତରେ ହାଜର କରାଯିବ ଏବଂ ସେମାନଙ୍କୁ ପୁଲିସ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରାଯିବ। ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେ ଦିଗରେ ମଧ୍ୟ ତଦନ୍ତ ଚାଲିଛି। ଘଟଣା ପରେ ପୀଡ଼ିତାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ପଠାଯାଇଥିବାବେଳେ ତାଙ୍କୁ ଆବଶ୍ୟକ ଚିକିତ୍ସା ଓ ଆଇନଗତ ସହାୟତା ଯୋଗାଇ ଦିଆଯାଉଛି।

# ଚାକିରି ନାମରେ ବଢୁଛି ଠକେଇ, ସତର୍କ କଲା ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର



ନୂଆଦିଲ୍ଲୀ: ଲିଙ୍କଡ୍‌ଇନ୍ ଭଳି ପେସାଦାର ସୋସିଆଲ ନେଟୱର୍କିଂ ପ୍ଲାଟଫର୍ମକୁ ଆଧାର କରି ସାଇବର ଅପରାଧୀମାନେ ଚାକିରି ଖୋଜୁଥିବା ଯୁବପିଢ଼ିଙ୍କୁ ଟାର୍ଗେଟ କରୁଛନ୍ତି। ଉଚ୍ଚ ଦରମା, ଘରୁ କାମ, ରିମୋଟ୍ ଇଣ୍ଟର୍ନସିପ୍ ଏବଂ ସାକ୍ଷାତକାର ବିନା ତୁରନ୍ତ ନିଯୁକ୍ତିର ପ୍ରଲୋଭନ ଦେଇ ଠକେଇ ବଢୁଥିବାରୁ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର (ଓ୪ଉ) ସତର୍କ ସୂଚନା ଜାରି କରିଛି।

ସାଇବର ସୁରକ୍ଷା ବିଶେଷଜ୍ଞ ରାହୁଲ ମିଶ୍ରଙ୍କ କହିବାନୁସାରେ, ଠକମାନେ ବଡ଼ ବଡ଼ କମ୍ପାନିର ଏଚଆର କିମ୍ବା ରିକ୍ରୁଟର ଭାବେ ନକଲି ପ୍ରୋଫାଇଲ୍ ସୃଷ୍ଟି କରି ଚାକିରି ପ୍ରାର୍ଥୀଙ୍କ ସହ ଯୋଗାଯୋଗ କରୁଛନ୍ତି। ସାକ୍ଷାତକାର ବିନା ନିଯୁକ୍ତି ଦେବାର ପ୍ରତିଶ୍ରୁତି ସହ ପଞ୍ଜିକରଣ ଫି, ପ୍ରଶିକ୍ଷଣ ଶୁଳ୍କ, ଡକ୍ୟୁମେଣ୍ଟ ଯାଞ୍ଚ ଫି କିମ୍ବା ଲାପଟପ୍ ଚାର୍ଜ ନାଁରେ ଟଙ୍କା ଆଦାୟ କରୁଛନ୍ତି। ଏହା ସହ ବ୍ୟାଙ୍କ ଖାତା, ପ୍ୟାନ୍, ଆଧାର ଓ ଅନ୍ୟାନ୍ୟ ସମ୍ବେଦନଶୀଳ ତଥ୍ୟ ହାସଲ କରି ପରବର୍ତ୍ତୀ ସମୟରେ ସାଇବର ଅପରାଧରେ ବ୍ୟବହାର କରୁଛନ୍ତି।

ବିଶେଷଜ୍ଞଙ୍କ ମତରେ, ଏହି ଠକେଇର ପ୍ରମୁଖ ଟାର୍ଗେଟ୍ ହେଉଛନ୍ତି ଫ୍ରେସର, କଲେଜ ଛାତ୍ରଛାତ୍ରୀ, ଇଣ୍ଟର୍ନସିପ୍ ଖୋଜୁଥିବା ପ୍ରାର୍ଥୀ, କ୍ୟାରିୟର ପରିବର୍ତ୍ତନ କରିବାକୁ ଚାହୁଁଥିବା କର୍ମଚାରୀ ଏବଂ 'ଓପେନ୍ ଟୁ ୱାର୍କ' ବିକଳ୍ପ ସକ୍ରିୟ କରିଥିବା ଲିଙ୍କଡ୍‌ଇନ୍ ବ୍ୟବହାରକାରୀ। ପ୍ରକୃତ ଓ ନକଲି ଚାକିରି ପ୍ରସ୍ତାବ ମଧ୍ୟରେ ପାର୍ଥକ୍ୟ କରିବା ପାଇଁ ନିଯୁକ୍ତିଦାତାଙ୍କ ପ୍ରୋଫାଇଲ୍, କମ୍ପାନିର ଅଧିକାରିକ ୱେବସାଇଟ୍, ଇ-ମେଲ୍ ଡୋମେନ୍ ଏବଂ ଚାକିରି ବିଜ୍ଞପ୍ତିକୁ ଯାଞ୍ଚ କରିବାକୁ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ପରାମର୍ଶ ଦେଇଛି। କୌଣସି ପ୍ରକ୍ରିୟା ବିନା ନିଯୁକ୍ତି, ତୁରନ୍ତ ନିଷ୍ପତ୍ତି ନେବାକୁ ଚାପ କିମ୍ବା ପୂର୍ବରୁ ଟଙ୍କା ଦାବି କରାଗଲେ ସତର୍କ ରହିବାକୁ କୁହାଯାଇଛି।

ବିଶେଷଜ୍ଞମାନେ ସ୍ପଷ୍ଟ କରିଛନ୍ତି ଯେ, ଲିଙ୍କଡ୍‌ଇନ୍‌ର ନୀଳ ଟିକ୍ କିମ୍ବା ଭେରିଫାଏଡ୍ ବ୍ୟାଜ୍ କେବଳ ପ୍ରୋଫାଇଲ୍ ଯାଞ୍ଚ ହୋଇଥିବାର ସୂଚନା ଦେଇଥାଏ। ଏହା ଚାକିରି ପ୍ରସ୍ତାବର ବିଶ୍ୱସନୀୟତାର ଗ୍ୟାରେଣ୍ଟି ନୁହେଁ। ସେହିପରି ଚାକିରିର ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ୟାଙ୍କ ବିବରଣୀ, ପ୍ୟାନ୍, ଆଧାର, ଓଟିପି କିମ୍ବା ପାସୱାର୍ଡ ଭଳି ସମ୍ବେଦନଶୀଳ ସୂଚନା କେବେବି ସେୟାର ନ କରିବାକୁ ପରାମର୍ଶ ଦିଆଯାଇଛି।

ଯଦି କେହି ଏପରି ଠକେଇର ଶିକାର ହୁଅନ୍ତି, ତେବେ ତୁରନ୍ତ ବ୍ୟାଙ୍କକୁ ସୂଚନା ଦେବା, ସମସ୍ତ ପାସୱାର୍ଡ ପରିବର୍ତ୍ତନ କରିବା, ସାଇବର ହେଲ୍ପଲାଇନ୍ ୧୯୩୦ରେ ଯୋଗାଯୋଗ କରିବା ଏବଂ ମଙ୍ଗଭରକ୍ସମକ୍ସଙ୍କର.ଶକ୍ଙ୍ଖ.ସଭରେ ଅଭିଯୋଗ ଦାଖଲ କରିବାକୁ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ଆହ୍ୱାନ କରିଛି। ସେହିପରି ଠକେଇ ସମ୍ପର୍କିତ ସମସ୍ତ ସ୍କ୍ରିନ୍‌ସଟ୍, ଇ-ମେଲ୍, ଚାଟ୍ ଏବଂ କାରବାରର ପ୍ରମାଣ ସଂରକ୍ଷଣ କରି ନିକଟସ୍ଥ ଥାନାରେ ଅଭିଯୋଗ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

## ବିରୋଧୀ ଦଳନେତା ରାହୁଲ ଗାନ୍ଧୀଙ୍କୁ ଅଟକ ରଖିଲା ଦିଲ୍ଲୀ ପୁଲିସ

ନୂଆଦିଲ୍ଲୀ : ରାହୁଲ ଗାନ୍ଧୀଙ୍କୁ ଅଟକ ରଖିଲା ଦିଲ୍ଲୀ ପୁଲିସ । ଲୋକ କଲ୍ୟାଣ ମାର୍ଗରେ ବିରୋଧୀ ଦଳର ପ୍ରତିବାଦ ବେଳେ ଲୋକସଭା ବିରୋଧୀ ଦଳନେତା ରାହୁଲ ଗାନ୍ଧୀଙ୍କ ସମେତ ଅନେକ ବିରୋଧୀ ନେତା ଓ କର୍ମୀଙ୍କୁ ଦିଲ୍ଲୀ ପୁଲିସ ଅଟକ ରଖିଥିବା ସୂଚନା ମିଳିଛି। ରାହୁଲ ଗାନ୍ଧୀ ଅନ୍ୟ ବିରୋଧୀ ନେତା ଓ ସମର୍ଥକଙ୍କ ସହ ପ୍ରତିବାଦ କରୁଥିବା ବେଳେ ପୁଲିସ ସେମାନଙ୍କୁ ଅଟକ ରଖି ନେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ପ୍ରତିବାଦର କାରଣ ଏବଂ ଅଟକ ରଖାଯିବା ସମ୍ପର୍କରେ ଦିଲ୍ଲୀ ପୁଲିସ ପକ୍ଷରୁ ତୁରନ୍ତ କୌଣସି ସରକାରୀ ବିବୃତ୍ତି ଜାରି ହୋଇନାହିଁ। ତେବେ ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି ।.ଛାତ୍ରଙ୍କ ଆନ୍ଦୋଳନ ବେଳେ ପୋଲିସ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛି କଂଗ୍ରେସ। ପ୍ରଧାନମନ୍ତ୍ରୀ ମୋଦିଙ୍କ ବାସଭବନ ଆଗରେ ଜୋରଦାର ବିକ୍ଷୋଭ କରିଥିଲା। ଛାତ୍ରଙ୍କ ଉପରେ ପୋଲିସ ବର୍ବରତା ନେଇ କେନ୍ଦ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି ବିରୋଧୀ।

## ଦିଲ୍ଲୀ ଅଭିମୁଖେ କୃଷକଙ୍କ ପଦଯାତ୍ରାକୁ ଅଟକାଇଲା ପୁଲିସ

ଚଣ୍ଡୀଗଡ଼: କକ୍ରୋଚ୍ ଜନତା ପାର୍ଟି (ସିଜେପି)ର 'ଚଲୋ ସଂସଦ' ଅଭିଯାନ ପରେ ଫେରିଛି କୃଷକଙ୍କ ଆନ୍ଦୋଳନ। ମଙ୍ଗଳବାର ବିଭିନ୍ନ ଦାବି ନେଇ ଦିଲ୍ଲୀ ଅଭିମୁଖେ ପଦଯାତ୍ରା କରୁଥିବା କୃଷକମାନଙ୍କୁ ପଞ୍ଜାବ-ହରିୟାଣାର ଶମ୍ଭୁ ସୀମାରେ ପୁଲିସ ଅଟକାଇ ଦେଇଛି। ବ୍ୟାରିକେଡ୍, କଣ୍ଟେନର ଓ ବହୁସଂଖ୍ୟକ ସୁରକ୍ଷାକର୍ମୀ ମୁତୟନ କରି କୃଷକମାନଙ୍କୁ ଆଗକୁ ବଢ଼ିବାକୁ ଦିଆଯାଇ ନ ଥିଲା। ଏହାକୁ ନେଇ ସୀମାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ଓ କିଷାନ ମଜଦୁର ମୋର୍ଚ୍ଚାର ନେତୃତ୍ୱରେ କୃଷକମାନେ ପୁଣିଥରେ ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସେମାନଙ୍କର ମୁଖ୍ୟ ଦାବି ହେଉଛି ସମସ୍ତ ଫସଲ ପାଇଁ ଆଇନଗତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ର ଗ୍ୟାରେଣ୍ଟି, କୃଷକଙ୍କ ଋଣ ଛାଡ଼, ଆନ୍ଦୋଳନ ସମୟରେ ଦାଖଲ ହୋଇଥିବା ମାମଲା ପ୍ରତ୍ୟାହାର ଏବଂ ଲଖିମପୁର ଖେରୀ ହିଂସା ଘଟଣାରେ ନ୍ୟାୟ ପ୍ରଦାନ। କୃଷକ ନେତାମାନଙ୍କ କହିବା ଅନୁସାରେ, କେନ୍ଦ୍ର ସରକାର ପୂର୍ବରୁ ଦେଇଥିବା ଅନେକ ପ୍ରତିଶ୍ରୁତି ପାଳନ କରିନାହାନ୍ତି। ବିଶେଷ କରି ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ଦେବା ଏବଂ କୃଷକଙ୍କ ଅନ୍ୟାନ୍ୟ ଦାବି ପୂରଣ ନେଇ କୌଣସି ସ୍ପଷ୍ଟ ପଦକ୍ଷେପ ନିଆଯାଇ ନ ଥିବାରୁ ସେମାନେ ପୁଣିଥରେ ଆନ୍ଦୋଳନର ପଥ ବାଛିଛନ୍ତି। ସରକାରଙ୍କ ସହ ଅନେକ ପର୍ଯ୍ୟାୟର ଆଲୋଚନା ସତ୍ତ୍ୱେ ସମାଧାନ ବାହାରି ନ ଥିବାରୁ ସେମାନେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷରେ, ହରିୟାଣା ସରକାର ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ଶମ୍ଭୁ ସୀମାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରିଛନ୍ତି। ପୁଲିସ କହିଛି, ଅନୁମତି ବିନା କାହାକୁ ଦିଲ୍ଲୀ ଅଭିମୁଖେ ଯିବାକୁ ଦିଆଯିବ ନାହିଁ। ପରିସ୍ଥିତିକୁ ଦୃଷ୍ଟିରେ ରଖି ସୀମା ଅଞ୍ଚଳରେ ଅତିରିକ୍ତ ପୁଲିସ ବଳ ମୁତୟନ କରାଯାଇଛି। କୃଷକ ସଂଗଠନଗୁଡ଼ିକ କହିଛନ୍ତି, ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ।

# ଗିରଫ ହେବେ କ୍ରିକେଟର ଅଭିଷେକ ପୋରେଲ

## ହାଇକୋର୍ଟଙ୍କ ନିର୍ଦ୍ଦେଶ

କୋଲକାତା, ୨୧।୭: ଅଡୁଆରେ ବେଙ୍ଗଲ କ୍ରିକେଟର ଅଭିଷେକ ପୋରେଲ। ଦୁଷ୍କର୍ମ ଅଭିଯୋଗରେ ଫସିଥିବା ଅଭିଷେକଙ୍କୁ ତୁରନ୍ତ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କ୍ୟାଲକାଟା ହାଇକୋର୍ଟ। ଏଥିସହ ପୀଡିତାଙ୍କ ପରିଚୟ ଓ ସମ୍ମାନକୁ ସୁରକ୍ଷିତ କରିବା ପାଇଁ ତୁରନ୍ତ ପୋରେଲଙ୍କ ମୋବାଇଲ ଜବତ କରିବାକୁ ମଧ୍ୟ କୋର୍ଟ କହିଛନ୍ତି।



ବିବାହର ପ୍ରତିଶ୍ରୁତି ଦେଇ ପୋରେଲ ମେଡିକାଲ ପାଠ୍ୟକ୍ରମର ଜଣେ ତୃତୀୟ ବର୍ଷର ଛାତ୍ରୀଙ୍କୁ ଯୌନ ନିର୍ଯାତନା ଓ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏନେଇ ଛାତ୍ରୀ ଜଣଙ୍କ ପୁଲିସ୍‌ର ଦ୍ୱାରସ୍ଥ ହୋଇଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ସେ ହାଇକୋର୍ଟଙ୍କ ପାଖରେ ପହଞ୍ଚିଥିଲେ। ଅଭିଯୋଗ ପ୍ରତ୍ୟାହାର ନ କଲେ ପୋରେଲ ତାଙ୍କର ଆପତ୍ତିଜନକ ଫଟୋ ସବୁ ଭାଇରାଲ କରିଦେବାର ଧମକ ଦେଇଥିବା ପୀଡିତା ହାଇକୋର୍ଟଙ୍କୁ ଜଣାଇଥିଲେ।

ଜଷ୍ଟିସ ସୌଗତ ଭଟ୍ଟାଚାର୍ଯ୍ୟ କଡା ଭାଷାରେ ପୁଲିସ୍‌କୁ ତୁରନ୍ତ ପୋରେଲଙ୍କୁ ଗିରଫ କରି ସମସ୍ତ ବୈଦ୍ୟୁତିକ ଉପକରଣ ସିଜ କରିବାକୁ କହିଛନ୍ତି। ଏହାଦ୍ୱାରା ବୈଦ୍ୟୁତିକ ଉପକରଣରେ ଥିବା ତଥ୍ୟଗୁଡିକୁ ସୁରକ୍ଷିତ ଭାବେ ହାସଲ କରାଯାଇପାରିବ। ଏହାର ଜବାବରେ ପୁଲିସ୍ କହିଛି ଯେ ସେମାନେ ଗୋଟିଏ ପେନ ଡ୍ରାଇଭ ଜବତ କରିଛନ୍ତି ଓ ଏହାକୁ ଫରେନ୍ସିକ ଯାଞ୍ଚ ପାଇଁ ପଠାଯାଇଛି। କିନ୍ତୁ ପୋରେଲ ଘଟଣା ପରଠାରୁ ଫେରାର ରହିଛନ୍ତି। ହୁଗଲୀରେ ଥିବା ମୋଗ୍ରା ପୁଲିସ୍ ଷ୍ଟେସନ ପୂରା ଘଟଣାର ତଦନ୍ତ କରୁଛି। ଅଭିଯୋଗ ହୋଇଛି ଯେ ପୋରେଲ ଛାତ୍ରୀଙ୍କୁ ୨୦୨୩ ଜାନୁଆରୀ ମାସରେ ପ୍ରଥମେ ଭେଟିଥିଲେ। ଏହାପରେ ଉଭୟ ପରସ୍ପରର ଯୋଗାଯୋଗରେ ରହିଥିଲେ।

ପୋରେଲ ଛାତ୍ରୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇଥିଲେ ଓ ଉଭୟ ପରିବାର ମଧ୍ୟ ଏଥିରେ ସହମତି ହୋଇଥିଲେ। ବିବାହର ପ୍ରତିଶ୍ରୁତି ଦେଇ ସେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ ଓ ପୀଡିତାଙ୍କ ଅଜାଣତରେ ତାଙ୍କର ଆପତ୍ତିଜନକ ଫଟୋ ସବୁ ରେକର୍ଡ କରି ନେଇଥିଲେ। ୨୦୨୬ ଏପ୍ରିଲ ୨ରେ ଛାତ୍ରୀ ଜଣଙ୍କ ପୋରେଲଙ୍କୁ ଭେଟିବାକୁ ଦିଲ୍ଲୀ ଯାଇଥିଲେ। କିନ୍ତୁ ସେଠାରେ ତାଙ୍କୁ ନିର୍ଯାତନା ଦିଆଯାଇଥିଲା। ତାଙ୍କୁ ଏକଘରକିଆ କରି ଖାଦ୍ୟ ଦିଆଯାଇ ନଥିଲା। ସ୍ଥିତି ଅଧିକ ଜଟିଳ ହେବାରୁ ଛାତ୍ରୀ ଜଣଙ୍କ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପୋରେଲ ତାଙ୍କ ସହ ସମ୍ପର୍କଚ୍ଛିନ୍ନ କରିବାକୁ ବାରମ୍ବାର ଧମକ ଦେବାରୁ ସେ ପ୍ରଥମେ ଏଫଆଇଆର କରିଥିଲେ। ହେଲେ ପୁଲିସ୍‌ର ନିଷ୍କ୍ରିୟତା ଯୋଗୁ ପୀଡିତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଫୁଟ୍‌ବଲ୍ କିଂବଦନ୍ତି କେଭିନ୍ କିଗାନଙ୍କ ଦେହାନ୍ତ

ନୂଆଦିଲ୍ଲୀ: ଇଂଲଣ୍ଡ ଜାତୀୟ ଫୁଟ୍‌ବଲ୍ ଦଳର ପୂର୍ବତନ ଅଧିନାୟକ ତଥା ପ୍ରଶିକ୍ଷକ କେଭିନ୍ କିଗାନଙ୍କର ମଙ୍ଗଳବାର ୭୫ ବର୍ଷ ବୟସରେ ଦେହାନ୍ତ ଘଟିଛି। କର୍କଟ ରୋଗ ସହ ସଂଗ୍ରାମ କରିବା ପରେ ସେ ଜୀବନ ଯୁଦ୍ଧରେ ହାରିଯାଇଛନ୍ତି। ଖେଳାଳି ଓ ପ୍ରଶିକ୍ଷକ ଭାବେ ଇଂଲିସ ଫୁଟ୍‌ବଲ୍‌ରେ କିଗାନ ଅନେକ ଉଲ୍ଲେଖନୀୟ ପ୍ରଭାବ ଛାଡିଯାଇଛନ୍ତି। ଫୁଟ୍‌ବଲ୍ ଦୁନିଆ ଏବେ ଏହି ମହାନ କିଂବଦନ୍ତିଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। ଲିଭରପୁଲ୍ ଓ ହାମ୍ବର୍ଗ ସହ ଖେଳ ଜୀବନ କାଟିଥିବା କିଗାନ ଏକାଧିକ ଟ୍ରଫି ଜିତିଥିବାବେଳେ ପ୍ରଥମ ବ୍ରିଟିସ୍ ଖେଳାଳି ଭାବେ ଦୁଇ ଥର ବାଲନ୍ ଓ'ଡାଓୟ ପୁରସ୍କାର ପାଇଥିଲେ।



୧୯୯୦ରେ ନ୍ୟୁକାସଲ୍ କ୍ଲବ୍‌ର ମ୍ୟାନେଜର ଭାବେ ସେ ଏହାର ଭାଗ୍ୟରେ ବଡ ପରିବର୍ତ୍ତନ ଆଣିଥିଲେ। ଏପରିକି ପ୍ରିମିୟର ଲିଗ୍ ବିଜେତା ହେବାର ପାଖରେ ପହଞ୍ଚିଯାଇଥିଲେ। ଇଂଲିସ ଫୁଟ୍‌ବଲ୍‌ରେ ତାଙ୍କ ଲୋକପ୍ରିୟତା ଓ ଅବଦାନକୁ ସ୍ମରଣ କରି ପୂର୍ବତନ ଖେଳାଳି ଆଲାନ ସିୟରର ମଧ୍ୟ ଶୋକ ପ୍ରକଟ କରିଛନ୍ତି। ଭାବବିହ୍ୱଳ ହୋଇ ଲେଖିଛନ୍ତି 'ମୋ ନାୟକ, ମୋ ପ୍ରଶିକ୍ଷକ, ମୋ ବଂଧୁ-ଆରାମରେ ଶୋଇଯାଅ ମାଲିକ'।ଇଂଲିସ ଫୁଟ୍‌ବଲ୍ ଦୁନିଆରେ 'କିଙ୍ଗ୍ କେଭ୍' ଓ 'ମାଇଟି ମାଉସ୍' କର୍କଟ ରୋଗର ଚତୁର୍ଥ ପର୍ଯ୍ୟାୟରେ ପହଞ୍ଚିଥିଲେ।

ଗତ ଜାନୁଆରି ମାସରେ ଏହି ଘୋଷଣା କରିଥିଲା ତାଙ୍କ ପରିବାର। ଦୁଇ ଥର ୟୁରୋପିଆନ୍ ଫୁଟ୍‌ବଲର୍ ଅଫ୍ ଦି ଇୟର୍ ବିବେଚିତ କିଗାନ ତାଙ୍କ ଖେଳ ଜୀବନରେ ଲିଭରପୁଲ୍ ପାଇଁ ୩୨୩ ମ୍ୟାଚ୍‌ରୁ ୧୦୦ ଗୋଲ୍ ଦେଇଥିଲେ। ଇଂଲଣ୍ଡ ପାଇଁ ସେ ୧୯୭୨ରୁ ୧୯୮୨ ମସିହା ମଧ୍ୟରେ ୬୩ ମ୍ୟାଚ୍ ଖେଳି ୨୧ ଗୋଲ୍ ଦେଇଥିବାବେଳେ ୩୧ଟିରେ ଅଧିନାୟକତ୍ୱ କରିଥିଲେ। କିଗାନ ଏଭଳି ସମୟରେ ଶେଷ ନିଶ୍ୱାସ ଛାଡିଛନ୍ତି ଯେଉଁ ସମୟରେ ଇଂଲଣ୍ଡ ଦୀର୍ଘ ୬୦ ବର୍ଷ ପରେ ବିଶ୍ୱକପ୍‌ରେ ପୋଡିୟମ୍ ଫିନିସ୍ କରିଛି। ଦୁଇ ଦିନ ତଳେ ଫ୍ରାନ୍ସକୁ ୬-୪ରେ ହରାଇ ଇଂଲଣ୍ଡ କାଂସ୍ୟ ପଦକ ହାସଲ କରିଥିଲା।

# ମାରାଡୋନାଙ୍କ ଦୁଃଖରେ ଦୁଃଖୀ ମେସି

ବୁଏନସ ଏରିସ୍, ୨୧।୭: ଫୁଟ୍‌ବଲ୍ ଦୁନିଆ ପୁଣି ମନେ ପକାଇଛି ଅନ୍ୟତମ ମହାନ ଖେଳାଳି ଡିଏଗୋ ମାରାଡୋନାଙ୍କୁ। ୩୬ ବର୍ଷ ତଳେ ମାରାଡୋନା ଯେଭଳି କ୍ରମାଗତ ଟ୍ରଫି ଜିତିବାର ଦୁଃଖରେ ଭାଙ୍ଗିପଡିଥିଲେ ରବିବାର ସେହିଭଳି ଦୁଃଖରେ ବୁଡିଯାଇଥିଲେ ଲିଓନେଲ୍ ମେସି। ୧୯୯୦ ଫାଇନାଲ୍‌ରେ ରୋମର ଷ୍ଟାଡିଓ ଅଲିମ୍ପିକୋରେ ଜର୍ମାନୀ ନିକଟରୁ ହାରି ଆର୍ଜେଣ୍ଟିନା ଟ୍ରଫି ତୋଳି ଧରିବାରୁ ବଞ୍ଚିତ ହୋଇଥିଲେ।



ମାରାଡୋନାଙ୍କ ଆଖିରେ ଏତେ ଲୁହ ଆସିଯାଇଥିଲା ଯେ ତାଙ୍କୁ ବୁଝାଇବା ଭଳି ସ୍ଥିତି ନଥିଲା। ପ୍ରାୟ ୪ ଦଶନ୍ଧି ପରେ ସମାନ ସ୍ଥିତିରେ ରହିଥିଲେ ମେସି। ନ୍ୟୁୟର୍କ ନ୍ୟୁଜର୍ସିର ମେଟ୍‌ଲାଇଫ୍ ଷ୍ଟାଡିୟମ୍‌ରେ ସମାନ ୦-୧ ବ୍ୟବଧାନର ସ୍ପେନ୍‌ଠାରୁ ଆର୍ଜେଣ୍ଟିନା ହାରିଯିବା ପରେ ମେସି ବି ପଡିଆରେ ଲୋଟିପଡିଥିଲେ। ସାଥି ଖେଳାଳି, ପ୍ରତିଦ୍ୱନ୍ଦ୍ୱୀ, ପ୍ରଶିକ୍ଷକ ସମସ୍ତଙ୍କ ସାନ୍ତ୍ୱନା ବି କେଣସି ଫରକ ପକାଇପାରିନଥିଲା। ଏହି ଦୁଇ ମହାନ ଖେଳାଳି କ୍ରମାଗତ ଟ୍ରଫି ହାତେଇବାରୁ ବଞ୍ଚିତ ହୋଇଥିଲେ। ୧୯୮୬ରେ ମାରାଡୋନା ବିଶ୍ୱକପ୍ ଜିତିବା ପରେ ୧୯୯୦ରେ ଏହାକୁ ଦୋହରାଇପାରିନଥିଲେ। ସମାନ ଭାବେ ମେସି ୨୦୨୨ରେ ଜିତିବା ପରେ ୨୦୨୬ରେ ଏଥିରୁ ବଞ୍ଚିତ ହୋଇଛନ୍ତି।

ଆଉ ଏକ ପରିସଂଖ୍ୟାନ ବି ସମାନ କାହାଣୀ ଦେଖାଉଛି। ରବିବାର ମେସିଙ୍କ ଦଳ ସ୍ପେନ୍ ବିପକ୍ଷରେ ବଲ୍ ନିୟନ୍ତ୍ରଣରେ ୩୫ ପ୍ରତିଶତ ରଖିଥିଲେ। ୧୯୯୦ ଫାଇନାଲ୍‌ରେ ମାରାଡୋନାଙ୍କ ଦଳ ଜର୍ମାନୀ ବିପକ୍ଷରେ ମଧ୍ୟ ୩୯ ପ୍ରତିଶତରେ ବଲ୍ ନିୟନ୍ତ୍ରଣ କରି ପଛରେ ପଡିଯାଇଥିଲେ। ରବିବାର ରାତିରେ ସ୍ପେନ୍ କିନ୍ତୁ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରିଥିଲା। ମ୍ୟାଚ୍‌ର ୧୧୬ ମିନିଟ୍ ପର୍ଯ୍ୟନ୍ତ ଆର୍ଜେଣ୍ଟିନା ଗୋଟିଏ ବି ସଟ୍ ସ୍ପେନ୍ ଗୋଲ୍‌ପୋଷ୍ଟ ପହଞ୍ଚିନଥିଲା। ସେତେବେଳକୁ ସ୍ପେନ୍ ୨୦ତମ ସଟ୍‌ରେ ସଫଳ ହୋଇ ଫେରାନ୍ ଟୋରେସଙ୍କ ଜରିଆରେ ବାଜି ମାରି ନେଇଥିଲା।

୪ ବର୍ଷ ତଳେ କତର ସଂସ୍କରଣଠାରୁ ବିଶ୍ୱକପ୍ ବିଜୟର ସ୍ୱପ୍ନକୁ ସାକାର କରି ସାରିଥିଲେ। କିନ୍ତୁ କ୍ରମାଗତ ଟ୍ରଫି ଜିତିବାର ଗେରବ ଅର୍ଜନ ଲାଗି ରଖିଥିବା ଅଭିଳାଷ ପୂର୍ଣ୍ଣ କରିନପାରିବା ପରେ ଏବେ ମହାନ ଫୁଟ୍‌ବଲର୍ ଲିଓନେଲ୍ ମେସି ଯନ୍ତ୍ରଣା ଭିତରେ ଛଟପଟ ହେଉଛନ୍ତି। ରବିବାର ରାତିରେ ସ୍ପେନ୍ ନିକଟରୁ ୦-୧ ଗୋଲ୍‌ରେ ପରାଜୟ ବରଣ ପରେ ମେସି କହିଛନ୍ତି 'ଏ ପରାଜୟ ଯନ୍ତ୍ରଣାଦାୟକ। ଏହା ମୋ ସହ ଚିରକାଳ ରହିବ ଏବଂ ଯନ୍ତ୍ରଣାକୁ ମୁକ୍ତ କରିବା ପାଇଁ ଲମ୍ବା ସମୟ ଲାଗିବ'। ସମାନ ସମୟରେ ମେସି ମଧ୍ୟ ତାଙ୍କ ପ୍ରଶଂସକ ଓ ଦେଶବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ବିଶ୍ୱକପ୍‌ର ପ୍ରତିଟି ମୁହୂର୍ତ୍ତ ଓ ଅଭିଯାନ ସମୟରେ ଦଳକୁ ସମର୍ଥନ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୩୯ ବର୍ଷୀୟ ମେସି ମଧ୍ୟ ବିଜୟୀ ସ୍ପେନ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ତଥାପି ଆର୍ଜେଣ୍ଟିନା ସମର୍ଥକମାନେ ଏକାଠି ରହିବା ଏବଂ ଗର୍ବର ସହ ବିଶ୍ୱକପ୍ ସ୍ମୃତିକୁ ସାଉଁଟିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। କ୍ରମାଗତ ଫାଇନାଲ୍ ଖେଳିବାର ଉପଲବ୍ଧିକୁ ନେଇ ଗର୍ବ କରିବାକୁ କହିଛନ୍ତି।୨୦୨୨ ମସିହା ଫାଇନାଲ୍‌ରେ ମେସିଙ୍କ ଦଳ ଫାଇନାଲ୍‌ରେ ଫ୍ରାନ୍ସକୁ ପରାସ୍ତ କରି ବିଶ୍ୱ ବିଜେତା ହୋଇଥିଲା। ଏଥର ଜିତିପାରିଥିଲେ ଦଳ ବିଶ୍ୱର ତୃତୀୟ ଦେଶ ଭାବେ ଟାଇଟଲ୍ ଜିତି ୬୪ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଥାନ୍ତେ। ଏ ପର୍ଯ୍ୟନ୍ତ କେବଳ ଇଟାଲି (୧୯୩୪ ଓ ୧୯୩୮) ଏବଂ ବ୍ରାଜିଲ୍ (୧୯୫୮ ଓ ୧୯୬୨) ବିଶ୍ୱକପ୍‌କୁ କ୍ରମାଗତ ଜିତିବାର ଦୁଇ ଦେଶ ହୋଇ ରହିଛନ୍ତି।

ଆମ ଦଳ କଠିନ ପରିଶ୍ରମ କରି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ ଭାବେ ପ୍ରମାଣିତ କରିଛି। ଏହି ଖୁସିକୁ ମୁଁ ଧରି ରଖିବି ଏବଂ ଗେରବାନ୍ୱିତ ହୋଇଛି। ଦଳର ଲୁଆ ପ୍ରବୃତ୍ତି ମଧ୍ୟ ପ୍ରଶଂସାର ପାତ୍ର ବୋଲି ମେସି କହିଛନ୍ତି। ବ୍ରାଜିଲର କାଫୁଙ୍କ ପରେ ମେସି ମଧ୍ୟ ବିଶ୍ୱର ଦ୍ୱିତୀୟ ଖେଳାଳି ଭାବେ ୩ଟି ଫାଇନାଲ୍ ଖେଳିଛନ୍ତି। ପୂର୍ବରୁ ସେ ୨୦୧୪ ଓ ୨୦୨୨ରେ ଫାଇନାଲ୍ ଖେଳିଥିଲେ। ଏହି ମହାନ ଫରୱାର୍ଡ ମଧ୍ୟ ଆର୍ଜେଣ୍ଟିନାର ସବୁଠାରୁ ପଦକ ଆଭୂଷିତ ଫୁଟ୍‌ବଲର୍ ହୋଇଛନ୍ତି। ୨୦୨୨ ବିଶ୍ୱକପ୍ ସହିତ ୨୦୨୧ କୋପା ଓ ୨୦୨୪ରେ କୋପା ଆମେରିକା ଟ୍ରଫି ଏବଂ ୨୦୨୨ରେ ଫାଇନାଲିସିମା ଟ୍ରଫି ଜିତଇଲେ। ୮ ଥର ବାଲନ ଡି'ଓର ବିଜେତା ହୋଇ ମହାନତମ ଖେଳାଳି ଭାବେ ଖ୍ୟାତି ଅର୍ଜନ କରିସାରିଛନ୍ତି। 'ଫୁଟ୍‌ବଲ୍‌କୁ ନେଇ ଦେଶ ପୁଣି ଥରେ ଏକାଠି ହୋଇପାରିଥିବାରୁ ମୁଁ ଗର୍ବିତ' ବୋଲି ମେସି ଶେଷରେ କହିଥିଲେ।

# ଦଶମ ଏସିଆନ୍ ଜୁ ଜିତସୁ ପ୍ରତିଯୋଗିତାରେ ଅନୁପମାଙ୍କ ସଫଳତା




ଭୁବନେଶ୍ୱର: କାଜିକିସ୍ତାନ ଠାରେ ଜୁଲାଇ ୧୫ ତାରିଖ ଠାରୁ ଆରମ୍ଭ ହୋଇ ସୋମବାର ଦିନ ଶେଷ ହୋଇଥିବା ଦଶମ ଏସୀୟ ବରିଷ୍ଠ ଜୁ ଜିତସୁ ପ୍ରତିଯୋଗିତାରେ ଓଡିଶା ଜୁ ଜିତସୁ ସଂଘ ତରଫରୁ ଭାରତକୁ ପ୍ରତିନିଧିତ୍ୱ କରିଥିବା ଭାରତର ସୁନାମ ଧନ୍ୟ ଖେଳାଳି ଅନୁପମା ସ୍ୱାଇଁ କାଂସ୍ୟ ପଦକ ହାସଲ କରିଛନ୍ତି।

କନଟାକ୍ଟ ଜୁ-ଜିତସୁ ସିଷ୍ଟମ ପ୍ରତିଯୋଗିତାରେ ମହିଳା ୫୨ କେଜି ବିଭାରେ ଭିଏତନାମ କୁ ହରାଇ ଅନୁପମା କାଂସ୍ୟ ପଦକ ହାସଲ କରିଛନ୍ତି। ଓଡିଶା ପୁଲିସ ରେ କାର୍ଯ୍ୟରତ ଅନୁପମା ୫୨ କିଲୋ ବର୍ଗରେ ଭାରତରୁ ଭାଗ ନେଇଥିବା ବେଳେ ଏହା ତାଙ୍କର ଷଷ୍ଠ ଏସୀୟ ପଦକ ଅଟେ। ଏହି ସଫଳତା ପାଇଁ ଅନୁପମାଙ୍କୁ ଓଡିଶା ରାଜ୍ୟ ଜୁ-ଜିତସୁ ସଂଘ ଓ ଉତ୍କଳ କରାଟେ ସ୍କୁଲର ଜାତୀୟ ଓ ଆନ୍ତର୍ଜାତୀୟ ଖେଳାଳିମାନେ ଅଭିନନ୍ଦନ ଜଣାଇଛନ୍ତି।

# ବାହାରର କୋଳାହଳ ଉପରେ ଧ୍ୟାନ ଦିଏନି : ରୋହିତ

ଲର୍ଡସ୍, ୨୦।୭: ହିଟ୍‌ମ୍ୟାନ୍ ଭାବେ ପରିଚିତ ରୋହିତ ଶର୍ମା ଲର୍ଡସ୍ ଦିନିକିଆରେ ବିସ୍ଫୋରକ ଶତକ ଅର୍ଜନ କରି ସମାଲୋଚକଙ୍କ ମୁହଁ ବନ୍ଦ କରିଦେଇଛନ୍ତି। ଏହା ସହିତ ସେ ତାଙ୍କର ଅବସରକୁ ନେଇ ଚାଲିଥିବା ଚର୍ଚ୍ଚାରେ ବି ଯବନିକା ପକାଇଛନ୍ତି। ମ୍ୟାଚ୍ ପରେ ସମାଲୋଚକଙ୍କୁ କଡ଼ା ଜବାବ ଦେଇ ରୋହିତ କହିଛନ୍ତି ଯେ ବାହାରର 'କୋଳାହଳ' (ସମାଲୋଚନା) ତାଙ୍କୁ ଆଣି ବିଚଳିତ କରେ ନାହିଁ, କାରଣ ନିଜ କ୍ୟାରିୟରର ଆରମ୍ଭରୁ ହିଁ ସେ ଏଥିରେ ଅଭ୍ୟସ୍ତ ହୋଇସାରିଛନ୍ତି। ରୋହିତ କହିଛନ୍ତି, "ମୋର କାମ ହେଉଛି ବ୍ୟାଟ୍ ଧରି ପଡ଼ିଆକୁ ଓହ୍ଲାଇବା, ଖେଳିବା ଏବଂ ମୋ ଦେଶର ପ୍ରତିନିଧିତ୍ୱ କରିବା। ମୁଁ ପଦାର୍ପଣ କରିବା ଦିନଠାରୁ ମୋତେ ଏହା ହିଁ କରିବାକୁ କୁହାଯାଇଛି ଏବଂ ମୁଁ ଏହା ହିଁ କରିଚାଲିଛି। ମୋ କ୍ୟାରିୟରର ପ୍ରଥମ ଦିନରୁ ହିଁ ଏଭଳି ବାହ୍ୟ 'କୋଳାହଳ' ଲାଗି ରହିଛି ଏବଂ ମୁଁ ଯେ ପର୍ଯ୍ୟନ୍ତ କ୍ରିକେଟ୍ ଖେଳୁଥିବି, ତାହା ଚାଲୁଥିବ। ଏହା ମୋ ପାଇଁ କୌଣସି ଗୁରୁତ୍ୱ ରଖେ ନାହିଁ। ମୁଁ ପଡ଼ିଆ ଭିତରେ କଣ କରୁଛି, କେବଳ ସେତିକି ହିଁ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ। ମୁଁ କେବଳ ଦଳର ସଫଳତାରେ ନିଜର ଯୋଗଦାନ ଦେବାକୁ ଚେଷ୍ଟା କରିବାକୁ ଚାହେଁ। ମୋର ସମଗ୍ର ଧ୍ୟାନ କେବଳ ଏହା ଉପରେ ହିଁ କେନ୍ଦ୍ରୀଭୂତ ରହିଛି''। ରୋହିତ ପୂର୍ବରୁ ହିଁ ଟି-୨୦ ଏବଂ ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଛନ୍ତି ଏବଂ ବର୍ତ୍ତମାନ ସେ କେବଳ ଦିନିକିଆ ଫର୍ମାଟ୍‌ରେ ହିଁ ସକ୍ରିୟ ଅଛନ୍ତି। ତେବେ ଇଂଲଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳାର ପ୍ରଥମ ଦୁଇ ମ୍ୟାଚ୍‌ରେ ବିଫଳତା ପରେ ଚର୍ଚ୍ଚା ହେଉଥିଲା ଯେ ସେ ଲର୍ଡସ୍ ଦିନିକିଆ ପରେ ଅବସର ଘୋଷଣା କରିବେ। କିନ୍ତୁ ବିସିସିଆଇ ଏହାକୁ ଖଣ୍ଡନ କରିଥିଲା।




# ହକି ବିଶ୍ୱକପ୍ ଦଳରେ ଅମିତ, ଶିଳାନନ୍ଦ

ନୂଆଦିଲ୍ଲୀ, ୨୧।୭: ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ବେଲଜିୟମ୍ ଓ ନେଦରଲାଣ୍ଡ୍‌ସରେ ଖେଳାଯିବାକୁ ଥିବା ହକି ବିଶ୍ୱକପ୍ ପାଇଁ ହକି ଇଣ୍ଡିଆ ମଙ୍ଗଳବାର ଦଳ ଘୋଷଣା କରିଛି। ଅଭିଜ୍ଞ ଡିଫେଣ୍ଡର୍ ତଥା ଡ୍ରାଗ୍ ଫ୍ଲିକର୍ ହର୍ମନପ୍ରୀତ୍ ସିଂହ ଦଳର ନେତୃତ୍ୱ ନେବେ। ଘୋଷିତ ୨୦ ଜଣିଆ ଦଳରେ ଦୁଇ ଓଡିଆ ପୁଅ ଅମିତ ରୋହିଦାସ ଏବଂ ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି। ଭାରତୀୟ ହକି ନୂଆ ଅଧ୍ୟାୟ ଲେଖିବ ବୋଲି ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲ୍‌ଟନ୍ ଆତ୍ମବିଶ୍ୱାସର ସହ ପ୍ରକାଶ କରିଛନ୍ତି। ଭାରତୀୟ ଦଳ ପୁଲ୍ 'ଡି'ରେ ସ୍ଥାନ ପାଇଥିବାବେଳେ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସରେ ୱେଲ୍ସ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ହର୍ମନପ୍ରୀତ୍‌ଙ୍କ ଦଳରେ ଭେଟେରାନ୍ ମିଡ୍‌ଫିଲ୍ଡର୍ ତଥା ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ କରିଥିବା ମନପ୍ରୀତ୍ ସିଂହଙ୍କ ଅଭିଜ୍ଞତା ସହିତ ଏକାଧିକ ଯୁବ ଖେଳାଳିଙ୍କ ଉପସ୍ଥିତି ମଧ୍ୟ ରହିଛି। କେବଳ ଖ୍ୟାତି ଅନୁସାରେ ନୁହେଁ ପ୍ରଦର୍ଶନ ଆଧାରରେ ଏକ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ଦଳରେ ନିଆଯାଇଛି ବୋଲି ପ୍ରଶିକ୍ଷକ ଫୁଲ୍‌ଟନ୍ ପ୍ରକାଶ କରିଛନ୍ତି।



ଗୋଲକିପିଂ ଦାୟିତ୍ୱ ମୋହିତ ଏଚ୍‌ଏସ ଏବଂ ସୂରଜ କରକେରାଙ୍କ ଉପରେ ରହିଛି। ରକ୍ଷଣଭାଗ ସମ୍ଭାଳିବେ ଜର୍ମାନପ୍ରୀତସିଂହ, ହର୍ମନପ୍ରୀତ୍ ସିଂହ, ଅମିତ ରୋହିଦାସ, ଯୁଗରାଜ ସିଂହ, ସଂଜୟ, ସୁମିତ ଓ ଯଶଦୀପ ସିୱାଚ୍। ସେହିଭଳି ଦଳର ମଧ୍ୟଭାଗ ଦାୟିତ୍ୱ ତୁଲାଇବେ ମନପ୍ରୀତ୍ ସିଂହ, ହାର୍ଦ୍ଦିକ ସିଂହ, ବିବେକ ସାଗର ପ୍ରସାଦଙ୍କ ସହିତ ନୀଳକାନ୍ତ ଶର୍ମା ଏବଂ ଦୁଇ ଯୁବ ତାରକା ରାଜିନ୍ଦର ସିଂହ, ଆଦିତ୍ୟ ଆର୍ଜୁନ ଲାଲାଗେ। ଦଳର ଆକ୍ରମଣ ଦାୟିତ୍ୱ ତଥା ଫରୱାର୍ସ ଭାବେ ଖେଳିବେ ମନଦୀପ୍ ସିଂହ, ଦିଲପ୍ରୀତ୍ ସିଂହ, ଅଭିଷେକ, ସୁଖଜିତ୍ ସିଂହ ଓ ଶିଳାନନ୍ଦ ଲାକ୍ରା।

ପୁଲ୍ 'ଡି'ରେ ଭାରତ ସହିତ ୱେଲ୍ସ, ପାକିସ୍ତାନ ଓ ଇଂଲଣ୍ଡ ରହିଛନ୍ତି। ନେଦରଲାଣ୍ଡ୍‌ସର ଆମଷ୍ଟଲଭିନଠାରେ ଭାରତ ନିଜ ସମସ୍ତ ପୁଲ୍ ମ୍ୟାଚ୍ ଖେଳିବ। ଜୁଲାଇ ୧୫ରେ ୱେଲ୍ସ, ୧୭ରେ ଇଂଲଣ୍ଡ ଏବଂ ୧୯ ତାରିଖରେ ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଖେଳିବ ହର୍ମନପ୍ରୀତ୍‌ଙ୍କ ଦଳ। ଭାରତ ପୁରୁଷ ହକି ବିଶ୍ୱକପ୍‌ର ପ୍ରଥମ ୩ ସଂସ୍କରଣରେ ପଦକ ଜିତିବା ପରଠାରୁ ୫୧ ବର୍ଷ ହେଲାଣି ସଂଘର୍ଷ କରି ଆସୁଛି। ଏହି ଅଲୋଡା ଧାରାକୁ ପରିବର୍ତ୍ତନ କରିବାକୁ ହର୍ମନପ୍ରୀତ୍ ଓ ଫୁଲଟନ୍ ଆଶାବାଦୀ ଅଛନ୍ତି। ସୂଚନାଯୋଗ୍ୟ, ଭାରତ ୧୯୭୧ରେ କାଂସ୍ୟ, ୧୯୭୩ରେ ରେପ୍ୟ ଏବଂ ୧୯୭୫ରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ବିଗତ ଦୁଇ ସଂସ୍କରଣ ଓଡିଶାରେ ଖେଳାଯାଇଥିଲେ ମଧ୍ୟ ଭାରତ ପଦକ ପର୍ଯ୍ୟନ୍ତ ପହଞ୍ଚିପାରିନଥିଲା।

## ଚାମ୍ପିୟନ ସ୍ପେନ୍ ଦଳକୁ ଭବ୍ୟ ସ୍ୱାଗତ

ମାଡ୍ରିଡ୍, ୨୧।୭: ସ୍ପେନ୍‌ର ବିଶ୍ୱ ଚାମ୍ପିୟନ ଫୁଟବଲ ଦଳ ମଙ୍ଗଳବାର ସ୍ୱଦେଶ ଫେରିଛି। ଦଳକୁ ସ୍ୱାଗତ କରିବା ପାଇଁ ପାଖାପାଖି ୨୦ ଲକ୍ଷ ପ୍ରଶଂସକ ମାଡ୍ରିଡ୍ ରାସ୍ତାରେ ଏକତ୍ରିତ ହୋଇଥିଲେ। ଦଳର ୨୬ ଖେଳାଳି ଓ କୋଚିଂ ଷ୍ଟାଫ୍ ରାଜଧାନୀରେ ପହଞ୍ଚିବା ପରେ ଦେଶର ରାଜ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ଏହାପରେ ସେମାନେ ପ୍ରଧାନମନ୍ତ୍ରୀ ପେଡ୍‌ରୋ ସାଞ୍ଚଜଙ୍କୁ ଭେଟିଥିଲେ। ପରେ ଦଳକୁ ଏକ ଖୋଲା ବସରେ ପ୍ରଶଂସକଙ୍କ ମଧ୍ୟରେ ସେଣ୍ଟ୍ରାଲ ମାଡ୍ରିଡ୍ ନିଆଯାଇଥିଲା।

ଉକ୍ତ ବସ୍‌ରେ ଫୁଟବଲରଙ୍କ ଫଟୋ ସହିତ 'ଷ୍ଟାର୍ସ ଶାଇନ ଟୁଗେଦର' ଉଲ୍ଲେଖ ଥିଲା। ସେହିଭଳି ଖେଳାଳିଙ୍କ ଶାର୍ଟରେ ସୋମସ କାମ୍ପଓ୍ୱୋନ୍ସ (ଆମେ ଚାମ୍ପିୟନ) ଉଲ୍ଲେଖ ରହିଥିଲା। ବିଶ୍ୱକପ୍ ଟ୍ରଫି ଧରିଥିବା ଖେଳାଳିମାନେ ପ୍ରଶଂସକଙ୍କ ସହ ଫଟୋ ଉଠାଇବା ସହ ଡ୍ୟାନ୍ସ କରିଥିଲେ। ଏହାପରେ ଦଳକୁ ପ୍ରଧାନମନ୍ତ୍ରୀଙ୍କ ବାସଭବନ ମନକ୍‌ଲୋଆ ପାଲେସଠାରୁ ସିବେଲେସ ସ୍କୟାର ନିଆଯାଇଥିଲା, ସେଠାରେ ବିଜୟ ଉତ୍ସବ ପାଇଁ ୧,୨୦,୦୦୦ ପ୍ରଶଂସକ ଏକତ୍ରିତ ହୋଇଥିଲେ। ଏହା ରିୟଲ ମାଡ୍ରିଡ୍ ପାଇଁ ପାରମ୍ପରିକ ଉତ୍ସବ ସ୍ଥଳ। ସେଠାରେ ପ୍ରସ୍ତୁତ ମଞ୍ଚରେ ପ୍ରତି ଖେଳାଳି ସେମାନେ ବାଛିଥିବା ଗୀତରେ ଏଣ୍ଟ୍ରି କରିଥିଲେ। ୨୫ତମ ଜନ୍ମଦିନ ପାଳନ କରୁଥିବା ଆଲେକ୍ସ ବାଏନା ବିଶ୍ୱକପ୍ ଟ୍ରଫି ସହ ମଞ୍ଚରେ ପ୍ରବେଶ କରିଥିଲେ। ଖେଳାଳିଙ୍କ ସହ ଗାୟକ ଆଇଟାନା, ଆନା ମେନା ଓ ଲୋଲା ଇଣ୍ଡିଗୋ ପ୍ରଶଂସକଙ୍କୁ ଏଣ୍ଟରଟେନ କରିଥିଲେ। ଶେଷରେ ସମ୍ପୂର୍ଣ୍ଣ ସ୍ପେନ ଦଳ ଟ୍ରଫି ଉଠାଇ କାର୍ଯ୍ୟକ୍ରମ ଶେଷ କରିଥିଲେ।



# 'ଜିମ୍ବାୱେ ପାଖରେ ସିରିଜ୍ ଜିତିବା ସୁଯୋଗ'

ହରାରେ, ୨୧।୭: ଆସନ୍ତା ଗୁରୁବାର ଭାରତ ଓ ଜିମ୍ବାୱେ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଜିମ୍ବାଓ୍ୱେ ଅଧିନାୟକ ଶିକନ୍ଦର ରାଜାଙ୍କ ମତରେ ଏହି ସିରିଜ୍‌ରେ ଭାରତ ଫେଭରାଇଟ୍ ନୁହେଁ, ବରଂ ଉଭୟ ଦଳ ପାଖରେ ସିରିଜ୍ ଜିତିବା ପାଇଁ ସମାନ ସୁଯୋଗ ରହିଛି। ଲଗାତର ଦୁଇ ଥର ଟି୨୦ ବିଶ୍ୱକପ୍ ବିଜେତା ଭାରତ ନୂଆ ଅଧିନାୟକ ଶ୍ରେୟସ ଆୟାରଙ୍କ ନେତୃତ୍ୱରେ ପ୍ରଥମେ ଆୟର୍ଲାଣ୍ଡଠାରୁ ୨-୦ରେ ଓ ଇଂଲଣ୍ଡଠାରୁ ୪-୦ରେ ପରାସ୍ତ ହୋଇଛି। ଏହାପରେ ଭ୍ରମଣକାରୀ ଦଳ ଇଂଲଣ୍ଡଠାରୁ ଦିନିକିଆ ସିରିଜ୍‌ରେ ମଧ୍ୟ ପରାସ୍ତ ହୋଇଛି।

ଭାରତ ଓ ଜିମ୍ବାଓ୍ୱେ ପାଖରେ ସିରିଜ୍ ଜିତିବାର ସମାନ ସୁଯୋଗ ରହିଛି। ମୁଁ ନିଶ୍ଚିତ ଯେ, ଏହି ସିରିଜ୍ ଖୁବ ଏଣ୍ଟରଟେନିଂ ହେବ। କାରଣ ଜିମ୍ବାଓ୍ୱେ ନିକଟ ଅତୀତରେ ସ୍ଥିର ଓ ପ୍ରଶଂସକଙ୍କ ମନ ଜିତିଲା ଭଳି ପ୍ରଦର୍ଶନ କରିଛି। ହଁ, ଭାରତୀୟ ଦଳ ଏବେ ଟ୍ରାଞ୍ଜିଶନ ସମୟ ଦେଇ ଗତିକରୁଛି। ଏହି ସିରିଜ୍‌ରେ ଆହୁରି କିଛି ନୂଆ ଖେଳାଳି ଖେଳିବେ। କିନ୍ତୁ ଏହି ସିରିଜ୍ ଏକତରଫା ହେବ ନାହିଁ ' ବୋଲି ରାଜା କହିଛନ୍ତି।ଗତ ଫେବୃଆରୀରେ ଟି୨୦ ବିଶ୍ୱକପ୍‌ରେ ଜିମ୍ବାଓ୍ୱେ ୨୩ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ସ୍ମରଣୀୟ ବିଜୟ ହାସଲ କରିଥିଲା। ୩ ମ୍ୟାଚ୍ ବିଶିଷ୍ଟ ସିରିର ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍ ସମାନ ଭେନ୍ୟୁରେ ଯଥାକ୍ରମେ ୨୫ ଓ ୨୬ ତାରିଖରେ ଖେଳାଯିବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ